

ହସ୍ତେ ସ୍ଫଟିକ ମାଳୀକାମ୍ ବିଦଧତୀଂ
ପଦ୍ମାସନେ ସଂସ୍ଥିତାମ୍,
ବନ୍ଦେତାଂ ପରମେଶ୍ୱରୀଂ ଭଗବତୀଂ
ବୁଦ୍ଧିପ୍ରଦାମ୍ ଶାରଦାମ୍।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-208 ◆FRIDAY ◆23 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୦୮ ◆ଶୁକ୍ରବାର ◆୨୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 31 ଜାନୁଆରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଘଣ୍ଟିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ। ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

**Authorised Dealers for BAJAJ Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016**, • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

# ଆନ୍ଧ୍ରରେ ୧୬ ବର୍ଷରୁ କମ୍ ପିଲାଙ୍କ ଉପରେ ଲାଗିବ କଟକଣା



**ଅଷ୍ଟ୍ରେଲିଆ ଭଳି ପିଲାଙ୍କ ପାଇଁ ନିଷିଦ୍ଧ ହେବ ସାମାଜିକ ଗଣମାଧ୍ୟମ**

ହାଇଦରାବାଦ୍, ୨୨।୧(ଏଜେନ୍ସି): ନାବାଳକଙ୍କ ଉପରେ ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମର ନକରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଏକ ଦୃଷ୍ଟାନ୍ତମୂଳକ ଆଇନ୍ ପ୍ରଣୟନ କରିଥିଲା। ଏହା ଦ୍ୱାରା ନାବାଳକଙ୍କ ପାଇଁ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରାଯାଇଥିଲା। ଅଷ୍ଟ୍ରେଲିଆର ଏହି ପଦକ୍ଷେପଠାରୁ ପ୍ରେରଣା ନେଇ ଏବେ ଆନ୍ଧ୍ରପ୍ରଦେଶ ସରକାର ଏହି ଭଳି ନୀତି ଆପଣାଇବାକୁ ଯାଉଛନ୍ତି। ଆନ୍ଧ୍ର ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଇବାକୁ ବିଚାର କରୁଛି। ଡାଭୋସରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚରେ ଭାଷଣ ଦେଇ ଆନ୍ଧ୍ର ଆଇଟି ମନ୍ତ୍ରୀ ନାରା ଲୋକେଶ କହିଛନ୍ତି ଯେ, ସରକାର ଅଷ୍ଟ୍ରେଲିଆର ଏହି ପଦକ୍ଷେପ ତଥା ଅଭିମୁଖ୍ୟକୁ ନିକଟରୁ ଅଧ୍ୟୟନ କରୁଛନ୍ତି। ପିଲାମାନଙ୍କ ପାଇଁ ଆମକୁ ଏକ ଦୃଢ଼ ଆଇନଗତ ଢାଞ୍ଚା ସୃଷ୍ଟି କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆ ୨୦୨୪ରେ ମାନସିକ ସ୍ୱାସ୍ଥ୍ୟ, ଅନଲାଇନ୍ କ୍ଷତି, ସାଇବର ଧମକ ଓ ନିଶା ଆଲଗାରିଦିମ ସଂକ୍ରାନ୍ତରେ ବଢୁଥିବା ଚିନ୍ତାକୁ ଉଲ୍ଲେଖ କରି ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମକୁ ନିଷିଦ୍ଧ କରିଥିଲା ଓ ଏ ନେଇ ଆଇନ ପ୍ରଣୟନ କରିଥିଲା। ତେଲଗୁ ଦେଶମ ପାର୍ଟି (ଟିଡିପି)ର ଜାତୀୟ ମୁଖପାତ୍ର ଦୀପକ ରେଡ୍ଡୀ କହିଛନ୍ତି ଯେ, ମନ୍ତ୍ରୀ ନାରା ଲୋକେଶ ଛୋଟ ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ସମ୍ପର୍କରେ ଗମ୍ଭୀର ଚିନ୍ତାଧାରାକୁ ଠିକ୍ ଭାବେ ଉଜାଗର କରିଛନ୍ତି। ଆନ୍ଧ୍ର ସରକାର ଏବେ ଅଷ୍ଟ୍ରେଲିଆର ଏହି ଆଇନ୍‌ର ଯାଞ୍ଚ କରୁଛନ୍ତି ବୋଲି ସେ କହିଛନ୍ତି। ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଆନ୍ଧ୍ର ଭାରତର ପ୍ରଥମ ରାଜ୍ୟ ଭାବେ ନାବାଳଙ୍କ ପାଇଁ ନାବାଳକ ପାଇଁ ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବା ନେଇ ଆଇନ୍ ଲାଗୁ କରିବ।

## ପତ୍ନୀଙ୍କୁ ଗୁଳି କରି ଆତ୍ମହତ୍ୟା କଲେ ସାଂସଦଙ୍କ ଭଣଜା

ଅହମଦାବାଦ, ୨୨।୧(ଏଜେନ୍ସି): ଗୁଜରାଟ୍‌ରେ କଂଗ୍ରେସ ରାଜ୍ୟସଭା ସାଂସଦ ଶକ୍ତି ସିଂ ଗୋହିଲଙ୍କ ଭଣଜା ଯଶରାଜ ସିଂ ଗୋହିଲ୍ ଏକ ଅଭାବନୀୟ କାଣ୍ଡ ଘଟାଇଛନ୍ତି। ମାତ୍ର ଦୁଇମାସ ତଳେ ବିବାହ କରିଥିବା ଯଶରାଜ ପତ୍ନୀଙ୍କୁ ଗୁଳି ମାରି ହତ୍ୟା କରିବା ପରେ ସେ ଆତ୍ମହତ୍ୟା କରିଛନ୍ତି। ପତ୍ନୀଙ୍କ ବେକରେ ଗୁଳି ବାଜିବା ପରେ ସେ ମୃତ୍ୟୁବରଣ କରିଥିଲେ। ଏହାପରେ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ପୁଲିସ ଦେଇଥିବା ସୂଚନା ଅନୁଯାୟୀ, ଯଶରାଜ ବୁଧବାର ରାତି ୧୧.୪୫ରେ ଆମ୍ବୁଲାନ୍ସ ଡାକିବା ପାଇଁ ୧୦୮କୁ ଫୋନ୍ କରିଥିଲେ। ଫୋନ୍‌ରେ ପତ୍ନୀ ରାଜେଶ୍ୱରୀଙ୍କ ଆଘାତ ବିଷୟରେ ଜଣାଇଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ଡାକ୍ତରୀ ଦଳ ରାଜେଶ୍ୱରୀଙ୍କୁ ମୃତ ଘୋଷଣା କରିଥିଲେ। ଯଶରାଜ ଆମ୍ବୁଲାନ୍ସ ଦଳକୁ କହିଥିଲେ ଯେ, ଭୁଲବଶତଃ ତାଙ୍କ ଲାଇସେନ୍ସପ୍ରାପ୍ତ ପିସ୍ତଲରୁ ଗୁଳି ବାହାରି ରାଜେଶ୍ୱରୀଙ୍କ ବେକରେ ବାଜିଥିଲା। ରାଜେଶ୍ୱରୀଙ୍କ ମୃତଦେହକୁ ଆମ୍ବୁଲାନ୍ସରେ ରଖିବାକୁ ଡାକ୍ତରୀ ଦଳ ବାହରକୁ ଯାଇଥିବା ବେଳେ ଯଶରାଜ କୋଠାରୀ ଭିତର ନିଜକୁ ଗୁଳି କରିଥିଲେ ଓ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଯଶରାଜ ଗୁଜରାଟ ମେରିଟାଇମ ବୋର୍ଡରେ ଜଣେ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସେ ଶ୍ରେଣୀ-୨ରୁ ଶ୍ରେଣୀ-୧କୁ ପଦୋନ୍ନତି ପାଇଥିଲେ। ବସ୍ତ୍ରପୁର ପୁଲିସ ଓ କ୍ରାଇମବ୍ରାଞ୍ଚ୍ ଘଟଣାର ତଦନ୍ତ କରୁଛନ୍ତି। ଘଟଣା ସମୟରେ ଯଶରାଜଙ୍କ ମା ଅନ୍ୟ ଏକ କୋଠାରୀରେ ଥିଲେ। ପୁଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାର ଦେଇଥିବା ସୂଚନା ଅନୁଯାୟୀ, ଏହି ଦମ୍ପତି ବିବାହ ପରେ ବେଶ୍ ଖୁସିଥିଲେ ଓ ବିଦେଶ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ହଠାତ ଏହି ଘଟଣା ସମସ୍ତଙ୍କୁ ଚକିତ କରିଛି।

## ବେଙ୍ଗାଲୁରୁ ବିମାନ ବନ୍ଦରରେ କୋରିଆ ମହିଳାଙ୍କୁ ଯୌନ ନିର୍ଯାତନା

ବେଙ୍ଗାଲୁରୁ, ୨୨।୧(ଏଜେନ୍ସି): ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଦକ୍ଷିଣ କୋରିଆର ଜଣେ ମହିଳା ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ଜାନୁଆରୀ ୧୯ରେ ଏହି ଘଟଣା ଘଟିଥିଲେ ମଧ୍ୟ ଗୁରୁବାର ଏହା ସାମ୍ନାକୁ ଆସିଛି। ଟର୍ମିନାଲ-୨ରେ ଇମିଗ୍ରେସନ ଯାଞ୍ଚ୍ ସମୟରେ, ଅଭିଯୁକ୍ତ ବ୍ୟକ୍ତି ଯାଞ୍ଚ୍ କରିବା ବାହାନାରେ ମହିଳାଙ୍କୁ ପୁରୁଷ ଶୌଚାଳୟକୁ ନେଇଯାଇଥିବା ଅଭିଯୋଗ ହୋଇଛି। ସେଠାରେ ସେ ମହିଳାଙ୍କୁ ଅନୁପଯୁକ୍ତ ଭାବେ ସ୍ପର୍ଶ କରିଥିଲେ। ବିମାନ ବନ୍ଦର ପୁଲିସ କହିଛି ଯେ, ମହିଳା ଜଣକ ଦକ୍ଷିଣ କୋରିଆ ଯାତ୍ରା କରୁଥିଲେ। ତାଙ୍କ ଟିକେଟ ଓ ବ୍ୟାଗେଜ ଯାଞ୍ଚ୍ ସମୟରେ ଏକ ବିପ୍ ଶୁଭିଥିଲା। ଏହାପରେ ଅଭିଯୁକ୍ତ ତାଙ୍କୁ ଏକ ପାଖକୁ ନେଇଯାଇଥିଲେ। ଯାଞ୍ଚ୍ ସମୟରେ ସେ ମହିଳାଙ୍କ ସହ ଅସଦାଚରଣ କରିଥିଲେ। ଇତିମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଓ ସେ ହେଉଛନ୍ତି ଆଫାନ ଅହମ୍ମଦ। ବିମାନ ବନ୍ଦରରେ ସେ ଗ୍ରାଉଣ୍ଡ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ କହିଛି ଯେ, ସେ ମହିଳାଙ୍କ ଗୁପ୍ତାଙ୍ଗ ଛୁଇଁବା ସହ ଜୋର ଜବରଦସ୍ତ ତାଙ୍କୁ ଆଲିଙ୍ଗନ କରିଥିଲେ। ମହିଳା ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେ ଯାଞ୍ଚ ଜାରି ରଖିଥିଲେ। ଏହାପରେ ସେ ଠିକ୍ ଅଛି, ଧନ୍ୟବାଦ କହି ଚାଲିଯାଇଥିଲେ ବୋଲି ପୁଲିସ କହିଛି। ପରେ ମହିଳା ଜଣକ ଘଟଣା ବିଷୟରେ ସୁରକ୍ଷା କର୍ମଚାରୀଙ୍କୁ ଜଣାଇଥିଲେ। ସିସିଟିଭି ଫୁଟେଜର ଯାଞ୍ଚ କରାଯିବା ପରେ ଅଭିଯୁକ୍ତଙ୍କ ଅସଦାଚରଣ ନଶ୍ଚିତ ହୋଇଥିଲା। ଏହା ପରେ ଅଭିଯୁକ୍ତକୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା।


## ହିମାଚଳ ଦୁର୍ଘଟଣାରେ ୩ ପର୍ଯ୍ୟଟକ ମୃତ

ପାଟଲିକୁହାଲ, ୨୨।୧(ଏଜେନ୍ସି): ହିମାଚଳ ପ୍ରଦେଶର କୁଲୁ ଜିଲ୍ଲାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଦିଲ୍ଲୀରୁ ଆସିଥିବା ୩ ଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତମାନଙ୍କୁ କୁଲୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା ଚାଲୁ ରହିଛି। ପୁଲିସ ମୃତକଙ୍କ ମୃତଦେହକୁ ହେପାଜତକୁ ନେଇ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ସକାଳ ୮ଟା ସମୟରେ ଚଣ୍ଡିଗଡ଼- ମନାଲି ୪ ଲେନ୍ ସଡ଼କରେ କୁଲୁର ୧୦ କିମି ପୂର୍ବରେ ଥିବା ଚାବେଲି ଅଞ୍ଚଳରେ ଆଇଟିବିପି ଷ୍ଟେସନ ଫାଟକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଦିଲ୍ଲୀର ୬ ଜଣ ପର୍ଯ୍ୟଟକ ମନାଲି ଯାଉଥିବା ବେଳେ ସେମାନଙ୍କ କାର୍ ନିୟନ୍ତ୍ରଣ ହରାଇ ଏକ ଡିଭାଇଡରରେ ପିଟି ହୋଇଥିଲା। ଧକ୍କା ଏତେଜୋରରେ ହୋଇଥିଲା ଯେ, କାର୍‌ର ସମ୍ମୁଖ ଭାବେ ସମ୍ପୂର୍ଣ୍ଣ ଭାବେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୩ ଜଣ ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ବାସିନ୍ଦା ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲେ। ମୃତକଙ୍କ ମଧ୍ୟରେ ୨ ମହିଳା ଓ ଜଣେ ୫ ବର୍ଷ ଶିଶୁ ଅଛନ୍ତି। ପୁଲିସ ମୃତକଙ୍କ ପରିବାରକୁ ସୂଚନା ଦେଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ନୀତୀଶଙ୍କ ସଭା ପାଖରେ ବିସ୍ଫୋରଣ

ସିୱାନ, ୨୨।୧(ଏଜେନ୍ସି): ସିୱାନରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଭାର ଅଳ୍ପ ଦୂରରେ ଏକ ବିସ୍ଫୋରଣ ହୋଇଥିଲା। ବାଣ ତିଆରି ସମୟରେ ଏକ ଘରେ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ବିସ୍ଫୋରଣର ଶବ୍ଦ ଦୁଇ କିମି ପର୍ଯ୍ୟନ୍ତ ଶୁଣାଯାଇଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ, ପୀଡିତଙ୍କ ମୁଣ୍ଡ ଓ ଗୋଡ଼ ୨୦ ଫୁଟ ଦୂରରେ ପଡ଼ିଥିଲା। ନୀତୀଶ ଯେଉଁଠାରେ ରାଲି କରୁଥିଲେ ତା'ଠାରୁ ୭ କିମି ଦୂରରେ ହୁସେନଗଞ୍ଜ ଥାନା ଅଞ୍ଚଳରେ ବଡ଼ରାମ ଗାଁ ନିକଟରେ ବିସ୍ଫୋରଣ ଘଟିଥିଲା। ପୁଲିସ ଏହି ଘରକୁ ସିଲ୍ କରିଛି ବୋଲି ସ୍ଥାନୀୟ ଏସ୍‌ପି ପୁରନ୍ କୁମାର ଝା କହିଛନ୍ତି। ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଯାଇଛି। ତଦନ୍ତ ପାଇଁ ଫରେନସିକ୍ ଲାବରାଟୋରୀ (ଏଫ୍‌ଏସ୍‌ଏସ୍) ଦଳ ପହଞ୍ଚିଛି। ବିସ୍ଫୋରଣରେ ନିକଟସ୍ଥ ଘରଗୁଡ଼ିକ ଥରିବାକୁ ଲାଗିଥିଲା। ସମଗ୍ର ପରିବାର ପୂର୍ବରୁ ବାଣ ତିଆରି କରିଆସୁଥିଲେ। ଏ ନେଇ ଏକାଧିକ ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ଗୁଜରାଟ ଉପକୂଳରେ ଆତଙ୍କ
# ଫୁଟୁଛି ସମୁଦ୍ର ପାଣି



**■ ଆସୁଛି କି ବଡ଼ ବିପଦ?**

ନୂଆଦିଲ୍ଲୀ, ୨୨।୧(ଏଜେନ୍ସି): ଗୁଜରାଟ ଓ ମହାରାଷ୍ଟ୍ରର ପାଲଘର ନିକଟରେ ସମୁଦ୍ର ଜଳ ହଠାତ ଉତ୍ତପ୍ତ ହୋଇ ଫୁଟୁଥିବାର ଦେଖାଯାଇଛି। ଫଳରେ ପାଲଘର ଜିଲ୍ଲାର ମତ୍ସ୍ୟଜୀବୀ ଓ ଅଧିକାରୀମାନଙ୍କୁ ଏ ନେଇ ସତର୍କ କରାଯାଇଛି। ସେହି ଅଞ୍ଚଳରୁ ମତ୍ସ୍ୟଜୀବୀଙ୍କୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ମତ୍ସ୍ୟଜୀବୀମାନେ ସମୁଦ୍ର ପାଣି ଫୁଟୁଥବା ଓ ବୁଦବୁଧ ହେଉଥିବାର ଭିଡିଓ ରେକର୍ଡ କରିଛନ୍ତି। ଏହି ଅଦ୍ଭୁତ ଘଟଣା ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଚିନ୍ତିତ କରିଛି। ଏ ନେଇ ତୁରନ୍ତ ଦଦନ୍ତ ଆରମ୍ଭ କରାଯାଇଛି। ବୈଜ୍ଞାନିକମାନେ ଏହାର କାରଣ ଖୋଜିବାକୁ ପ୍ରୟାସ କରୁଛନ୍ତି। ସେମାନେ ଗ୍ୟାସ ଲିକ୍ ବା ପାଇପ୍ ଲାଇନ୍ ଫାଟିଥିବା ସନ୍ଦେହ କରୁଛନ୍ତି। ଏହି ସାମୁଦ୍ରିକ ଘଟଣାକୁ ଅତି ଅସାଧାରଣ ବୋଲି କୁହାଯାଇଛି। ଏ ନେଇ ପ୍ରମୁଖ ସାମୁଦ୍ରିକ ବିଶେଷଜ୍ଞ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ। ଏହି ଅଞ୍ଚଳ ଜାହାଜ ଓ ମାଛ ଧରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଫଳରେ ଚିନ୍ତା ସୃଷ୍ଟି ହୋଇଛି। ଏହି ସ୍ଥାନ ସାମୁଦ୍ରିକ ପଥର ନିକଟତର। ତେଣୁ ଏହି ବାଟ ଦେଇ ଜାହଜଗୁଡିକ ଯିବାରେ ଅନ୍ତରାୟ ହେବାକୁ ଯାଉଛି। ଏହି ଘଟଣାକୁ ଅତ୍ୟନ୍ତ ଅସାଧାରଣ ଘଟଣା ଭାବେ ବର୍ଣ୍ଣନା କରାଯାଇଛି। ଘଟଣାର ପରୀକ୍ଷା ତଥା ତଦନ୍ତ ପାଇଁ ଇଣ୍ଡିଆନ ନ୍ୟାସାନଲ ସେଣ୍ଟର ଫର ଓସେନ ଇନଫର୍ମେସନ ସର୍ଭିସେସ ଦଳକୁ ନିୟୋଜିତ କରାଯାଇଛି।

ସମୁଦ୍ର ଗର୍ଭରୁ ମିଥେନ୍ ଗ୍ୟାସ୍ ପ୍ରାକୃତିକ ଭାବେ ବାହରୁ ଥିବା ଆଶଙ୍କାକୁ ମଧ୍ୟ ଏଡାଇ ହେବନି ଓ ଏହା ପ୍ରାୟତଃ ଗୁରୁତ୍ୱପୂର୍ଣ୍ଣ ଭୂଗର୍ଭ ଗତିବିଧି ଅଞ୍ଚଳରେ ଘଟିଥାଏ। ପୁଣି ଜଳମଗ୍ନ ଭୂତାତ୍ତ୍ୱିକ ଗତିବିଧି, ସମୁଦ୍ର ତଳେ ବିଛା ଯାଇଥିବା ଏକ ତୈଳ କିମ୍ବା ଗ୍ୟାସ ପାଇପ୍ ଲାଇନ୍ ଫାଟିବା କାରଣରୁ ଗ୍ୟାସ୍ ଉତ୍ପନ୍ନ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ହେବନି। ଅବଶ୍ୟ ଗୁଜରାଟ ଉପକୂଳରେ ଏଭଳି ଘଟଣା ଘଟିବା ନୂଆ ନୁହେଁ। ଅତୀତରେ ଏହି ଉପକୂଳରେ ଏଭଳି ଗତିବିଧି ଦେଖିବାକୁ ମିଳିଛି। ଆରବ ସାଗରର ଏହି ଅଂଶ ଅତ୍ୟନ୍ତ ସମ୍ବେଦନଶୀଳ, ବାରମ୍ବାର ସମୁଦ୍ର ଗତିବିଧି ଓ ଭୂକମ୍ପର ଅନୁଭବ କରିଆସୁଛି। ପୁଣି ସମୁଦ୍ରର ତାପମାତ୍ରା ବୃଦ୍ଧି ମଧ୍ୟ ଏଭଳି ସ୍ଥିତି ସୃଷ୍ଟି କରିପାରେ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରିନ୍ତି। ଅନ୍ୟପଟେ ସମୁଦ୍ରରେ ତରଙ୍ଗ ଓ ବୁଦ୍‌ବୁଦ୍ କାରଣରୁ ମତ୍ସ୍ୟଜୀବୀଙ୍କୁ ସେ ଅଞ୍ଚଳରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ତଦନ୍ତ ସମ୍ପୂର୍ଣ୍ଣ ନ ହେବା ଯାଏ, ଏହି ଅଞ୍ଚଳ ନିକଟକୁ ଯିବା ବିପଦପୂର୍ଣ୍ଣ ହୋଇପାରେ ବୋଲି ପ୍ରଶାସନ ତରଫରୁ ସତର୍କ କରାଇ ଦିଆଯାଇଛି। ୨୦୨୪ରେ ଉତ୍ତର ସାଗରରେ ଘଟିଥିବା ଘଟଣା ସହ ଏହା ସମାନ ବୋଲି କୁହାଯାଉଛି। ସେଠାରେ ସମୁଦ୍ର ଭିତରରେ ଥିବା ଜ୍ୱାଳାମୁଖୀ ବିସ୍ଫୋରଣ ହୋଇଥିଲା ଓ ପାଣିରେ ବୁଦ୍‌ବୁଦ୍ ହୋଇ ଉଠିଥିଲା। ସମୁଦ୍ରର ଏହି ଅଂଶରେ ସୃଷ୍ଟି ହୋଇଥିବା ଏହି ସ୍ଥିତିକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ହାଇଡ୍ରୋଜେନ ସଲଫାଇଡ କିମ୍ବା କାର୍ବନ ଡାଇଅକ୍ସାଇଡ୍ ଭଳି ବିପଜ୍ଜନକ ଗ୍ୟାସ୍ ଅଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ଜଳ ନମୂନା ସଂଗ୍ରହ କରୁଛନ୍ତି। ବୈଜ୍ଞାନିକଙ୍କ ଏହି ପରୀକ୍ଷା କାରଣରୁ ମତ୍ସ୍ୟଜୀବୀଙ୍କ ସେମାନଙ୍କ ଦୈନନ୍ଦିନ ଜୀବୀକା ନିର୍ବାହ କରିବା ପାଇଁ ପ୍ରଶାସନର ପରବର୍ତ୍ତୀ ନିର୍ଦ୍ଦେଶ ଓ ରିପୋର୍ଟକୁ ଅପେକ୍ଷା କରିଛନ୍ତି।

## କର୍ଣ୍ଣାଟକ ରାଜ୍ୟପାଳ ମଧ୍ୟ ୱାକ୍‌ଆଉଟ୍ କଲେ

ବେଙ୍ଗାଲୁରୁ, ୨୨।୧: ତାମିଲନାଡୁ ପରେ କର୍ଣ୍ଣାଟକ। ଏଠାରେ ମଧ୍ୟ ରାଜ୍ୟପାଳ ରାଜ୍ୟ ବିଧାନସଭାରେ ଅଭିଭାଷଣ ନ ପଢ଼ି ୱାକ୍ ଆଉଟ୍ କରିଛନ୍ତି। କର୍ଣ୍ଣାଟକ ବିଧାନସଭାରେ ଆଜି ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ନୂଆବର୍ଷ ।ରେ ରାଜ୍ୟ ବିଧାନସଭାରେ ରାଜ୍ୟପାଳ ଗେହଲଟ୍ ପାରମ୍ପରିକ ଅଭିଭାଷଣ ପ୍ରଦାନ କରିବାକୁ ଆଜି ଆସିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ରରୁ ମାତ୍ର ଦୁଇ ଧାଡ଼ି ପଢି ସେ ୱାକ୍ ଆଉଟ୍ କରିଥିଲେ। ଅଭିଭାଷଣ ପତ୍ରରେ କେନ୍ଦ୍ର ସରକାରଙ୍କ ବିବାଦୀୟ ନୂଆ ସ୍କିମ୍ ଜି-ରାମ-ଜିକୁ ନେଇ କେତେକ ଟିପ୍ପଣୀ ରହିଥିବାରୁ ଏହାକୁ ପଢ଼ିବାକୁ ମନା କରିଦେଇଥିଲେ ରାଜ୍ୟପାଳ। ଏହାପରେ ସେ ପୋଡିୟମରୁ ଓହ୍ଲାଇ ବାହାରକୁ ଯାଇଥିଲେ। ଏହି ସମୟରେ ଶାସକ କଂଗ୍ରେସର ବିଧାୟକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟପାଳଙ୍କ ଏତାଦୃଶ ଆଚରଣରେ ଉତକ୍ଷିପ୍ତ ବିଧାୟକମାନେ ଗୃହ ଭିତରେ ତାଙ୍କୁ ଘେରାଉ କରିବାକୁ ଉଦ୍ୟମ କରିଥିଲେ। ତେବେ ସୁରକ୍ଷା କର୍ମୀ ରାଜ୍ୟପାଳଙ୍କୁ ବାହାରକୁ ନେଇଯାଇଥିଲେ। ରାଜ୍ୟପାଳଙ୍କ ଏଭଳି ଆଚରଣକୁ ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବିରକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ରାଜ୍ୟ ସରକାର ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ର ନ ପଢ଼ି ରାଜ୍ୟପାଳ ସମ୍ବିଧାନର ଉଲ୍ଲଂଘନ କରିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କ ସରକାର ସୁପ୍ରିମ କୋର୍ଟ ଯିବ ବୋଲି ସେ କହିଛନ୍ତି। ରାଜ୍ୟପାଳ ଗେହଲଟ୍ କେନ୍ଦ୍ରର ଏଜେଣ୍ଟ ଭାବେ ଆଚରଣ କରୁଥିବା ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ କିଛଦିନ ତଳେ ତାମିଲନାଡୁ ବିଧାନସଭାରେ ମଧ୍ୟ ଏଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା। ରାଜ୍ୟପାଳ ରବି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ର ନପଢ଼ି ବିଧାନସଭାରୁ ୱାକ୍ ଆଉଟ୍ କରିଥିଲେ।

# ଟ୍ରମ୍ପଙ୍କ ଗାଜା ଶାନ୍ତି ବୋର୍ଡ, ଗଲାନି ଭାରତ




**■ ବ୍ରିଟେନ, ଫ୍ରାନ୍ସ, ସୁଇଡେନ୍‌ର ବର୍ଜନ**
**■ ଦୂରେଇ ରହିଲେ ଚୀନ, ରୁଷିଆ, ୟୁକ୍ରେନ**
**■ ଯୋଗ ଦେଲେ ୮ ଇସ୍‌ଲାମିକ ରାଷ୍ଟ୍ର**

ଦୋହା, ୨୨।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମାନସ ସନ୍ତାନ କୁହାଯାଉଥିବା 'ଗାଜା ଶାନ୍ତି ବୋର୍ଡ'ରେ ୮ ଟି ଇସଲାମିକ ରାଷ୍ଟ୍ର ଯୋଗ ଦେବା ସ୍ପଷ୍ଟ ହୋଇଛି। ଏହି ଦେଶଗୁଡ଼ିକ ବୋର୍ଡରେ ଯୋଗ ଦେବାକୁ ଘୋଷଣା କରିଛନ୍ତି। ଗାଜାର ପ୍ରଶାସନ ଓ ପୁନଃନିର୍ମାଣ ତଦାରଖ କରିବାକୁ ଏହି ଟ୍ରମ୍ପ ଏହି ବୋର୍ଡ ଗଠନ ଉପରେ ଗୁରୁତ୍ୱ ଦେଉଛନ୍ତି। ରାଜଧାନୀ ଦୋହାରେ କାତାର ସମେତ ତୁର୍କୀ, ଇଜିପ୍ଟ, ଜୋର୍ଡାନ, ଇଣ୍ଡୋନେସିଆ, ପାକିସ୍ତାନ, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ବୈଦେଶିକ ମନ୍ତ୍ରୀମାନେ ଏକ ମିଳିତ ବିବୃତ୍ତି ମାଧ୍ୟମରେ ଏ ନେଇ ଘୋଷଣା କରିଛନ୍ତି। ୮ଟି ଦେଶ ବୋର୍ଡରେ ଯୋଗ ଦେବାକୁ ରାଜି ହୋଇଛନ୍ତି ବୋଲି ଏହି ମିଳିତ ବିବୃତ୍ତି ନିଶ୍ଚିତ କରିଛି। ଏହି ଦେଶଗୁଡ଼ିକର ସଦସ୍ୟତାକୁ ଆନୁଷ୍ଠାନିକ କରିବା ପାଇଁ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଶେଷ ହେବ ବୋଲି କୁହାଯାଇଛି। ଇଜିପ୍ଟ, ୟୁଏଇ ଓ ପାକିସ୍ତାନ ପୂର୍ବରୁ ସାର୍ବଜନୀନ ଭାବେ ସେମାନଙ୍କୁ ସାମିଲକୁ ନିଶ୍ଚିତ କରିଛନ୍ତି। ତେବେ ଏହି ଘୋଷଣା ନେଇ ଇସ୍ରାଏଲ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଆମ ସହ କୌଣସି ପରାମର୍ଶ ନ କରି ଆମେରିକା ଏହି ନିଷ୍ପତ୍ତି ନେଇଛି ବୋଲି ଇସ୍ରାଏଲ କହିଛି। ଏହା ଇସ୍ରାଏଲ ସରକାରୀ ନୀତି ବିରୋଧରେ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି। ସେହିପରି ଚୀନ୍ ମଧ୍ୟ ଏହି ଶାନ୍ତି ବୋର୍ଡ ଗଠନକୁ ପ୍ରତ୍ୟାଖାନ କରିଛି। ସେହିପରି ଏ ନେଇ ରୁଷିଆ ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ, ସେ ରଣନୈତିକ ଅଂଶୀଦାରମାନଙ୍କ ସହ ପରାମର୍ଶ କରି ନିଷ୍ପତ୍ତି ନେବେ। ବ୍ରିଟେନ, ଫ୍ରାନ୍ସ, ନରୱେ ଓ ସ୍ୱିଡେନ୍ ଏହି ବୋର୍ଡକୁ ବର୍ଜନ କରିଥିବା ବେଳେ ଭାରତ ସମେତ ରୁଷ, ଚୀନ ଓ ୟୁକ୍ରେନ ଏଥିରୁ ଦୂରେଇ ରହିଛନ୍ତି।

## ମୁମ୍ବାଇ ସମେତ ୧୬ ନଗର ନିଗମରେ ମହିଳା ମେୟର

ମୁମ୍ବାଇ, ୨୨।୧(ଏଜେନ୍ସି): ମହାରାଷ୍ଟ୍ରର ୨୯ଟି ନଗର ନିଗମ ମଧ୍ୟରୁ, ମୁମ୍ବାଇ ସମେତ ୧୬ଟିରେ ମହିଳା ମେୟର ନିର୍ବାଚିତ ହେବେ। ଗୁରୁବାର ମୁମ୍ବାଇରେ ଏକ ଲଟେରୀ ପ୍ରଣାଳୀ ମାଧ୍ୟମରେ ମହିଳାମାନଙ୍କୁ ଚୟନ କରାଯାଇଥିଲା। ତେବେ ପରଭାନୀ ନଗର ନିଗମରେ ମହିଳା ମେୟରଙ୍କ ସମ୍ପର୍କରେ ଅପତ୍ତି ଉଠିଛି। କିନ୍ତୁ ଶିବସେନା (ୟୁବିଟି) ନେତ୍ରୀ ତଥା ପୂର୍ବତ ମୁମ୍ବାଇ ମେୟର କିଶୋରୀ ପେଡନେକର ଲଟେରୀ ପ୍ରଣାଳୀର ପ୍ରତିବାଦ କରିଥିଲେ। କାହାକୁ ନ ଜଣାଇ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ମୁମ୍ବାଇର ଶେଷ ଦୁଇ ମେୟର ସାଧାରଣ ବର୍ଗର ଥିଲେ, ତେଣୁ ନୂଆ ମେୟର ପଦବୀ ଓବିସି କିମ୍ବା ଅନୁସୂଚୀତ ଜାତି (ଏସ୍‌ଟି) ବର୍ଗ ପାଇଁ ସଂରକ୍ଷିତ ହେବା ଉଚିତ ଥିଲା ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ଲଟେରୀ ଫଳାଫଳ ଅନୁସାରେ, ୨୯ଟି ମେୟର ପଦରୁ ୧୬ଟି ଏସ୍‌ସି, ଏସ୍‌ଟି ଓ ଓବିସି ବର୍ଗ ପାଇଁ ସଂରକ୍ଷିତ କରାଯାଇଛି। ଅନ୍ୟପଟେ ୧୩ଟି ମେୟର ପଦ ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ରହିଛି। ଉପ- ମୁଖ୍ୟମନ୍ତ୍ରୀ ଏକନାଥ ସିଣ୍ଡେଙ୍କ ଗଡ଼ କୁହାଯାଉଥିବା ଥାଣେରେ, ମେୟର ପଦବୀ ଅନୁସୂଚୀତ ଜାତି ବର୍ଗ ପାଇଁ ସଂରକ୍ଷିତ ରଖାଯାଇଛି। ମୁମ୍ବାଇ ଷଷ୍ଠଥର ପାଇଁ ମହିଳା ମେୟର ପାଇବାକୁ ଯାଉଛି। କିଶୋରୀ ପେଡନେକର ପୂର୍ବରୁ ଏହି ପଦବୀରେ ଥିଲେ। ସେହିପରି ଚନ୍ଦ୍ରପୁର ନଗର ନିଗମରେ କ୍ରମାଗତ ୫ମଥର ପାଇଁ ଜଣେ ମହିଳା ମେୟାର ଦାୟିତ୍ୱ ବହନ କରିବେ। ସଂରକ୍ଷଣ ଘୋଷଣା ପରେ, ଯୋଗ୍ୟ ବର୍ଗର ପ୍ରାର୍ଥୀମାନେ ପରେ ଘୋଷଣା ହେବାକୁ ଥିବା ତାରିଖରେ ସେମାନଙ୍କର ନାମଙ୍କନ ଦାଖଲ କରିବେ। ବର୍ଗ ସଂରକ୍ଷଣ ପରେ ନଗର ନିଗମର ଏକ ସ୍ୱତନ୍ତ୍ର ବୈଠକରେ କାଉନସିଲରମାନଙ୍କ ଦ୍ୱାରା ମେୟର ନିର୍ବାଚିତ ହେବେ। ଜଣେ ପ୍ରିଜାଇଡିଂ ଅଫିସରଙ୍କ ଉପସ୍ଥିତିରେ ଭୋଟ ନିଆଯିବ। ରାଜନୈତିକ ଦଳଗୁଡିକ ହୁଇପ୍ ଜାରି କରିବେ ଓ ଯେଉଁ କାଉନସିଲରମାନେ ଦଳୀୟ ଲାଇନ ବିରୋଧରେ ଯାଇ ଭୋଟ ଦେବେ, ସେମାନେ ସଦସ୍ୟତା ହରାଇବାର ଆଶଙ୍କା ରହିଛି।

## ୟୁରୋପୀୟ ସଂଘ ଭାରତ ସହ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି

ବ୍ରସେଲ୍ସ, ୨୨।୧(ଏଜେନ୍ସି): ୟୁରୋପୀୟ ସଂଘ (ଇୟୁ) ଭାରତ ସହିତ ଏକ ନୂଆ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି। ଏହା ଆସନ୍ତା ସପ୍ତାହରେ ନୂଆଦିଲ୍ଲୀରେ ଭାରତ-ଇୟୁ ଶିଖର ସମ୍ମିଳନୀରେ ସ୍ୱାକ୍ଷରିତ ହେବ। ଇୟୁ ବୈଦେଶିକ ନୀତି ମୁଖ୍ୟ କାଜା କ୍ଲାସ ବୁଧବାର ୟୁରୋପୀୟ ସଂସଦରେ ଏ ନେଇ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଏହି ସହଭାଗୀତା ଏକ ବୃହତ ରଣନୈତିକ କାର୍ଯ୍ୟସୂଚୀର ଅଂଶ ହେବ। ଏହି କାର୍ଯ୍ୟସୂଚୀରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ), ଏକ ପ୍ରତିରକ୍ଷା ଏବଂ ସୁରକ୍ଷା ଚୁକ୍ତି, ସାଇବର ସୁରକ୍ଷା, ସାମୁଦ୍ରିକ ସୁରକ୍ଷା ଓ ଆତଙ୍କବାଦୀ ବିରୋଧୀ ଅନ୍ତର୍ଭୁକ୍ତ। ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଓ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ ଡେର ଲେଏନ୍ ଭାରତ ଗସ୍ତରେ ଆସୁଛନ୍ତି। ଏମାନେ ଜାନୁଆରୀ ୨୬ରେ ଗଣତନ୍ତ୍ର ଦିବସ ସମାରୋହରେ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ବିପଦରେ ହିମାଚଳୀ ସେଓ, କାଳ କରିଛି ତାପମାତ୍ରା

ସିମଳା, ୨୨।୧(ଏଜେନ୍ସି): ହିମାଚଳ ପ୍ରଦେଶର ଆପଲ ବା ସେଓ ସାରା ବିଶ୍ୱରେ ଲୋକଙ୍କ ଦ୍ୱାରା ଆଦୃତ ହୋଇ ଆସୁଛି। ହିମାଚଳୀ ସେଓକୁ ଲୋକେ ଖାଇବାକୁ ଭଲ ପାଆନ୍ତି। କିନ୍ତୁ ଏବେ ପରିବର୍ତ୍ତିତ ସ୍ଥିତିରେ ଏହାର ଭବିଷ୍ୟତ ନେଇ ସଙ୍କଟ ସୃଷ୍ଟି ହୋଇଛି। ଏହା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି। ଜଳବାୟୁ ପରିବର୍ତ୍ତନର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ଯେ, ସେଓ ଚାଷ ହେଉଥିବା ଅଞ୍ଚଳରେ ତାପମାତ୍ର ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହା ସେଓ ଚାଷ ହେଉଥିବା ଅଞ୍ଚଳର ଭବିଷ୍ୟତ ପାଇଁ ଶୁଭ ଲକ୍ଷଣ ନୁହେଁ।

ନୌନିର ବନ ବିଶ୍ୱବିଦ୍ୟାଳୟର ଜଳବାୟୁ ପରିବର୍ତ୍ତନର ମୁଖ୍ୟ ପ୍ରଫେସର ସତୀଶ ଭରଦ୍ୱାଜ ସତର୍କ କରାଇ କହିଛନ୍ତି ଯେ, ଏହି ଭଳି ତାପମାତ୍ରା ବୃଦ୍ଧି କେବଳ ସେଓ ଚାଷ ନୁହେଁ, ଲୋକଙ୍କ ଜୀବନଧାରଣର ମାନକୁ ମଧ୍ୟ ପ୍ରଭାବିତ କରିବ। ଗତ କିଛି ବର୍ଷ ଧରି ଦେଖାଦେଇଥିବା ଧାରାଗୁଡିକୁ ଦୃଷ୍ଟିରେ ରଖି, ଆମକୁ କେବଳ ସେଓ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଉଦ୍ୟାନ ଚାଷୀମାନଙ୍କୁ ଅନ୍ୟ ଫଳ ଚାଷ ଉପରେ ଧ୍ୟାନ ଦେବାକୁ ହେବ। ନିମ୍ନ ଅଞ୍ଚଳରେ ଆପଲ ଚାଷ ଏବେ ଉଚ୍ଚ ସ୍ଥାନଗୁଡିକୁ ସ୍ଥାନାନ୍ତର ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ୧୬ରେ ସିମଳାର ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ ଓ ଚୌପାଲରେ ୧୦.୩ ଡିଗ୍ରୀରେ ପହଞ୍ଚିଥିଲା। ଚୌପାଲ ହେଉଛି ସିମଳା ଜିଲ୍ଲାର ଏକ ଛୋଟ ସହର।



ଏଥର ସିମଳାର ସ୍ୱାଭାବିକ ତାପମାତ୍ରା ୭.୪ ଡିଗ୍ରୀରୁ ଅଧିକ ଥିଲା। ଏହା ସେଓ ଚାଷ ପାଇଁ ବିପଦ ସୃଷ୍ଟି କରିଛି। ଭଲ ସେଓ ଚାଷ ପାଇଁ ପର୍ଯ୍ୟାପ୍ତ ଶୀତକାଳୀନ ଥଣ୍ଡା ଓ ତୁଷାର ପାତ ଜରୁରୀ ହୋଇଥାଏ। ଗତ ଦୁଇରୁ ତିନି ବର୍ଷ ହେବ ବୃଦ୍ଧି ପାଉଥିବା ତାପମାତ୍ରା ଯୋଗୁଁ, ଶୀତକାଳୀନ ଥଣ୍ଡା ଅନୁଭୂତ ହୋଇନାହିଁ। ଏପର୍ଯ୍ୟନ୍ତ ଗତବର୍ଷ ତୁଳନାରେ ବହୁତ କମ୍ ଥଣ୍ଡା ଅନୁଭୂତ ହୋଇଛି। ଏହା ସେଓ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ପର୍ଯ୍ୟାପ୍ତ ପରିମାଣରେ ଶୀତକାଳୀନ ଥଣ୍ଡା ଅନୁଭୂତ ନ ହେବା ସେଓ ଉତ୍ପାଦନକୁ ବିପଦରେ ପକାଇଥାଏ ବୋଲି ବୈଜ୍ଞାନିକମାନେ କୁହନ୍ତି। ଏହା କେବଳ ଫୁଲ ଫୁଟାଇବା ଉପରେ ପ୍ରଭାବ ପକାଇ ନଥାଏ, ବରଂ ଫଳର ରଙ୍ଗ, ଆକାର ଗୁଣବତ୍ତା ଉପରେ ମଧ୍ୟ ନକାରାତ୍ମକ ଭାବେ ପ୍ରଭାବ ପକାଇଥାଏ। ପ୍ରତିବର୍ଷ ଶୀତକାଳୀନ ତାପମାତ୍ର ବୃଦ୍ଧି ପାଉଛି।

ପୂର୍ବରୁ ୨୦୨୩ ଜାନୁଆରୀ- ଫେବୃଆରୀରେ ତାପାମାତ୍ର ବୃଦ୍ଧି ୧୦୦ ବର୍ଷର ରେକର୍ଡ ଭାଙ୍ଗିଛି। ଏଥର ତାପମାତ୍ରା ସ୍ୱାଭାବିକଠାରୁ ଯଥେଷ୍ଟ ଅଧିକ ହୋଇଛି। ଏହା ସେଓ ବେଲ୍ଟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ, ଖାସ୍ କରି ୬, ୦୦୦ ଫୁଟ୍ ଉଚ୍ଚରେ ଥିବା ଅଞ୍ଚଳରେ। ପରିବର୍ତ୍ତିତ ସ୍ଥିତିକୁ ଦୃଷ୍ଟିରେ ରଖି କେବଳ ସେଓ ଉପରେ ନିର୍ଭର କରିବା ପରିବର୍ତ୍ତେ ଡାଲିମ୍ବ, କିଁୱି, ନାସପାତି, ପିଚ୍, ପ୍ଲମ ଇତ୍ୟାଦି ପରି ଅନ୍ୟାନ ଫଳ ଚାଷ ଉପରେ ଗୁରୁତ୍ୱ ଦେବାର ସମୟ ଆସି ଉପନୀତ ହୋଇଛି। ଜଳବାୟୁ ପରିବର୍ତ୍ତନ ଏବେ ବୈଶ୍ୱିକ ସମସ୍ୟା ଭାବେ ଉଭା ହୋଇଛି। ପୂର୍ବରୁ ୧୦୦ ବର୍ଷରେ ଜଳବାୟୁ ପରିବର୍ତ୍ତନ ପରିଲକ୍ଷିତ ହେଉଥାଏ। କିନ୍ତୁ ଏବେ ଏହା ମାତ୍ର ୧୦ ବର୍ଷରେ ହେଉଛି। ଏଥିପାଇଁ ଗ୍ରୀନ ହାଉସ୍ ଗ୍ୟାସ୍ ନିର୍ଗମନ, ପରିବହନ ବୃଦ୍ଧି, ଶିଳ୍ପ କାର୍ଯ୍ୟକଳାପ ଓ ସହରୀକରଣ ସମେତ ଏକାଧିକ କାରଣ ଦାୟୀ। ତାପମାତ୍ର ବୃଦ୍ଧି କାରଣରୁ ତୁଷାରପାତ ହ୍ରାସ ହେଉଛି। ଏହି କାରଣ ଯୋଗୁଁ ୬ ହଜାର ଫୁଟ ତଳେ ଥିବା ଅଞ୍ଚଳଗୁଡିକୁ ବିଶେଷ ଭାବେ ପ୍ରଭାବିତ କରିଛି। ସୂଚନା ଯୋଗ୍ୟଯେ, ହିମାଚଳରେ ସେଓ ଶିଳ୍ପ ୫୫୦୦ କୋଟି ଟଙ୍କାର। ରାଜ୍ୟର ୨, ୫୦, ୦୦୦ ପରିବାର ସିଧାସଳଖ ସେଓ ଚାଷ ଉପରେ ନିର୍ଭର କରିଥାନ୍ତି। ତେଣୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ଫସଲ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ଏହା ଗ୍ରାମୀଣ ଅର୍ଥନୀତି ଓ ଜୀବିକା ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି ଆଶାଙ୍କା କରାଯାଉଛି। ତେଣୁ ତାପମାତ୍ରା ବୃଦ୍ଧି ଓ ଥଣ୍ଡା ହ୍ରାସକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି। ନହେଲେ ଭବିଷ୍ୟତରେ ସ୍ଥିତ ନକରାତ୍ମକ ହେବ ବୋଲି ଆଶଙ୍କା କରାଯାଉଛି।



ଦୁଇ ଦୁର୍ଦ୍ଧର୍ଷ ବୀର ନେତାଜୀ ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜନ୍ମତିଥିରେ 'ସକାଳ'ର ଶ୍ରଦ୍ଧାଞ୍ଜଳି

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-208 ♦FRIDAY ♦23 JANUARY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୦୮ ♦ଶୁକ୍ରବାର ♦୨୩ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଖାଇକୁ ଖସିଲା ସେନା ଗାଡ଼ି; ୧୦ ଯବାନ ମୃତ



### ୧୧ରୁ ଊର୍ଦ୍ଧ୍ୱ ଯବାନ ଆହତ
### ଗୁରୁତରଙ୍କୁ ଏୟାରଲିଫ୍ଟ

■ ଶ୍ରୀନଗର, ୨୨।୧ (ଏଜେନ୍ସି): ଜମ୍ମୁ-କଶ୍ମୀରର ଡୋଡ଼ା ଜିଲ୍ଲାରେ ଭାରତୀୟ ସେନାର ଏକ ଗାଡ଼ି ଆଜି ମଧ୍ୟାହ୍ନରେ ୨୦୦ ଫୁଟ ଗଭୀର ଖାଇକୁ ଖସିପଡ଼ିବା ଫଳରେ ୧୦ ଜଣ ଯବାନ ପ୍ରାଣ ହରାଇଛନ୍ତି। ଏହି ଦୁର୍ଘଟଣାରେ ଆହୁରି ୧୧ ଜଣ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଗାଡ଼ିରେ ୨୧ ଜଣ ଯବାନ ଯାତ୍ରା କରୁଥିଲେ। ଗୁରୁତର ଭାବେ ଆହତ ହୋଇଥିବା ୧୦ ଜଣଙ୍କୁ ଉଧାମପୁର ସାମରିକ ହସ୍ପିଟାଲକୁ ବିମାନରେ ସ୍ଥାନାନ୍ତର କରାଯାଇଛି। ସେନା ଅଧିକାରୀଙ୍କ କହିବା ଅନୁଯାୟୀ, ଭାଦରୱାହ-ଚମ୍ବା ଆନ୍ତରାଜ୍ୟ ରାସ୍ତାରେ ଖାନନି ଟପ୍‌ରେ ହିଁ ଏହି ଦୁର୍ଘଟଣା ଘଟିଛି। ଯବାନମାନେ ଉଚ୍ଚସ୍ଥାନରେ ଅବସ୍ଥିତି ଏକ ପୋଷ୍ଟକୁ ଯାତ୍ରା କରୁଥିଲା ବେଳେ ଗାଡ଼ି ଉପରୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଫଳରେ ଗାଡ଼ି ୯୦୦ ଫୁଟ୍ ଉଚ୍ଚରେ ଥିବା ଖାନନି ଶୃଙ୍ଗରୁ ଖସି ପଡ଼ିଥିଲା। ଖବର ପାଇ ▶ପୃଷ୍ଠା-୧୦

## ଛତିଶଗଡ଼ ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ; ୬ ମୃତ



■ ବାଲୋଦାବଜାର, ୨୨।୧ (ଏଜେନ୍ସି): ଛତିଶଗଡ଼ର ବାଲୋଦାବଜାର ଜିଲ୍ଲାରେ ଗୁରୁବାର ଏକ ଘରୋଇ ସ୍ପଞ୍ଜ୍ ଆଇରନ୍ କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ୬ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ବିସ୍ଫୋରଣ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ଚାପ ବୃଦ୍ଧି ଯୋଗୁଁ ଘଟିଥିଲା।

ଆଜି ସକାଳ ପ୍ରାୟ ୯.୪୦ ସମୟରେ କାରଖାନାର କୋଇଲା ଭାଟିରେ ବିସ୍ଫୋରଣ ଘଟିଥିଲା। ଡଷ୍ଟ ସେଟିଂ ଚାମ୍ବର (ଡିଏସ୍‌ସି)ରେ ବିସ୍ଫୋରଣ ସମୟରେ ଗରମ କୋଇଲା ଓ ଲୁହା ଖଣ୍ଡ ଶ୍ରମିକଙ୍କ ଉପରେ ପଡ଼ିଥିଲା। ଦୁର୍ଘଟଣା ପରେ ପ୍ଲାଣ୍ଟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଓ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପ୍ଲାଣ୍ଟକୁ ଏବେ ସ୍ଥାନୀୟ ପ୍ରଶାସନ ସିଲ୍ କରିଛି। ପ୍ଲାଣ୍ଟ ୫ ଜଣ ଆହତଙ୍କୁ ବିଲାସପୁର ବର୍ଣ୍ଣ ଟ୍ରମା ସେଣ୍ଟରକୁ ପଠାଯାଇଛି।

## ୟୁରୋପୀୟ ସଂଘଙ୍କ ମେଳି
# ପଛଘୁଞ୍ଚା ଦେଲେ ଟ୍ରମ୍ପ
## ୮ ଦେଶ ଉପରୁ ହଟାଇଲେ ପ୍ରସ୍ତାବିତ ୧୦ ପ୍ରତିଶତ ଟାରିଫ୍

■ ୱାଶିଂଟନ୍, ୨୨।୧ (ଏଜେନ୍ସି): ଗ୍ରୀନ୍‌ଲ୍ୟାଣ୍ଡ ପ୍ରସଙ୍ଗରେ ନରମିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଗ୍ରୀନ୍‌ଲ୍ୟାଣ୍ଡ ଅକ୍ତିଆର କ୍ଷେତ୍ରରେ ୟୁରୋପୀୟ ଦେଶଗୁଡ଼ିକୁ ଦିଆଯାଇଥିବା ଶୁଳ୍କ ଧମକ ପ୍ରତ୍ୟାହାର ହୋଇଛି। ଏହି ଘଟଣାରେ ଟ୍ରମ୍ପ୍ ଏକ ବଡ଼ ୟୁ-ଟର୍ଣ୍ଣ ନେଇଛନ୍ତି। ଫେବୃଆରୀରୁ ୮ଟି ୟୁରୋପୀୟ ଦେଶ ଉପରେ ଲାଗୁ ହେବାକୁ ଥିବା ଟାରିଫ୍‌କୁ ଟ୍ରମ୍ପ ପ୍ରଶାସନ ବାତିଲ୍ କରିଛନ୍ତି।

ଟ୍ରମ୍ପ୍ କହିଛନ୍ତି ଯେ ଗ୍ରୀନଲ୍ୟାଣ୍ଡ ଚୁକ୍ତି ପାଇଁ ଏକ ନୂତନ ଢାଞ୍ଚା ଚୂଡ଼ାନ୍ତ ହୋଇଛି। ଆମେରିକା ଏବଂ ନାଟୋର ନେତୃବୃନ୍ଦ ଗ୍ରୀନ୍‌ଲ୍ୟାଣ୍ଡର ସୁରକ୍ଷା ଉପରେ ଭବିଷ୍ୟତର ଚୁକ୍ତି ପାଇଁ ଏକ ଢାଞ୍ଚା ଉପରେ ସହମତ ହୋଇଛନ୍ତି। ଟ୍ରମ୍ପ୍ ଘୋଷଣା କରିଥିଲେ ଯେ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ବିରୋଧ କରିବା ହେତୁ ସେ ଫେବୃଆରୀରୁ ୮ଟି ୟୁରୋପୀୟ ଦେଶରୁ ସାମଗ୍ରୀ ଉପରେ ୧୦% ଆମଦାନୀ ଶୁଳ୍କ ଲାଗୁ କରିବେ। ଯଦି ଆମେରିକା ଦ୍ୱାରା ଗ୍ରୀନ୍‌ଲ୍ୟାଣ୍ଡ ଅକ୍ତିଆର କିମ୍ବା ସମ୍ପୂର୍ଣ୍ଣ କ୍ରୟ ପାଇଁ କୌଣସି ଚୁକ୍ତିନାମା ନ ହୁଏ, ତେବେ ଡେନମାର୍କ, ନରୱେ, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ନେଦରଲ୍ୟାଣ୍ଡ ଏବଂ ଫିନ୍‌ଲ୍ୟାଣ୍ଡ ଏହି ଶୁଳ୍କର ସମ୍ମୁଖୀନ ହେବେ, ଯାହାକୁ ଜୁନ୍ ପହିଲାରୁ

### ଫେବୃଆରୀ ପହିଲାରୁ ହୋଇଥା'ନ୍ତା ଲାଗୁ
### ଗ୍ରୀନ୍‌ଲ୍ୟାଣ୍ଡର ସୁରକ୍ଷା ନେଇ ଆମେରିକା-ନାଟୋ ସହମତି

୨୫%କୁ ବୃଦ୍ଧି କରାଯିବ। ଟ୍ରମ୍ପ୍‌ଙ୍କ ପ୍ରସ୍ତାବ ଅନୁଯାୟୀ, ୟୁରୋପୀୟ ଦେଶଗୁଡ଼ିକ ଉପରେ ଶୁଳ୍କ ଫେବୃଆରୀ ପହିଲାରେ ଲାଗୁ ହେବାର କାର୍ଯ୍ୟକ୍ରମ ଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ଆଉଟରେ ଏକ ପୋଷ୍ଟରେ ଟ୍ରମ୍ପ ଘୋଷଣା କରିଥିଲେ ଯେ ସେ ଅନେକ ୟୁରୋପୀୟ ଦେଶ ଉପରେ ପ୍ରସ୍ତାବିତ ଶୁଳ୍କ ପ୍ରତ୍ୟାହାର କରୁଛନ୍ତି। ଟ୍ରମ୍ପ୍‌ଙ୍କ ଏହି ହଠାତ୍ ୟୁ-



ଟର୍ଣ୍ଣ ଡାଭୋସ୍‌ର ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଆସିଥିଲା, ଯେତେବେଳେ ଟ୍ରମ୍ପ୍ କହିଥିଲେ ଯେ ଆମେରିକା ଗ୍ରୀନଲ୍ୟାଣ୍ଡ ଉପରେ ନିୟନ୍ତ୍ରଣ ହାସଲ କରିବା ପାଇଁ ବଳ ପ୍ରୟୋଗ କରିବନାହିଁ। ଆମେରିକା ରାଷ୍ଟ୍ରପତି ତାଙ୍କ ପୋଷ୍ଟରେ ଲେଖିଛନ୍ତି, ନାଟୋ ମହାସଚିବ ମାର୍କ ରୁଟ୍‌ଙ୍କ ସହ ତାଙ୍କର ଏକ ବହୁତ ଫଳପ୍ରଦ ବୈଠକ ହୋଇଛି। ଏହା ଉପରେ ଆଧାର କରି ସେ ଗ୍ରୀନ୍‌ଲ୍ୟାଣ୍ଡ ଏବଂ ସମଗ୍ର ଆର୍କଟିକ ଅଞ୍ଚଳ ସମ୍ପର୍କରେ ଭବିଷ୍ୟତ ଚୁକ୍ତି ପାଇଁ ଏକ ଢାଞ୍ଚା ସ୍ଥାପନ କରିବାକୁ ଯାଉଛନ୍ତି। ଏହା ଆମେରିକା ଏବଂ ସମସ୍ତ ନାଟୋ ଦେଶ ପାଇଁ ବହୁତ ଲାଭଦାୟକ ହେବ। ଏହି ବୁଝାମଣା ଉପରେ ଆଧାର କରି ସେ ଫେବୃଆରୀ ପହିଲାରୁ ଲାଗୁ ହେବାକୁ ଥିବା ଶୁଳ୍କକୁ କାର୍ଯ୍ୟକାରୀ କରିବେନାହିଁ।

ଯଦିବା ଟ୍ରମ୍ପ୍ ଗ୍ରୀନଲ୍ୟାଣ୍ଡ ନିୟନ୍ତ୍ରଣ କରିବାକୁ ବଳ ପ୍ରୟୋଗ କରିବେ ନାହିଁ ବୋଲି କହିଛନ୍ତି, କିନ୍ତୁ ୱାଶିଂଟନକୁ ଆର୍କଟିକ ଦ୍ୱୀପର ମାଲିକାନା ଦେବା ପାଇଁ ତାଙ୍କର ଦାବିକୁ ପୁନରାବୃତ୍ତି କରିଛନ୍ତି। ଟ୍ରମ୍ପ୍ ଏହି ପୋଷ୍ଟରେ ଆହୁରି କହିଛନ୍ତି ଯେ ଗୋଲଡେନ୍ ଡୋମ୍ ସମ୍ପର୍କରେ ମଧ୍ୟ ଅତିରିକ୍ତ ଆଲୋଚନା ହେବ, କାରଣ ଏହି ପ୍ରସଙ୍ଗ ଗ୍ରୀନଲ୍ୟାଣ୍ଡ ସହିତ ଜଡିତ। ଆଲୋଚନା ଆଗକୁ ବଢ଼ିବା ସହିତ ଅଧିକ ସୂଚନା ପ୍ରଦାନ କରାଯିବ। ସେ କହିଛନ୍ତି ଯେ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ, ଷ୍ଟେଟ୍ ସେକ୍ରେଟାରୀ ମାର୍କୋ ରୁବିଓ ଏବଂ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍‌ଙ୍କ ▶ପୃଷ୍ଠା-୧୦

### ଭାରତରେ ଟି-୨୦ ଖେଳିବାକୁ ମନାକଲେ କ୍ରୀଡ଼ା ପରାମର୍ଶଦାତା
## ବିଶ୍ୱକପ୍‌ରୁ ବାଦ୍ ପଡ଼ିବ ବାଂଲାଦେଶ !

■ ଦୁବାଇ,ଢାକା, ୨୨।୧ (ଏଜେନ୍ସି): ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ମନା କରିଦେଇଛନ୍ତି ବାଂଲାଦେଶ ସରକାର। ଦେଶର କ୍ରୀଡ଼ା ପରାମର୍ଶଦାତା ଆସିଫ ନାଜରୁଲ ଆଜି ପ୍ରକାଶ କରିଛନ୍ତି ଯେ, ଖେଳାଳିଙ୍କ ଜୀବନ ପ୍ରତି ଥିବା ବିପଦ ସହ ସାଲିସ କରାଯାଇପାରିବ ନାହିଁ। ଏଣୁ ଭାରତର ଚାପ ହେଉ କିମ୍ବା ଆଇସିସିର ତାଗିଦ୍ ବଳରେ ଦେଶ ନିଜ ନାଗରିକଙ୍କ ସୁରକ୍ଷାକୁ ଅଣଦେଖା କରିପାରିବ ନାହିଁ। ଏଣୁ ଭାରତରେ ଆମେ ବିଶ୍ୱକପ୍ ଖେଳିବୁ ନାହିଁ। ବାଂଲାଦେଶକୁ ଭାରତରେ ବିଶ୍ୱକପ୍ ଖେଳିବାକୁ ଆଜି ବା ଗୁରୁବାର ସୁଦ୍ଧା ନିଷ୍ପତ୍ତି ନେବାକୁ ଆଇସିସି ଡେଡ୍‌ଲାଇନ୍ ଧାର୍ଯ୍ୟ କରିଥିଲା। ଏହାକୁ ଚ୍ୟାଲେଞ୍ଜ କରି ବାଂଲାଦେଶ ବିଶ୍ୱକପ୍ ଖେଳିବାକୁ ରାଜି; କିନ୍ତୁ ଭାରତରେ ନୁହେଁ ବୋଲି ନାଜରୁଲ ସ୍ପଷ୍ଟ କରିଛନ୍ତି। ଏହା ଫଳରେ ବାଂଲାଦେଶ ତାହାର ମତ ସ୍ପଷ୍ଟ କରିଛି। ଏବେ ବାଂଲଦେଶ ଟି-୨୦ ବିଶ୍ୱକପ୍‌ରେ ଖେଳିବ କି ନାହିଁ ତାହା ଆଜି ରାତି କିମ୍ବା କାଲି ଭିତରେ ଆଇସିସି ନିଷ୍ପତ୍ତି ନେବ। ଆଇସିସିର ନୀତି ଅନୁଯାୟୀ ଯଦି ବାଂଲାଦେଶ ନ ଖେଳେ, ତେବେ ତାହା ସ୍ଥାନରେ ସ୍କଟଲାଣ୍ଡକୁ ସୁଯୋଗ ମିଳିବ ବୋଲି କୁହାଯାଉଛି। ଏବେ ଆଇସିସିର ନିଷ୍ପତ୍ତିକୁ ସମସ୍ତେ ଅପେକ୍ଷା କରିଛନ୍ତି।

ସୂଚନାଯୋଗ୍ୟ, ଆଇପିଏଲ୍‌ରୁ ବାଂଲାର ଷ୍ଟାର ତଥା ଏକମାତ୍ର ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ବିଦା କରିବା ପରେ ବାଂଲାଦେଶ ସରକାର କ୍ଷୁବ୍ଧ ହୋଇଛନ୍ତି। ଏହି ଘଟଣା ପରେ ଖେଳାଳିଙ୍କ ଜୀବନ ପ୍ରତି ଭାରତରେ ବିପଦ ରହିଛି; ଏଣୁ ଭାରତରେ ବାଂଲାଦେଶ ଯେଉଁ ମ୍ୟାଚ୍ ଖେଳିବାର ଥିଲା ତାହା ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରାଯାଇଥିଲା। କିନ୍ତୁ ଆଇସିସିର ଏକଜିକ୍ୟୁଟିଭ୍ ବୋର୍ଡ ଭେନ୍ୟୁ ପରିବର୍ତ୍ତନକୁ ପ୍ରତ୍ୟାଖ୍ୟାନ କରିବା ସହ ଭାରତରେ ଖେଳିବାକୁ କହିଥିଲା। କିନ୍ତୁ ଆଇସିସିର ଏହି ନିର୍ଦ୍ଦେଶକୁ ମଧ୍ୟ ବାଂଲାଦେଶ ପ୍ରତ୍ୟାଖ୍ୟାନ କରିଛି। ଏବେ ଆଇସିସି କି ନିଷ୍ପତ୍ତି ଏବଂ କେବେ ନେବ ତାହାକୁ ଅପେକ୍ଷା କରାଯାଇଛି।

### ଏପ୍ରିଲ୍ ୨ରେ ଶେଷ ହେବ ୪ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ
## ନିର୍ବାଚନ ପ୍ରକ୍ରିୟା ଆରମ୍ଭ, ରାଜନୀତି ସରଗରମ

■ ଭୁବନେଶ୍ୱର, ୨୨।୧ (ସମିସ): ଆସନ୍ତା ଏପ୍ରିଲ ୨ ତାରିଖରେ ଶେଷ ହେବ ଓଡ଼ିଶାର ୪ ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ନିରଞ୍ଜନ ବିଶି, ସୁଜିତ୍ କୁମାର ଓ ମମତା ମହାନ୍ତଙ୍କ କାର୍ଯ୍ୟକାଳ। ଏଥି ନିମନ୍ତେ ଜାତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆରମ୍ଭ ହୋଇଛି ନିର୍ବାଚନ ପ୍ରକ୍ରିୟା। ଏପ୍ରିଲ ୨ରେ ଓଡ଼ିଶାର ୪ଟି ଆସନକୁ ମିଶାଇ ୧୦ ରାଜ୍ୟର ମୋଟ ୩୭ ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ବିଭିନ୍ନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ରିଟର୍ଣ୍ଣିଂ ଅଫିସର, ସହାୟକ ରିଟର୍ଣ୍ଣିଂ ଅଫିସର, ଭୋଟ୍ ଗ୍ରହଣ ସ୍ଥାନ ଏବଂ ବ୍ୟାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ପ୍ରସ୍ତାବ ପଠାଇବାକୁ ମୁଖ୍ୟ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ କମିସନଙ୍କ ପକ୍ଷରୁ ଲିଖିତ ଏହି ଚିଠିରେ ରାଜ୍ୟସଭା ନିର୍ବାଚନ ପାଇଁ ସମ୍ପୃକ୍ତ ରାଜ୍ୟର ବିଧାନସଭା ସଚିବାଳୟକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ମହାରାଷ୍ଟ୍ରର ୭ଟି, ତାମିଲନାଡୁରେ ୬ଟି, ପଶ୍ଚିମବଙ୍ଗରେ ୫ଟି, ଓଡ଼ିଶାରେ ୪ଟି, ତେଲଙ୍ଗାନାର ୨ଟି, ଆସାମର ୩ଟି, ବିହାରର ୬ଟି, ଛତିଶଗଡ଼ର ୨ଟି, ହରିୟାଣାର ୨ଟି ଆସନ, ହିମାଚଳ ପ୍ରଦେଶର ଗୋଟିଏ ଆସନରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ।

### ବିଜେପି ୨ଟି ଓ ବିଜେଡିକୁ ଗୋଟିଏ ଆସନ ନିଶ୍ଚିତ
### ୪ର୍ଥ ପାଇଁ ଛକାପଞ୍ଝା, କଂଗ୍ରେସ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଜ୍ୟସଭା ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ପରେ ଓଡ଼ିଶାରେ ରାଜନୈତିକ ପାଣିପାଗ ଅକସ୍ମାତ ଉଷ୍ମ ହୋଇ ଉଠିଛି। ୨୦୨୦ ମସିହାରେ ଏହି ୪ଟି ରାଜ୍ୟସଭା ଆସନ ବିଜେଡି ଦଖଲ କରିଥିଲା। ମାତ୍ର ୨୦୨୪ ▶ପୃଷ୍ଠା-୧୦

## ଗ୍ରାମରକ୍ଷୀଙ୍କ ଭତ୍ତା ୨୫୦୦ ଟଙ୍କାକୁ ବୃଦ୍ଧି

■ ଭୁବନେଶ୍ୱର, ୨୨।୧ (ସମିସ): ରାଜ୍ୟ ସରକାର ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା ବୃଦ୍ଧି କରିଛନ୍ତି। ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗ୍ରାମରକ୍ଷୀମାନଙ୍କ ଭତ୍ତା ୧୮୦୦ରୁ ୨୫୦୦ ଟଙ୍କାକୁ ବୃଦ୍ଧି ହୋଇଛି। ଏଥି ସହିତ ଗୃହରକ୍ଷୀମାନେ ଏଣିକି ସପ୍ତାହକୁ ଥରେ ଯେଉଁ ଥାନା ଅଧୀନରେ କାମ କରୁଥିବେ, ସେଠାକୁ ଯାଇ ସେମାନଙ୍କ ଉପସ୍ଥାନ ଦେବାର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅପରାଧୀ ଚିହ୍ନଟ ପ୍ରକ୍ରିୟାରେ ଗ୍ରାମରକ୍ଷୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ
## ୬ ପ୍ରସଙ୍ଗରେ ସରକାରଙ୍କୁ ହେବ ଷଣ୍ଢୁଆସୀ ଆକ୍ରମଣ

■ ଭୁବନେଶ୍ୱର, ୨୨।୧ (ସମିସ): ଗୁରୁବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି ଦଳର ରାଜନୈତିକ ବ୍ୟାପାର କମିଟି ବୈଠକ। ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତାଙ୍କର ରାଜନୈତିକ ପରାମର୍ଶଦାତା ଡଃ ସଂତୃପ୍ତ ମିଶ୍ର, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ବିକ୍ରମ ଆରୁଖ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ ଓ ଡଃ ସସ୍ମିତ ପାତ୍ର ଉପସ୍ଥିତ ଥିଲେ। ଏହି ବୈଠକରେ ବିଶେଷ କରି ୬ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି।

ବୈଠକ ପରେ ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ତଥା ଉପସଭାପତି ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ, ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦଳର ସଭାପତିଙ୍କ ▶ପୃଷ୍ଠା-୧୦



### ନିର୍ବାଚନ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି
### ଚାଷୀକୁଳକୁ ଧୋକା ଦେଇଛନ୍ତି ବିଜେପି ସରକାର
### ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଖୁବଶୀଘ୍ର ଖସଡ଼ା

### ୫ ଦିନରେ ଜଣାପଡ଼ିଗଲା ୫ କୋଟିର ରାସ୍ତାର ମାନ
## ହାତ ମାରିଦେଲେ ଉଠିଯାଉଛି ପିଚୁ



■ ବାରିପଦା, ୨୨।୧ (ସମିସ): କପ୍ତିପଦା ବ୍ଲକ୍ ଅଞ୍ଚଳରେ ନିମ୍ନମାନର ରାସ୍ତା କାମକୁ ନେଇ ଗ୍ରାମରେ ଉଦବେଗ ପ୍ରକାଶ ପାଇଛି। ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ପିଚୁ ରାସ୍ତା କାମ ୫ଦିନ ପରେ ହାତ ମାରିବାରୁ ତାହା ଉଠିଯାଇଛି। ଯାହାକୁ ନେଇ ଗ୍ରାମରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରଛନ୍ତି। ଜଣେ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାରଙ୍କ ଦ୍ୱାରା ନିର୍ମିତ କାମର ଗୁଣବତ୍ତା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱଚ୍ଛତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଉଦଳା ଡିଭିଜନ ଅଧୀନ କପ୍ତିପଦା ସେକ୍ସନ ଗୌଡଗାଁରୁ ଫୁଲବାଡିଆକୁ ସଂଯୋଗ କରୁଥିବା ୪ କିମି ରାସ୍ତା ନିର୍ମାଣ କାମ ନିକଟରେ ଶେଷ ହୋଇଛି। ଏହି ରାସ୍ତାର ନିର୍ମାଣ କାମ ଜଣେ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କରୁଥିଲେ। ରାସ୍ତା ପ୍ରଶସ୍ତିକରଣଠାରୁ ଆରମ୍ଭ କରି ପିଚୁ ନିର୍ମାଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ତରବରିଆ ଭାବେ କରାଯାଇଥିଲା। ଏପରିକି ନିର୍ମାଣ କାମକୁ ନେଇ କୌଣସି ସୂଚନା ଫଳକ ନ ଥିବାରୁ କାର୍ଯ୍ୟ ସମ୍ପର୍କରେ ଅଞ୍ଚଳବାସୀ ଅବଗତ ନାହାନ୍ତି। କାମରେ ବ୍ୟବହୃତ ସରଞ୍ଜାମ ଅତ୍ୟନ୍ତ ନିମ୍ନମାନର ଓ ସଠିକ ଭାବେ ମେଟାଲିଂ ହୋଇ ନ ଥିବାରୁ ତାହା ଚିରସ୍ଥାୟୀ ହେବା ପରିବର୍ତ୍ତେ କ୍ଷଣସ୍ଥାୟୀ ହୋଇପଡିଛି। ପୁରୁଣା ରାସ୍ତା ଉପରେ ପିଚୁ ଢାଳି ଦେଇ କାର୍ଯ୍ୟ କରାଯାଇଥିବାରୁ ନିର୍ମାଣ କାମର ୫ଦିନ ପରେ ତାହା ଉଠିବାକୁ ଲାଗିଥିଲା। ଗ୍ରାମବାସୀ ରାସ୍ତାର ପିଚୁକୁ ହାତରେ ଉଠାଇବାରୁ ତାହା ଫଡା ଫଡା ହୋଇ ସହଜରେ ଉଠିଯାଉଛି। ଏପରିକି ଗରମ ପିଚୁ ପକାଇବା ପରିବର୍ତ୍ତେ ଶୀତଳ ପିଚୁ ପକାଇବା ଓ ଭାଇବ୍ରେଟର ରୋଲର ନ ଚଳାଇବା ଯୋଗୁଁ ରାସ୍ତା କାମରେ ଗୁଣବତ୍ତା ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ଲୋକମାନେ ପିଚୁ ଉଠାଇ ଫୋପାଡି ଦେଇଛନ୍ତି। କାର୍ଯ୍ୟ ସ୍ଥଳୀକୁ ବିଭାଗୀୟ ଅଧିକାରୀ ଯାଉ ନ ଥିବାରୁ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ବିନିଯୋଗ ହେବାରେ ▶ପୃଷ୍ଠା-୧୦

## ସରଣ୍ଡାରେ ଏନକାଉଣ୍ଟର; ୧୫ ମାଓବାଦୀ ନିହତ

### ଦୁର୍ଦ୍ଧାନ୍ତ ଅନାଲ ଦା ବି ମୃତ
### ମୁଣ୍ଡ ଉପରେ ଥିଲା ଏକ କୋଟିର ପୁରସ୍କାର

■ ରାଞ୍ଚି, ୨୨।୧ (ଏଜେନ୍ସି): ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡରେ ଆଜି ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ୧୫ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ରହିଛି ଦୁର୍ଦାନ୍ତ ମାଓବାଦୀ ନେତା ଅନାଲ ଦା ଓରଫ ପତିରାମ ମାନ୍‌ଝୀ। ତାକୁ ଧରିବା ଲାଗି ରାଜ୍ୟ ପୁଲିସ ପକ୍ଷରୁ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ସିପିଆଇ (ମାଓବାଦୀ) କେନ୍ଦ୍ରୀୟ କମିଟିର ସଭ୍ୟ ଥିଲା। ତା ସହିତ ଆଉ ଜଣେ ଦୁର୍ଦାନ୍ତ ମାଓବାଦୀର ମଧ୍ୟ ମୃତ୍ୟୁ ଘଟିଛି। ତା ମୁଣ୍ଡ ପାଇଁ ୫୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସମସ୍ତ ୧୫ ମାଓବାଦୀଙ୍କ ଶବ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ବ୍ୟାପକ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ମଧ୍ୟ ଜବତ କରାଯାଇଛି।

ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲରେ ଏହି ଏନକାଉଣ୍ଟର ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ମାଓବାଦୀଙ୍କ ଗତିବିଧି ନେଇ ଗୁଇନ୍ଦା ଖବର ମିଳିଥିଲା। ଏହାକୁ ଆଧାର କରି ସୁରକ୍ଷା ବାହିନୀ ଗତକାଲି ରାତିରୁ ଏହି ଜଙ୍ଗଲରେ ପଶି କମ୍ବିଂ ଅପରେସନ୍ ଆରମ୍ଭ କରିଥିଲେ। ଏହି ସମୟରେ ସୁରକ୍ଷା ବାହିନୀ ଉପରେ ମାଓବାଦୀମାନେ ଗୁଳିମାଡ଼ କରିଥିଲେ। ସୁରକ୍ଷା ବାହିନୀ ମଧ୍ୟ ଏହାର କଡ଼ା ଜବାବ ଦେଇଥିଲେ। ଏଥିରେ ୧୫ ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ଚାଇବାସା ଅନ୍ତର୍ଗତ ଏହି ଜଙ୍ଗଲରେ ଏବେ ବି ସର୍ଚ୍ଚ ଅପରେସନ୍ ଜାରି ରହିଥିବାରୁ ପୁଲିସ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇ ନାହିଁ। ମଝିରେ ମଝିରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହେଉଛି। ଆହୁରି ▶ପୃଷ୍ଠା-୧୦

## ରେଲ୍‌ୱେ ସାଇଡିଂ ଯୋଗୁ ପ୍ରଦୂଷଣ ବଢୁଛି

# ଗଡ଼ିଲା ପୁଣି ତିନି ମୁଣ୍ଡ

### ଦୁଇ ଗାଁରେ ଗଲାଣି ୧୭୦ ଜୀବନ

ଦାନଗଦି,୨୨।୧(ସମିସ): ଦାନଗଦୀ ବ୍ଲକ ଧୂଳିଗଡ଼ ପଞ୍ଚାୟତର ମାନଗୋବିନ୍ଦପୁର ଓ ସୁଆଁଲ ଗାଁ ଦୁଇଟି ସୁକିନ୍ଦା ରୋଡ୍ ରେଳ ସାଇଡିଂକୁ ଲାଗି ରହିଛି। ବିଭିନ୍ନ ଖଣିଜ ଦ୍ରବ୍ୟ ଲୋଡିଂ ଓ ଅନଲୋଡିଂ ଓ ପରିବହନ ଦିନରାତି ଚବିଶ ଘଣ୍ଟା ଚାଲୁଛି। ଫଳରେ ମାତ୍ରାଧିକ ବାୟୁ ଜଳ ପ୍ରଦୂଷିତ ହୋଇ ଏହି ଦୁଇ ଗାଁର ୧୭୦ରୁ ଊର୍ଦ୍ଧ୍ୱ ଲୋକେ ଦୁଇ ବର୍ଷ ଭିତରେ ପ୍ରଦୂଷିଣ ଜନିତ ରୋଗରେ ପଡ଼ି ମୃତ୍ୟୁବରଣ କଲେଣି। ଗତକାଲି ମୁଣ୍ଡା ସାହିର ବୈରାଗୀ ମୁଣ୍ଡାଙ୍କ ପୁଅ ସିଦ୍ଧୁ ମୁଣ୍ଡା (୩୫)ଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ସକାଳୁ ଗୁଳା ସାହିର ସ୍ୱର୍ଗତ ବିଷ୍ଣୁ ନାଏକଙ୍କ ପୁଅ ମିଟୁ ନାଏକ (୨୧)ଙ୍କର ମୃତ୍ୟୁ ହୋଇଛି। ସେହିପରି ରେଲୱେ ସାଇଡିଂଙ୍କୁ ଲାଗିଥିବା ନୀଳମଣି ବେହେରା (୬୦)ଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସମସ୍ତଙ୍କର ନିଜ ଗାଁ ମଶାଣିରେ ଶେଷ କୃତ୍ୟ ହୋଇଛି।

ଏହି ୩ ଜୀବନ ଯିବା ପରେ ଦୁଇ ଗାଁରେ ପ୍ରଦୂଷଣ ଜନିତ ଭୟଙ୍କର ଆତଙ୍କ ଖେଳିଯାଇଛି। ବାୟୁର ଗୁଣବତ୍ତା ୨୫୦ରୁ ୩୦୦ ଏହି ଦୁଇଗାଁରେ ରହୁଥିବା ବେଳେ ଏହା ଅତ୍ୟନ୍ତ ବିପଦଜନକ ଯେଉଁଠି କି ମଣିଷ ବସବାସ କରିବା ଯୋଗ୍ୟ ନୁହେଁ। ଏଠି ଅକାଳରେ ଭେଣ୍ଡିଆ ରୋଜଗାରିଆ ପୁଅକୁ ମା' ହରାଇ ମୁଣ୍ଡ ପିଟୁଛି ତ, କେଉଁଠି ସ୍ୱାମୀଙ୍କୁ ହରାଇ ବିଧବା ସ୍ତ୍ରୀ ଅସହାୟ ହେଉଛି। ଛୋଟ ଛୋଟ କୋମଳମତି ଅନାଥ ଶିଶୁର ଅନିଶ୍ଚିତ ଭବିଷ୍ୟତକୁ ଦେଖି ମା' ଆଖିରୁ ଲୁହ ଝରୁଛି। ମଣିଷ ମଡ଼କର ଅନ୍ତ କେବେ ଘଟୁନାହିଁ। ବଞ୍ଚି ଥାଉଁ ଥାଉ ସରକାର କାହିଁକି ଏ ଦୁଇ ଗାଁର ସରଳ, ନିରୀହ ଲୋକମାନଙ୍କୁ ଧୂଳି, ଧୂଆଁରେ ସମାଧି ଦେଉଛନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିକାଶ ହେଉ, ବିକାଶକୁ ଲୋକେ ବିରୋଧ କରୁନାହାନ୍ତି; କିନ୍ତୁ ରେଲ୍‌ୱେ ସାଇଡିଂକୁ ପାଖାପାଖି ଲାଗିଥିବା ଦୁଇ ଗାଁର ଗୁଳାସାହି, ନୀଳପଦା ସାହିକୁ ବିସ୍ଥାପିତ କରାଯାଉ। ସ୍ୱାସ୍ଥ୍ୟ ଶିବିର ହେଉ। ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉ। ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ହେଉ ବୋଲି ଲୋକମାନେ ଦାବି କରିଛନ୍ତି। ଖାଲି ଲୋକ ଦେଖାଣିଆ ଆଞ୍ଚଳିକ ପ୍ରଦୂଷଣ ବିଭାଗ ନୋଟିସ୍ ଦେଇ ଚୁପ ବସି ଯାଉଛି। ଫଳରେ ଲୋକେ କେବଳ ଦହଗଞ୍ଜ ହେଉଛନ୍ତି। ଆଉ କେତେମୁଣ୍ଡ ଗଡ଼ିଲା ପରେ ପ୍ରଶାସନର ନିଦ ଭାଙ୍ଗୁବ ନା ଗାଁ ଲୋକ ଶୂନ୍ୟ ହେଲା ପଯ୍ୟନ୍ତ ଜାଣି ପ୍ରଶାସନ ଚିପ୍ ବସିବ ତାହା ଦେଖିବାକୁ ବାକି ରହିଛି।

## ଗଣ୍ଡାନାଳକୁ ପ୍ରଦୂଷଣ ମୁକ୍ତ ପାଇଁ ପଦକ୍ଷେପ

ଦାନଗଦି,୨୨।୧(ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଗଣ୍ଡାନାଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର ଶିଳ୍ପାଞ୍ଚଳର ଜୀବନ ସ୍ରୋତ ଗଣ୍ଡନାଳର ବିଭିନ୍ନ ସ୍ଥାନରୁ ପାଣିର ନମୂନା ସଂଗ୍ରହ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍ ରାମ୍ପିଲୋ ବାରାଖାଇ, କୁସୁନପୁର, ନୂଆଗାଁ, ସରୋବର ନିକଟ ଓ ମାଟିକର ନିକଟରୁ ପାଣି ପରୀକ୍ଷଣ ପାଇଁ ନମୂନା ସଂଗ୍ରହ କରିଛନ୍ତି। ଶିଳ୍ପ ସଂସ୍ଥା ଗୁଡ଼ିକ ପ୍ରଦୂଷିତ ଜଳ ଛାଡୁଥିବା ଅଭିଯୋଗ ହେଉଥିବା ବେଳେ ଏହାକୁ ଅନୁଧ୍ୟାନ କରିବା ପାଇଁ ବିଭାଗ ପକ୍ଷରୁ ନମୂନା ପରୀକ୍ଷଣକୁ ଅଧିକ କ୍ରିୟାଶୀଳ କରାଯାଇଛି। ନମୂନା ସଂଗ୍ରହ ଓ ପରୀକ୍ଷଣ ପରେ ପ୍ରଦୂଷଣ କରୁଥିବା କାରଖାନା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ ସୂଚନା ଦେଇଛନ୍ତି।



## ଚିକଣା ସନ୍ତୋଷୀ ମନ୍ଦିରରୁ ଚୋରି

ବିଞ୍ଝାରପୁର/ମଇଁନ୍ଦା,୨୨।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ଗ୍ରାମର ପ୍ରସିଦ୍ଧ ମା' ସନ୍ତୋଷୀ ମନ୍ଦିରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ରାତିରେ ଅଜଣା ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ଦାନବାକ୍ସ ସହ ମା'ଙ୍କ ମୂଲ୍ୟବାନ ଗହଣା ଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି। ଚୋରି ପରେ ଦୁର୍ବୃତ୍ତମାନେ ହୁଣ୍ଡି ଦାନବାକ୍ସକୁ ମନ୍ଦିର ସମୀପସ୍ଥିତ ପଡ଼ିଆରେ ଫିଙ୍ଗି ଦେଇଥିବା ଦେଖାଯାଇଛି। ସକାଳୁ ମନ୍ଦିର ପୂଜାରୀ ଓ ସ୍ଥାନୀୟ ଲୋକମାନେ ମନ୍ଦିର ଖୋଲିବାକୁ ଯାଇ ତାଲା ଭାଙ୍ଗା ଓ ହୁଣ୍ଡି ଗାୟବ ଥିବା ଦେଖି ଅଳକୁଣ୍ଡା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହୁଣ୍ଡିରେ କେତେ ଟଙ୍କା ଥିଲା ସେନେଇ ତଦନ୍ତ ଚାଲିଥିବା ବେଳେ, ମା' ସନ୍ତୋଷୀଙ୍କ ବେକରେ ଥିବା ପାଞ୍ଚଟି ମୂଲ୍ୟବାନ ହାର ମଧ ଦୁର୍ବୃତ୍ତମାନେ ଲୁଟିନେଇଥିବା ସୂଚନା ମିଳିଛି। ଏହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କାରୁ ଅଧିକ ବୋଲି କୁହାଯାଉଛି। ଏହି ଘଟଣାକୁ ନେଇ ଅଞ୍ଚଳର ଶ୍ରଦ୍ଧାଳୁ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଓ ଅସନ୍ତୋଷ ପ୍ରକାଶ ପାଇଛି।

### ଗୋଚାଲାଣ ମାମଲାରେ ପୁଲିସର ଚଢ଼ଉ ଘଟଣା

## ଗୋମାଫିଆଙ୍କ ୯ଟି ଆକାଉଣ୍ଟ ଫ୍ରିଜ୍

କୁଆଖିଆ,୨୨।୧(ସମିସ): ବେଆଇନ ଗୋଚାଲାଣ ମାମଲାରେ ଯାଜପୁରରେ କେନ୍ଦୁଝର ପୁଲିସର ବଡ଼ଧରଣର ଚଢ଼ଉ କରାଯାଇଥିଲା। ଯାଜପୁର ଜିଲ୍ଲା କୁଆଖିଆ ଓ ବ୍ରହ୍ମବରଦା ଥାନା ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କରେ ଚଢ଼ଉ କରାଯାଇଛି। କୁଆଖିଆ, ହରିପୁର, ବରୁଆଁ ଓ ବ୍ରହ୍ମବରଦା ଆଦି ସ୍ଥାନରେ ଥିବା ବ୍ୟାଙ୍କ ଗୁଡିକରେ ଗୋମାଫିଆଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ କରି ଫ୍ରିଜ୍ କରିଛି ପୁଲିସ। କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ଉ କରାଯାଇଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ଗୁଡିକୁ ପ୍ରଥମେ ଯାଞ୍ଚ କରାଯାଇଥିଲା। ଦୈତାରୀ ଥାନାରେ ହୋଇଥିବା ମାମଲା ଅନୁଯାୟୀ କୁଆଖିଆ ସ୍ଥିତ ଷ୍ଟେଟ୍‌ବ୍ୟାଙ୍କରେ ଗୋମାଫିଆ ଓ ତାଙ୍କ ସମ୍ପର୍କୀୟଙ୍କ ନାଁରେ ଥିବା ୨ଟି ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିବା ବେଳେ ହରିପୁର ସ୍ଥିତ ବ୍ୟାଙ୍କ ଅଫ ବରୋଦାରେ ୪ଟି, ବରୁଆଁ ସ୍ଥିତ ୟୁନିଅନ ବ୍ୟାଙ୍କରେ ଗୋଟିଏ ଓ ବ୍ରହ୍ମବରଦା ସ୍ଥିତ ଷ୍ଟେଟବ୍ୟାଙ୍କ ଶାଖାରେ ୨ଟି ଆକାଉଣ୍ଟ ଫ୍ରିଜ କରାଯାଇଛି। ଏହି ସବୁ ଆକାଉଣ୍ଟରେ ୨ଲକ୍ଷରୁ ଅଧିକ ରହିଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ଜବାହାର ନବୋଦୟ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ପାଣିକୋଇଲି,୨୨।୧(ସମିସ): ପାଣିକୋଇଲିସ୍ଥିତ ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରର ବାର୍ଷିକ




ଉତ୍ସବ ଉତ୍କର୍ଷ ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବାର୍ଷିକ ଉତ୍ସବ ସନ୍ଧ୍ୟା ବିଦ୍ୟାଳୟର ଅଧ୍ୟକ୍ଷ ଅଭିମନ୍ୟୁ ଭଞ୍ଜଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ପାଲା ଗାୟକ ଜିଲ୍ଲା ସଭାପତି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀପ୍ରାପ୍ତ ଶିକ୍ଷକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ବ୍ୟାସନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୌରଭମୟ ଦାଶ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଭବିଷ୍ୟତ ଗଠନରେ ପୂର୍ବପୁରୁଷମାନଙ୍କର ଅବଦାନ ବା ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ କଥାବସ୍ତୁକୁ ନେଇ ସେମାନେ ଜୀବନରେ କିପରି ଭଲ ମଣିଷ ହୋଇପାରିବେ ସେ ନେଇ ମତ ରଖିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ କେଶରୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧକ୍ଷା ବିଦ୍ୟାଳୟର ବାର୍ଷିକ ବିବରଣୀ ମଧ ପ୍ରଦାନ କରିଥିଲେ।

ସିବିଏସଏଇ ଟପର ସେମ୍ୟଶ୍ରୀ ପାଣିଗ୍ରାହୀ, ଅଂଶୁମାନ ସାମଲ, ପ୍ରତ୍ୟୁଷ କୁମାର ପୃଷ୍ଟି, ଶ୍ରେଣୀ ଟପର ଭାଗଶ୍ରୀ ମହାପତ୍ର, ପ୍ରଲିପ୍ତା ଦାସ, ରୋହନ ମହାଳିକ, ଅର୍ପିତା ଦାସ, କ୍ରିଷ୍ଣା ସାଗରିକା ନାୟକ, ରୂପନ ମୁଣ୍ଡା, ମାନଭି ଦାସ, ସତ୍ୟବ୍ରତ ପାତ୍ର ସମତେ ସାଇ ସାରିନ ଦାସ, ଦିବ୍ୟଶ୍ରୀ ନାଥ, ଆୟୁଷ ସାହୁ, କ୍ଷମା ସାମଲ, ସାଇ ସନ୍ତୋଷ ସାହୁ, ଓମ ପ୍ରକାଶ ପାଢୀ, ଶକ୍ତିଜିତ ମଲ୍ଲିକ, ତନୁଶ୍ରୀ ପି ସହାଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡିଶୀ, ଘୁମୁରା, ସାନ୍ତାଳୀ, ୟଗୋ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରେସ୍ ଫୋରମର କମ୍ବଳ ଓ ଖାଦ୍ୟ ବଣ୍ଟନ




ବାଲିଚନ୍ଦ୍ରପୁର,୨୨।୧(ସମିସ): ଓଳାଶୁଣୀ ଗୁମ୍ଫାଯାତ୍ରାରେ ପ୍ରତ୍ୟହ ସହସ୍ରାଧିକ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯୋଗଦେବା ସହିତ ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି ଦର୍ଶନ କରୁଛନ୍ତି। ଗୁମ୍ଫା ଦଶମୀ ରାତ୍ରିରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁ ସନ୍ୟାସୀମାନେ ପାହାଡ଼ ଶୀର୍ଷକୁ ଆସି ମହାପୁରୁଷଙ୍କୁ ଦର୍ଶନ କରିଥିଲେ। ଏକାଦଶୀ ପ୍ରାତଃକାଳରୁ ଓଳାଶୁଣୀ ବଡ଼ଦାଣ୍ଡରେ ହଜାର ହଜାର ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ମେଳାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସେବାକାରୀମାନେ ସେବା ଓ ସହାୟତା ଯୋଗାଇ ଆସୁଛନ୍ତି। ଓଳାଶୁଣୀ ପାହାଡ଼ରେ ଶୀତର ପ୍ରକୋପ ଅଧିକ ହେତୁ ଗରିବ ଅସହାୟ ଲୋକମାନେ ବହୁ କଷ୍ଟ ସ୍ୱୀକାର କରୁଛନ୍ତି। ଫଳରେ ଦୀର୍ଘ ୩ ବର୍ଷ ଧରି ପୁଷ୍ପଗିରି ପ୍ରେସ୍ ଫୋରମ ବାଲିଚନ୍ଦ୍ରପୁର ତରଫରୁ ଓଳାଶୁଣୀ ମେଳାରେ ଗରିବ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଉଛି। ପ୍ରେସ୍ ଫୋରମର ସମ୍ପାଦକ ରାକେଶ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ସଭାପତି ସୁମନ୍ତ କୁମାର ଭୂୟାଁ, କାର୍ଯ୍ୟକାରୀ ସଭାପତି ସତ୍ୟାନନ୍ଦ ମଲ୍ଲିକ, କୋଷାଧ୍ୟକ୍ଷ ନାରାୟଣ ସାହୁ, ନିବାରଣ ସାହୁ, ସଞ୍ଜୟ କୁମାର ବାରିକ, ବିକାଶ ରଞ୍ଜନ ବଳ, ଶୁଭକାନ୍ତ ସାହୁ, ରବିନ୍ଦ୍ର କୁମାର ନାୟକ, କୁଳମଣି ବାରିକ, ସୁବ୍ରତ କୁମାର ମଲ୍ଲିକ, ସତ୍ୟଭାମା ସେନାପତି, ରାକ୍ଷୀ ବାରିକ ପ୍ରମୁଖ ଉପସ୍ଥିତ ରହି ଅସହାୟ ଶ୍ରଦ୍ଧାଳୁମାନଙ୍କୁ କମ୍ବଳ ଓ ଖାଦ୍ୟ ପୁଡ଼ିଆ ପ୍ରଦାନ କରିଛନ୍ତି।

## ଇ-ଟ୍ରାଇସାଇକଲ ପାଇଁ ପ୍ରଶାସନକୁ ଗୁହାରି

କବାଟବନ୍ଧ,୨୨।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ଲୋଚନ ପରିଡାଙ୍କ ପୁଅ ବଳରାମ ପରିଡା (୫୫)। ଦୀର୍ଘ ଦିନ ଧରି ବଳରାମ ଏକ ବିଦ୍ୟୁତ୍ ଚାଳିତ ତିନିଚକିଆ ସାଇକଲ ପାଇଁ ଜନପ୍ରତିନିଧି ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିବା ପରେ ବି ଏଯାଏଁ ବିଦ୍ୟୁତ୍ ଚାଳିତ ଟ୍ରାଇସାଇକଲ୍ ନ ପାଇ ଦୁଃଖ ପ୍ରକାଶ କରିଛନ୍ତି। ସରକାର ଭିନ୍ନକ୍ଷମ ଏବଂ ଦିବ୍ୟାଙ୍ଗ ପାଇଁ ଅନେକ ଯୋଜନା ଏବଂ ସୁବିଧା ଯୋଗାଇ ଦେଉଥିବା ବେଳେ ବଳରାମ ଉକ୍ତ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି ଓ ବଳରାମ ପ୍ରାୟ ୩ ବର୍ଷ ପୂର୍ବେ ଅସାବଧାନତା କାରଣରୁ ଛାତରୁ ତଳକୁ ପଡିଯାଇଥିଲେ। ମେରୁଦଣ୍ଡ ଜନିତ ଅପରେସନ ପରେ ସେ ସୁସ୍ଥ ହୋଇଥିଲେ



ମଧ ଚଲବୁଲା କରିବା ପାଇଁ ଅସମର୍ଥ ହୋଇଥିଲେ। ଫଳରେ ହୁଇଲ୍ ଚେୟାର ସାହାଯ୍ୟରେ ଯିବା ଆସିବା କରୁଛନ୍ତି। ଅଭାବ ଅସୁବିଧାରେ ପରିବାର ଚଳାଉଥିବା ବଳରାମଙ୍କୁ ବିଦ୍ୟୁତ ଚଳିତ ଇ- ଟ୍ରାଇସାଇକଲଟିଏ ଯୋଗାଇ ଦେଲେ ସେ କୌଣସି ବ୍ୟବସାୟ କରି ପରିବାର ପ୍ରତି ପୋଷଣ କରି ପାରିବେ ବୋଲି କହିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଏକ ତିନି ଚକିଆ ବିଦ୍ୟୁତ୍ ଚାଳିତ ସାଇକଲ୍ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ବରାଂଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ମଧୁବନ,୨୨।୧(ସମିସ): ରସୁଲପୁର ବ୍ଲକ ବରାଂଶ ଗ୍ରାମରେ ଥିବା ବରାଂଶ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ କ୍ରୀଡ଼ା ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରଜ୍ଞା ପରମିତା ମଲିକ ମୁଖ୍ୟଅତିଥି ରୂପେ ଓ ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର କଣ୍ଠ ଓ କାଳନ୍ଦୀ ଚରଣ କଣ୍ଠ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଶ୍ମିରଞ୍ଜନ ପଣ୍ଡା ବିଦ୍ୟାଳୟର ସମସ୍ୟା ଓ ଆବଶ୍ୟକ ଭିତ୍ତି ଭୂମି ଉପରେ ବକ୍ତବ୍ୟ ଦେଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ କାମିନୀବାଳା ମଲିକ ଉତ୍ସବରେ ସଭାପତିତ୍ୱ କରୁଥିଲେ। ସରକାରୀ ଶିକ୍ଷକ ଧର୍ମେନ୍ଦ୍ର ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ଠିକାଦାର ସଂଘର ସମସ୍ୟା ନେଇ ବୈଠକ




ଯାଜପୁର,୨୨।୧(ସମିସ): ଯାଜପୁର ବିରଜା କଲ୍ୟାଣ ମଣ୍ଡପରେ ଯାଜପୁର ଜିଲ୍ଲା ଠିକାଦାର ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସଂଜୀବ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଘର ସଭାପତି ଅନିଲ କୁମାର ମହଳିକ, ହେମବତୀ ନନ୍ଦନ ଚକ୍ରବର୍ତ୍ତୀ, ରାମାକାନ୍ତ ଜେନା, ତାରିଣୀ ପ୍ରସାଦ ଦାସ, ସଞ୍ଜୟ ମିଶ୍ର, ଉମାକାନ୍ତ ସାମନ୍ତରାୟ, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଜେନା, ମୁଖ୍ୟ ଉପଦେଷ୍ଟା କେଦାର ରାଉତରାୟ, ନିହାର ରଞ୍ଜନ ମାନ୍ଧାତା ପ୍ରମୁଖ ଯୋଗ ଦେଇ ବୈଠକରେ ଠିକାଦାରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୩ ତାରିଖରେ ବାହାରିଥିବା ବିଜ୍ଞପ୍ତିରେ ଅନେକ ତ୍ରୁଟି ଥିବା ଅଭିଯୋଗ କରିଛି ସଂଘ। ପୂର୍ବ ସରକାର ସମୟରେ ୧୪.୯୯ ପ୍ରତିଶତ ଲେସ୍ ଥିଲା; କିନ୍ତୁ ବର୍ତ୍ତମାନ ସରକାର ତାହାକୁ ଉଠେଇ ଦେଇଛନ୍ତି। ପୁରୁଣା ସିଡ୍ୟୁଲରେ ଠିକାଦାରମାନେ ଯେଉଁ ଟେଣ୍ଡର ପକାଇବେ ତାହା ୨୦ରୁ ୪୦ ପ୍ରତିଶତ ଲେସ୍ କରାଯିବ। ଏଥିରେ କାମର ମାନ ଠିକ୍ ଯେତିକି ରହିବା କଥା ତାହା ରହିପାରିବ ନାହିଁ। ଏହାକୁ ଦୃଢ଼ ବିରୋଧ କରିବା ସହିତ ଆଗାମୀ ଦିନରେ ସରକାର ଯଦି ସିଡ୍ୟୁଲ ରେଟ୍‌ର ପରିବର୍ତ୍ତନ ନ କରନ୍ତି ତେବେ କାମ ବନ୍ଦ କରାଯିବା ସହିତ ରାଜ୍ୟର ସମସ୍ତ ଠିକାଦାର ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଠିକାଦାର ସଂଘର ସଦସ୍ୟ ମାନେ ଚେତାବନୀ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଠିକାଦାର ରାଜେଶ ମହାପାତ୍ର, ଆଲୋକ ସାମଲ, ବସନ୍ତ ମିଶ୍ର, ପ୍ରଶାନ୍ତ ଦାସ, ବିଜୟ ପରିଡ଼ା, ସିଦ୍ଧାର୍ଥ ସାମଲ, ସୌମ୍ୟ ସାମଲ, ଶରତ ସାହୁ, ମନୋଜ ସାହୁ, ବିଷ୍ଣୁ ନାୟକ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଠିକାଦାରମାନେ ଉପସ୍ଥିତ ଥିଲେ।

## ଆଜିଠାରୁ ଜୟ ଜଗନ୍ନାଥ ମହୋତ୍ସବ

ଜେନାପୁର,୨୨।୧(ସମିସ): ଭାବ ଓ ଭକ୍ତିର ମହାନ ଆଧାତ୍ମିକ କାର୍ଯ୍ୟକମ ଜୟ ଜଗନ୍ନାଥ ମହୋତ୍ସବ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତର ଭୁବନପୁର ଗ୍ରାମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଶୁକ୍ରବାର ସକାଳ ୭ ଘଟିକା ସମୟରେ ଅଙ୍କୁରାରୋପଣ କରାଯାଇ ରାଜ୍ୟର ବିଭିନ୍ନ ପ୍ରକାରର ବହୁ ସଂଖ୍ୟକ ସାଂସ୍କୃତିକ ଦଳ, ବାଜା, ବାଣ, କୀର୍ତ୍ତନ ଓ ଘଣ୍ଟ ଘଣ୍ଟା ଧ୍ୱନୀରେ ବିରାଟ କଳସ ଯାତ୍ରା ଗ୍ରାମ ପରିକ୍ରମା କରିବ। ଶୁକ୍ରବାର ବିଭିନ୍ନ ସମୟରେ ମଞ୍ଚରେ ପାଲା, ଗୀତିନାଟ୍ୟ, ଘୋଡାନାଚ, ପାଇକ ଆଖଡ଼ା, ଛଉ ନୃତ୍ୟ, ବାଡ଼ିଖେଳ ଆଦି ଅନୁଷ୍ଠିତ ହେବ। ଏହିଦିନ ଅଭିନେତା ରାକେଶ ଦେଓ ଯୋଗଦେବେ। ଶନିବାର ସୁନାମଧନ୍ୟ ଭଜନ ଗାୟକ ସୁବାସ ଦାସଙ୍କ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ରବିବାର ପାଇକ ଆଖଡ଼ା ସହ ରାଜ୍ୟର ସୁନାମଧନ୍ୟ ନୃତ୍ୟ ଅନୁଷ୍ଠାନ ଗଡ୍‌ମେକର, କୋକିଳା, ଉତ୍ର ପ୍ରଭୃତି ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ ସହ ବିଭିନ୍ନ ପ୍ରକାର ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଭୁବନପୁର ଗ୍ରାମର ଆରାଧଦେବ ମହାପ୍ରଭୁ ଶ୍ରୀଶ୍ରୀ ରାଧାକୃଷ୍ଣ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ଏହି ମହୋତ୍ସବ ପ୍ରତିବର୍ଷ ଅନୁଷ୍ଠିତ ହେଉଛି। ଦୁଇଦିନ ପୂର୍ବରୁ ବରିଷ୍ଠ ସମାଜସେବୀ ସନ୍ତୋଷ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ବଡ଼ ଧରଣର ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମହୋତ୍ସବର ସୁପରିଚାଳନା ପାଇଁ କମିଟିର ସଭ୍ୟ ମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇ ଥିଲା। ଏହି ଯଜ୍ଞ ସମୟରେ ଆରାଧ ଦେବ ମହାପ୍ରଭୁ ଶ୍ରୀଶ୍ରୀ ରାଧାକୃଷ୍ଣଙ୍କୁ ଭକ୍ତଟିଏ ଭକ୍ତିର ସହ ଯାହା ମାଗିଥାଏ ତାହା ପାଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ପ୍ରତିଷ୍ଠିତ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ଗୋପିନାଥଜୀଉ ମନ୍ଦିର ବାର୍ଷିକ ଉତ୍ସବ

ପାଣିକୋଇଲି,୨୨।୧(ସମିସ): କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତସ୍ଥ ଓଟିନ୍ଦା ଗ୍ରାମରେ ଶ୍ରୀଶ୍ରୀ ଗୋପିନାଥଜୀଉଙ୍କ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଦ୍ୱିଦିବସୀୟ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରରେ ପୂର୍ଣ୍ଣତୋୟା ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟକୁ କଳସ ଯାତ୍ରା ବାହାରି ଗ୍ରାମରେ ପହଞ୍ଚିଥିଲା। ଶତାଧିକ ମହିଳାଙ୍କ ଏହି କଳସ ଯାତ୍ରାରେ ଯୋଗଦେଇଥିବା ବେଳେ ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପାଣିକୋଇଲି ମା' ତାରିଣୀ ମନ୍ଦିରୁ ଶୋଭାଯାତ୍ରା ନାମ ସଂକୀର୍ତ୍ତନ ସହ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ଆଚାର୍ଯ୍ୟ ରଘୁନାଥ ପାଢୀ, ମୋହନ ଚରଣ ପାଢୀ, ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି, ପ୍ରଫୁଲ୍ଲ ପାଢୀ, ତତ୍ତ୍ୱାବଧାନରେ କର୍ତ୍ତା ଭାବେ ସୁବାସ ଧଳ ଓ ଶ୍ୱେତପଦ୍ମା ଧଳ, ଶରତ ଚନ୍ଦ୍ର ଦାଶ ଓ ଗୀତାଞ୍ଜଳୀ ଦାଶ, କୃଷ୍ଣଚନ୍ଦ୍ର ପାଢୀ ଓ ସୁକାନ୍ତି ପାଢୀ ସସ୍ତ୍ରୀକ କାର୍ଯ୍ୟ ଭାର ତୁଲାଇଥିଲେ। ପରେ ନାମ ସକୀର୍ତ୍ତନ ଭଜନ ସନ୍ଧ୍ୟା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ସୂର୍ଯ୍ୟପୂଜା ଓ ଗୀତା ଯଜ୍ଞ କରାଯାଇ ପୂର୍ଣ୍ଣାହୂତି କରାଯାଇଥିଲା। ପରେ ଶୋଭାଯାତ୍ରାରେ ଯାଇ କଳସ ବିସର୍ଜ୍ଜନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସତିସ ଧଳ, ଆଲୋକ ବେହେରା, ଅଚ୍ୟୁତାନନ୍ଦ ସାହୁ, ସୁରେଶ ଧଳ, ଶିବ ପ୍ରସାଦ ଗିରି, ପ୍ରକାଶ ମଲିକ, ଅକ୍ଷୟ ସାମଲ, ଭିମସେନ ଦାସ, ନଣ୍ଡା ଦାସ, କାଳିଆ ବାରିକ, ଅରୁଣ ଆରଣଙ୍କ ସମେତ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ବିଶ୍ୱନାଥ ମହାଦେବ ମନ୍ଦିରର ବାର୍ଷିକ ଉତ୍ସବ

କବାଟବନ୍ଧ,୨୨।୧(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମରେ ବିଶ୍ୱନାଥ ମହାଦେବ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବର ରୀତିନୀତି ଅନୁଯାୟୀ ପୂଜା ଆରମ୍ଭରେ କଳସ ସ୍ଥାପନ, ଶୈଳପୁତ୍ରୀ ପୂଜା, ବନ୍ଦାଧିବାସ ପୂଜା କରାଯାଇଥିଲା। ଏହି ପୂଜାରେ ସସ୍ତ୍ରୀକ କୁସ ସାହୁ ଏବଂ ଧର୍ମ ପତ୍ନୀ ମାତାଜୀ କର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ବିରେନ୍ଦ୍ର ପଣ୍ଡା ସହଯୋଗୀ ଜୀବନ ପଣ୍ଡା ରୀତିନୀତି ଅନୁଯାଇ ପୂଜାକାର୍ଯ୍ୟ କରିଥିଲେ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଭଜନ କୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଝାଡ଼େଶ୍ୱର ମହାବିଦ୍ୟାଳର ବାର୍ଷିକ ଉତ୍ସବ

ଦାନଗଦି,୨୨।୧(ସମିସ): ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ମହାବିଦ୍ୟାଳୟ ଯୁକ୍ତ ୨ ଓ ଯୁକ୍ତ ୩ର ୪୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କଲେଜର ପ୍ରତିଷ୍ଠାତା ଦୀନବନ୍ଧୁ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ସମବାୟ, ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ବିଶ୍ୱଜିତ ରାଜ ଓ ପ୍ରତାପ ଧିର, ମୁଖ୍ୟ ବକ୍ତା ଭାବେ ଦାନଗଦୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ଯୋଗ ଦେଇଥିଲେ। ଯୁକ୍ତ ୨ର ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁକ୍ତ ୩ର ଅଧକ୍ଷ ବିଜୟ କୁମାର ସାହୁ ବକ୍ତବ୍ୟ ରଖିଥିଲେ। ସଭାପତି ଦୀନବନ୍ଧୁ ପୃଷ୍ଟି କଲେଜର ବିକାଶ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କଲେଜରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦୁର୍ଯ୍ୟୋଧନ ପଣ୍ଡା କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଓ ଅଧ୍ୟାପିକା ମୀରାମ୍ବିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






## ଜଳିଗଲା ୬ ବଖରା ଘର



ପଦ୍ମପୁର,୨୨।୧(ସମିସ): ବାସୁଦେବପୁର ବ୍ଲକ୍ ପଦ୍ମପୁର ପଞ୍ଚାୟତର ନାୟକସାହିର ଭୟାବହ ଅଗ୍ନିକାଣ୍ଡରେ ଜଳିଗଲା ୬ ବଖରା ଘର। ବୁଧବାର ବିଳମ୍ବିତ ରାତିରେ ଗଣେଶ ବାରିକଙ୍କ ଘରେ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ପାଖ ଘର ଦୟାନିଧି ବାରିକ, ବଳରାମ ବାରିକ, ରସାନନ୍ଦ ବାରିକ, ଅଗଣୀ ବାରିକ ଓ ଜଗନ୍ନାଥ ବାରିକଙ୍କ ଘରକୁ ନିଆଁ ବ୍ୟାପିଯାଇଥିଲା। ପାଖ ପଡ଼ୋଶୀ ଦେଖି ଅଗ୍ନିବିପନ୍ନ ଲୋକଙ୍କୁ ଡାକି ଉଠାଇଥିଲେ। ସଙ୍ଗେ ସଙ୍ଗେ ସମସ୍ତ ଘର ଜଳି ଯାଇଥିଲା। ଲୁଗାପଟା ସହିତ ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ଲକ୍ଷ ଲକ୍ଷ ଟଙ୍କାର ଦରକାରୀ କାଗଜପତ୍ର ପୋଡ଼ି ଯାଇଛି। ଖବର ପାଇ ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ୬ ପରିବାରର ୬ ବଖରା ଘର ଜଳିଯାଇଥିଲା। ବାସୁଦେବପୁର ବିଧାୟକ ଅଶୋକ ଦାସ ଓ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସହଯୋଗର ହାତ ବଢ଼ାଇଛନ୍ତି। ରୋଟାରୀ କ୍ଲବ୍ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି।

## ପୋଷ୍ଟ ମାଷ୍ଟର ନରେନ୍ଦ୍ରଙ୍କ ସ୍ମୃତିସଭା



ଦୋଳସାହି,୨୨।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ସମାଜସେବୀ ନରେନ୍ଦ୍ର ପାଣିଗ୍ରାହୀଙ୍କ ବିୟୋଗରେ ଏକ ସ୍ମୃତିସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉକି, ଗୁଆମାଳ ପଞ୍ଚାୟତ କୁମାରପୁର ଗାଁର ଅଧିବାସୀ ଭଦ୍ରକ ହେଡ୍ ପୋଷ୍ଟ ଅଫିସର ପୂର୍ବତନ ପୋଷ୍ଟ ମାଷ୍ଟର ତଥା ଜିଲ୍ଲାର ବିଭିନ୍ନ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରିଥିବା ନରେନ୍ଦ୍ରଙ୍କ ୭୫ ବର୍ଷ ବୟସରେ ପରଲୋକ ଘଟିଛି। ଜଣେ ପରୋପକାରୀ, ମେଳାପୀ ତଥା ଦକ୍ଷ ଅଧିକାରୀ ଭାବେ ସେ ପରିଚିତ ଥିଲେ। ଏହି ସ୍ମୃତିସଭାରେ ଗୁଆମାଳ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା, ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ସୁଧାଂଶୁ ପାଣିଗ୍ରାହୀ, ସତ୍ୟାନନ୍ଦ ପାଣିଗ୍ରାହୀ, ଅଜୟ ତ୍ରିପାଠୀ, ଶିକ୍ଷକ ଶିବବ୍ରତ ମିଶ୍ର, ତାଳପଦା ପଞ୍ଚାୟତର ଯୁବନେତା ତାପସ ବେହେରା, ଦୈତାରୀ ଶୁକ୍ଳ, ଅମିୟ ଖଟୁଆ, ପ୍ରଶାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଅସୁରାଳି,୨୨।୧(ସମିସ): ଗଡ଼ିଆଳି ପଞ୍ଚାୟତ ଝରଡ଼ିଆ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ବାରିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ନିଜ ଗ୍ରାମ ଝରଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉନ୍ମୋଚନ ସଭାରେ ଉନ୍ମୋଚକ ଭାବେ ଯୋଗଦେଇଥିଲେ ଧୂଷୁରୀ ପ୍ରେସ୍ ୟୁନିୟନର ସଭାପତି ସନ୍ତୋଷ ଦାସ। ଅନ୍ୟମାନଙ୍କ ମଧ୍ୟରେ ସନ୍ଦୀପ ପ୍ରଧାନ, ସନ୍ତୋଷ ପ୍ରଧାନ, ଦେବାଶିଷ ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, ସତ୍ୟଜିତ୍ ବାରିକ, ଶୁଭ୍ରଜିତ୍ ବାରିକ, ସୂର୍ଯ୍ୟନାରାୟଣ ବାରିକ, ଦୁର୍ଗାମାଧବ ବାରିକ, ପ୍ରସନ୍ନ ବାରିକ, ସୁପୁତ୍ର ଶଶିକାନ୍ତ ବାରିକ ଏବଂ ବିବେକାନନ୍ଦ ବାରିକ, ବୋହୂ ଜ୍ୟୋତ୍ସ୍ନାରାଣୀ ବାରିକ ଏବଂ ଝରଣା ବାରିକ ଓ ଝିଅ ଝରଣା ରାଣୀ ବାରିକ, ଗ୍ରୀସ୍ମା ରାଣୀ ବାରିକ, ଅସୁରାଳୀ ବଣିକ ସଂଘର ସଭାପତି ଡ. ସଦାନନ୍ଦ ଦାସ, ଦେବରାଜ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ରମାକାନ୍ତ ବାରିକ ତାଙ୍କର ଶିକ୍ଷକତା ଜୀବନ ଗୋବିନ୍ଦପୁର ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ କରି ସେହି ସ୍ଥାନରୁ ଚାକିରି ଜୀବନ ଅବସର ନେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଡ. ଚକ୍ରଧର ପରିଡ଼ା।

### କଟ୍‌ନୀଛଟ୍‌ନୀକୁ ନେଇ ମିଲର୍ ଓ ପ୍ରଶାସନ ବିବାଦ ତୁଟୁନି

# ରାସ୍ତାରେ ପଡ଼ିଛି ଧାନ ବସ୍ତା; ମଣ୍ଡିରେ ଛିଡ଼ା ହୋଇଛି ଗାଡ଼ି

ବାରିକପୁର,୨୨।୧(ସମିସ): ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ପ୍ରଶାସନ ପକ୍ଷରୁ ମଣ୍ଡି ଖୋଲିବା ବିଳମ୍ବ ହୋଇଥିବାବେଳେ ଏଯାଏଁ ଶସ୍ୟ ମୁଠାଏ କିଣା ଯାଇନାହିଁ। କଟ୍‌ନୀଛଟ୍‌ନୀକୁ ନେଇ ମିଲର ଓ ପ୍ରଶାସନ ବିବାଦ ତୁଟୁ ନ ଥିବା ଯୋଗୁଁ ମଣ୍ଡିଗୁଡ଼ିକରେ ଅଚଳାବସ୍ଥା ଲାଗି ରହିଛି। ସମ୍ପ୍ରତି ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ହଜାର ହଜାର ଧାନ ବସ୍ତା ପଡ଼ି ରହିଥିବାବେଳେ କେତେକ ମଣ୍ଡିରେ





ଧାନ ଗାଡ଼ି ଦିନ ଦିନ ଧରି ଛିଡ଼ା ହୋଇଛି। ଚାଷୀମାନେ ଏକପ୍ରକାର ଦହଗଞ୍ଜ ହେଉଛନ୍ତି। ସରକାର ଧାନ କିଣିବେ କି ନାହିଁ ଏଯାଏଁ ଚାଷୀମାନେ ଜାଣିପାରୁ ନାହାନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଧୀନସ୍ଥ ଚାଷୀମାନେ ପୂର୍ବ ବର୍ଷମାନଙ୍କରେ ଡିସେମ୍ବର ସୁଦ୍ଧା ସରକାରୀ ମଣ୍ଡିରେ ଧାନ ଦେଇଥିବାବେଳେ ଏବେ ଜାନୁଆରୀ ଶେଷ ହେବାକୁ ବସିଥିଲେ ସୁଦ୍ଧା ଶସ୍ୟ କ୍ରୟ ପାଇଁ ପ୍ରଶାସନର ନିଦ ଭାଙ୍ଗୁନି। ଅମଳ ଧାନକୁ ଜମି ପାର୍ଶ୍ୱବର୍ତ୍ତୀ ସ୍ଥାନ ଓ ଗାଁ ଦାଣ୍ଡ ରାସ୍ତାରେ ଖେଳାଇ ରଖିଥିବାବେଳେ ଗାଈଗୋରୁ ଏବଂ ବୁଲା ଷଣ୍ଢଙ୍କ ପାଟିରେ ମଧ୍ୟ କିଛି ଶସ୍ୟ ଯାଉଥିବା ଚାଷୀମାନେ କହିଛନ୍ତି। ବ୍ଲକ୍‌ର ବାଲିପୋଖରୀ ସମବାୟ ସମିତି ସହିତ ନେରଡ଼ା, ତେସିଙ୍ଗା, ନାରାୟଣପୁର, ରହଣିଆ, ମାଳଦା, ଜଳମଣ୍ଡୁଆ ପ୍ରମୁଖ ପ୍ରାଥମିକ କୃଷି ସମବାୟ ସମିତିଠାରେ ହଜାର ହଜାର ଚାଷୀ ପଞ୍ଜୀକରଣ କରି ଏବେ ସୁଦ୍ଧା ଧାନ ବିକି ନାହାନ୍ତି। ଏହାଛଡ଼ା ୮ଟି ଏସ୍‌ଏଚ୍‌ଜି ନିକଟରେ ପଞ୍ଜିକୃତ ହୋଇଥିବା ଚାଷୀଙ୍କ ଅବସ୍ଥା ମଧ୍ୟ ତଦ୍ରୂପ ହୋଇଛି। ଏପଟେ ଟୋକନ ପାଇଥିବା କୃଷକମାନଙ୍କ ଧାନ ବିକିବା ସମୟ ମଧ୍ୟ ଶେଷ ହେବାକୁ ବସିଲାଣି। ତେଣୁ ଦିନେ ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ସୂଚନା ଦିଆଯାଇଛି।

## ଧାନ କ୍ରୟ ପାଇଁ କଣ୍ଟା ପୂଜା



ବାରିକପୁର,୨୨।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ନାଆମୀ ସେବା ସମବାୟ ସମିତିଠାରେ ଖରିଫ ଧାନ କ୍ରୟ ପାଇଁ ମଣ୍ଡି ଶୁଭାରମ୍ଭ ସହିତ କଣ୍ଟା ପୂଜା ଅନୁଷ୍ଠିତ ହୋଇଛି। ସମବାୟ ସମିତି ସଭାପତି ଦିପ୍ତିସୂର୍ଯ୍ୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାସ ଯୋଗଦେଇ ଧାନମଣ୍ଡି ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସସ୍ମିତା ସେଠୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ନାଏବ ସରପଞ୍ଚ ସତ୍ୟପ୍ରିୟ ଜେନା, ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇ, ଅଜୟ ପାଣିଗ୍ରାହୀ, ପିଇଓ ନିଶାକର ଖୁଣ୍ଟିଆ, ସୁରେଶ ଦାସ, ବିନୋଦ ରାଉତ, ବିଷ୍ଣୁଚରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଚାଷୀ ଶାନ୍ତନୁ ଜେନା, ଚକ୍ରଧର ବିଶ୍ୱାଳ, ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମିତି କର୍ମଚାରୀ ରବୀନ୍ଦ୍ର ମହାନ୍ତି, ଫକୀର ଚରଣ ବେହେରା, ନିତାଇ ଚରଣ ରାଉତ, ଅଜୟ ଜେନା, ସୁଶାନ୍ତ ନାୟକ, ମାନସ ସାହୁ, ନାଲୁ ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ଧାମନଗର ପଞ୍ଚାୟତ ସମିତିର ୯ମ ଅଧିବେଶନ

## ବଜେଟ ଅନୁଦାନକୁ ଜନହିତରେ ସଠିକ୍ ବ୍ୟବହାର କର: ମନ୍ତ୍ରୀ

ଧାମନଗର,୨୨।୧(ସମିସ): ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭାଗୃହରେ ସମିତିର ୭ମ ଅଧିବେଶନ ଶାନ୍ତି ଶୃଙ୍ଖଳା ସହିତ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଶର୍ମିଷ୍ଠା ବେହେରାଙ୍କ ଅଧ୍ୟକ୍ଷତା କରିଥିବାବେଳେ ବିଡିଓ ବନବିହାରୀ ଦିନ୍ଦା ଅନୁଷ୍ଠିତ ବୈଠକକୁ ସଞ୍ଚାଳନ କରିଥିଲେ। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ



ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବୈଠକରେ ବ୍ଲକ୍‌ର ବିକାଶମୂଳକ ଯୋଜନା, ବଜେଟ୍ ଅନୁଦାନ ଏବଂ ସ୍ୱାସ୍ଥ୍ୟ-ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମୀକ୍ଷା କରାଯାଇ ଅନେକ ଜନହିତକର ନିଷ୍ପତ୍ତି ନିଆଗଲା। ଧାମନଗରର ପ୍ରତିଟି ନାଗରିକଙ୍କ ସୁବିଧା ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବଜେଟ୍ ଅନୁଦାନକୁ ସଠିକ୍ ଭାବେ ବ୍ୟବହାର କରି ଲୋକହିତରେ କାମ କରିବାକୁ ଜନପ୍ରତିନିଧି ଓ ଅଧିକାରୀମାନଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦାପ୍ରସନ୍ନ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ବରିଷ୍ଠ ସରପଞ୍ଚ ତଥା ବିଧାୟକ ପ୍ରତିନିଧି ଅଶୋକ ପୁହାଣ, ବରିଷ୍ଠ ସମିତିସଭ୍ୟ ବିଦ୍ୟାଧର ରାଉତ, ଭାରତ ବିଜୟ ଦଳେଇ, ସୂର୍ଯ୍ୟକାନ୍ତ ନାୟକ, ଜ୍ଞାନରଞ୍ଜନ ମହାକୁଡ଼, ସମିତିସଭ୍ୟା ବୀଣାପାଣି ପଣ୍ଡା, ବୈଦେହୀ ବେହେରା, ସରପଞ୍ଚ କସ୍ତୁରୀ ବିଶ୍ୱାଳ, ସରିତା ମହାନ୍ତି, ଅଜୟ ମଲ୍ଲିକ, ଶୀତାକାନ୍ତ ମିଶ୍ର, ନରେନ୍ଦ୍ର ନାରାୟଣ ନାୟକ, ପ୍ରୀତମ୍ ଦାସ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଓ ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନୃସିଂହ ଚରଣ ଦତ୍ତ, ସହକାରୀ ଯନ୍ତ୍ରୀ ରାଜୀବ ସେଠୀ, ଦିଲ୍ଲୀପ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ମହାବିଦ୍ୟାଳୟରେ ଅଧ୍ୟାପକ ଓ ଶିକ୍ଷକ ଅଭାବ, ରାସ୍ତାଘାଟ, ଆବାସ ଯୋଜନା ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ବ୍ଲକ୍ ସେକ୍ସନ ଅଫିସର କେତନ ସିଂ, ଯୋଗାଣ ଅଧିକାରୀ ରସାନନ୍ଦ ସାହୁ, କୋଷାଧ୍ୟକ୍ଷ ଅରୁଣ ବସନ୍ତିଆ, ବିପିସି ପ୍ରଶାନ୍ତ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

### ଧାମନଗର କଲେଜରେ ଖୋଲିବ ସେନା ତାଲିମ କେନ୍ଦ୍ର

## ଅଗ୍ନିବୀର ନିମନ୍ତେ ପ୍ରସ୍ତୁତ ହେବେ ଗ୍ରାମାଞ୍ଚଳ ଯୁବକ

ଦୋବଲ,୨୨।୧(ସମିସ): ଧାମନଗର ଅଞ୍ଚଳର ଯୁବକଯୁବତୀଙ୍କ ପାଇଁ ନୂଆ ସୁଯୋଗ ଆଣିଛନ୍ତି କେନ୍ଦ୍ର ସରକାର। ଏଣିକି ସେନାରେ ଭର୍ତ୍ତି ହୋଇ ଦେଶ ସେବା କରିବାର ସ୍ୱପ୍ନ ଦେଖୁଥିବା ଗ୍ରାମାଞ୍ଚଳର ପିଲାମାନଙ୍କୁ ନିଜ ଅଞ୍ଚଳରେ ହିଁ ମିଳିବ ଉପଯୁକ୍ତ ପ୍ରଶିକ୍ଷଣ। ଧାମନଗର ମହାବିଦ୍ୟାଳୟ ପରିସରରେ ଭାରତୀୟ ସେନା ପକ୍ଷରୁ ଏକ ମିଲିଟାରୀ ଟ୍ରେନିଂ କ୍ୟାମ୍ପ୍ ପ୍ରତିଷ୍ଠା କରାଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷ କରି "ଅଗ୍ନିବୀର' ଯୋଜନାରେ ନିଯୁକ୍ତି ପାଇବା ଉଦ୍ଦେଶ୍ୟରେ ଏଠାରେ ପ୍ରାଥମିକ ପର୍ଯ୍ୟାୟରେ ୧୦୦ ଜଣ ଯୁବକଯୁବତୀଙ୍କୁ ଚୟନ କରାଯାଇ ତାଲିମ ପ୍ରଦାନ କରାଯିବ। ମହାବିଦ୍ୟାଳୟ ପରିସରରେ ଥିବା ତଫସିଲଭୁକ୍ତ ଜାତି ଓ ଜନଜାତି ହଷ୍ଟେଲକୁ ଏହି ତାଲିମ କେନ୍ଦ୍ର ପାଇଁ ସ୍ଥାୟୀ ଭାବେ ବ୍ୟବହାର କରାଯିବାର ଯୋଜନା ରହିଛି। ବୁଧବାର ଭାରତୀୟ ସେନାର ଲେଫ୍ଟନାଣ୍ଟ କର୍ଣ୍ଣେଲ ସୁରେନ୍ଦ୍ର ସିଂହ ଓ ରବିନ୍ ସିଂହ ମହାବିଦ୍ୟାଳୟ ପରିସର ଗସ୍ତ କରି ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି। ତାଲିମ ପାଇଁ ଆବଶ୍ୟକ ହେଉଥିବା ଟ୍ରାକ୍ ନିର୍ମାଣ ଓ କଲେଜ ପଡ଼ିଆର ଉପଯୋଗିତା ସମ୍ପର୍କରେ ସେମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା



ପାଇଁ ସେନା ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଏହି ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ସେନା ଅଧିକାରୀଙ୍କ ଗସ୍ତ ସମୟରେ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ସେମାନଙ୍କ ସହ କଥା ହୋଇଥିଲେ। ମନ୍ତ୍ରୀ କହିଛନ୍ତି ଯେ, ଗ୍ରାମାଞ୍ଚଳର ଯୁବକମାନେ ପ୍ରତିଭାବାନ୍ ହୋଇଥିଲେ ମଧ୍ୟ ସଠିକ୍ ତାଲିମ ଅଭାବରୁ ସେନାରେ ସାମିଲ୍ ହେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କେନ୍ଦ୍ର ମାଧ୍ୟମରେ ସେମାନଙ୍କୁ ସଶକ୍ତ କରିବା ସହ ଦେଶସେବା ପାଇଁ ଉତ୍ସାହିତ କରାଯିବ। ଏହି ପଦକ୍ଷେପ ଯୋଗୁଁ ଧାମନଗର ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।

## ଭଦ୍ରକ ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ'ର ୪ର୍ଥ ସନ୍ଧ୍ୟା

ଭଦ୍ରକ,୨୨।୧(ସମିସ): ଭଦ୍ରକ ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ'ର ୪ର୍ଥ ସନ୍ଧ୍ୟା ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଯାଇଛି। 'ଭଦ୍ରାୟଣୀ'ର ପ୍ରଥମ ସନ୍ଧ୍ୟାରେ ଯୋଗଦେଇ ପାରି ନ ଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ମାଟିର ଗରିମାକୁ ମଣ୍ଡିତ କରିଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ତାଙ୍କ ବକ୍ତବ୍ୟରେ ଭଦ୍ରକ ଜିଲ୍ଲାକୁ ମହାପୁରୁଷ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ପୁଣ୍ୟଭୂମି ଭାବେ ଉଲ୍ଲେଖ କରି, ଏହାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ପ୍ରଶଂସା କରିଥିଲେ। ଭଦ୍ରକ ଜିଲ୍ଲାର ସଂସ୍କୃତି ଓ କାରୁକାର୍ଯ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାପାଳଙ୍କ ପଦକ୍ଷେପକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଏହା



ସହିତ ଭଦ୍ରକ ଜିଲ୍ଲା ମହୋତ୍ସବରେ ପ୍ରଥମଥର ପୁସ୍ତକ ମହୋତ୍ସବ ଆୟୋଜନ କରାଯାଇଥିବାରୁ ଜିଲ୍ଲା ପ୍ରଶାସନକୁ ସେ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ପୁଲିସ ଡିଆଇଜି ପିନାକ୍ ମିଶ୍ର ଯୋଗଦେଇ ଉପସ୍ଥିତ ବହୁସଂଖ୍ୟକ ଦର୍ଶକଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲ୍ଲା ମହୋତ୍ସବରେ ଭଦ୍ରକ ଜିଲ୍ଲାର ଲୁକ୍କାୟିତ ପ୍ରତିଭାମାନଙ୍କୁ 'ଭଦ୍ରାୟଣୀ'ର ମଞ୍ଚ ପ୍ରଦାନ କରାଯାଇଥିବାରୁ ସେ ଜିଲ୍ଲା ପ୍ରଶାସନର ପ୍ରୟାସକୁ ପ୍ରଶଂସା କରିଥିଲେ। ଭଦ୍ରାୟଣୀର ଏହି ମଞ୍ଚରେ ଓଡ଼ିଶାର ପ୍ରତିଷ୍ଠିତ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ବୋହୂ ଡ. ସୁଜାତା ମହାପାତ୍ରଙ୍କୁ ତାଙ୍କର ହୃଦୟସ୍ପର୍ଶୀ ନୃତ୍ୟ ପରିବେଷଣ ଲାଗି ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଧର ଏକାଦଶୀ ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ

ବାସୁଦେବପୁର,୨୨।୧(ସମିସ): ବାସୁଦେବପୁର ବ୍ଲକ୍ ଲୁଙ୍ଗା ପଞ୍ଚାୟତର ପିଏମ୍‌ଶ୍ରୀ ଶ୍ରୀଧର ଏକାଦଶୀ ବିଦ୍ୟାଳୟ ପରିସରରେ ପିଏମ୍‌ଶ୍ରୀ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ କହିଥିଲେ ଲୁକ୍କାୟିତ ପ୍ରତିଭାର ବିକାଶ ସହିତ ଦକ୍ଷତାଭିତ୍ତିକ କାର୍ଯ୍ୟକ୍ରମ ଏହି ପିଏମ୍‌ଶ୍ରୀ ବିଦ୍ୟାଳୟର ଲକ୍ଷ୍ୟ। ପିଏମ୍‌ଶ୍ରୀ ବିଦ୍ୟାଳୟର ଆର୍ଥିକ ଅନୁଦାନ ସମ୍ପର୍କରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ଉତ୍ତର ଦେଇ ନ ପାରିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଭଲ ମଣିଷ ସହିତ ବଡ଼ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଏବିଇଓ ଅମୀୟ କୁମାର ମହାଳିକ, ଏବିଇଓ ଉର୍ମିଳା କର, ସିଆର୍‌ସିସି ଅଭିଷେକ ପାତ୍ର, ସରପଞ୍ଚ ଲଳିତା



ମଳିକ, ଏସ୍‌ଏମ୍‌ସି ସଭାପତି ଗୋବର୍ଦ୍ଧନ ପାତ୍ର ଓ ପଞ୍ଚସଖା ଶିକ୍ଷାସେତୁର ସଭାପତି ଲକ୍ଷ୍ମୀକାନ୍ତ ନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପିଏମ୍‌ଶ୍ରୀ ଶ୍ରୀଧର ଏକାଦଶୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭକ୍ତହରି ଆଚାର୍ଯ୍ୟ ସଭାରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ଗୟାଧର ଦାସ ଅତିଥି ପରିଚୟପ୍ରଦାନକରିଥିଲେ।ବିଡିଓତନ୍ମିତାକରଓସମିତିସଭ୍ୟାମଞ୍ଜୁଲତାସେଠୀଯୋଗଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଷ୍ଟଲ୍‌ରେ ବିଭିନ୍ନ କିସମର ଦକ୍ଷତା ବିକାଶ ନମୁନା ପ୍ରଦର୍ଶନ କରିଥିଲେ।

# ଧୋଇ ସହାୟତା ଦାବିରେ ଆର୍‌ଆଇ ଅଫିସ ଆଗରେ ଚାଷୀଙ୍କ ମେଳି

ଭଦ୍ରକ/ଆରଡ଼ି,୨୨।୧(ସମିସ)



- ଗତ ବୈତରଣୀ ବନ୍ୟାରେ ଧୋଇ ସହାୟତା ରାଶି ବିଳମ୍ବକୁ ନେଇ ଚାଷୀଙ୍କ ନାରାବାଜି
- ୨୭ ତାରିଖ ସୁଦ୍ଧା ସହାୟତା ରାଶି ନ ମିଳିଲେ ଆନ୍ଦୋଳନକୁ ଓହ୍ଲାଇବେ ଶହଶହ ଚାଷୀ

ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବୈତରଣୀ ନଦୀରେ ଆସିଥିବା ଛୋଟବଡ଼ ୬/୭ଟି ବନ୍ୟାରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧୋୟାଞ୍ଚଳ ଭାବେ ପରିଚିତ ଆରଡ଼ି, ଓଳଗ, ସୁନ୍ଦରପୁର, ନାନ୍ଦପୁର ୪ଟି ପଞ୍ଚାୟତର ୨୨ଟି ଗାଁର ଶତାଧିକ ଚାଷୀଙ୍କର ହଜାର ହଜାର ଏକର ସାରଦ ଧାନତଳି ଧୋଇ ନେଇଥିଲା। ଏପରିକି ଅଧିକାଂଶ ଚାଷୀ ବ୍ଲକ୍‌ରୁ ବିହନ ଧାନ ଆଣିଥିବାବେଳେ ଆଉ କିଛି ଚାଷୀ ବଜାରରୁ ବିହନ କିଣି ଆଣିଥିଲା। ବନ୍ୟା ଏପରି ଆସିଥିଲା ଯାହାକି ଦୀର୍ଘ ୧୫ ଦିନ ଧରି ଚାଷଜମିକୁ ବୁଡ଼ାଇ ରଖିବାରୁ ସବୁତକ ବିହନ ଧାନତଳିକୁ ଧୋଇ ନେଇଥିଲା ବନ୍ୟାପାଣି। ଏପରି ଖବର ପାଇବା ପରେ ଭଦ୍ରକ ଜିଲ୍ଲାପାଳ ବନ୍ୟାଞ୍ଚଳ ସହ ଧାନ କ୍ଷେତ ବୁଲି ଦେଖିବା ପରେ ଉଭୟ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ଅଧିକାରୀଙ୍କ ପକ୍ଷରୁ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରାଯିବା ସହ ଚାଷୀମାନଙ୍କୁ ଭେଟିଥିଲେ। ଏପରିକି କ୍ଷୟକ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଖୁବ୍‌ଶୀଘ୍ର ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାହାସହ ଚାନ୍ଦବାଲି ତହସିଲଦାରଙ୍କ ଦପ୍ତରରୁ ଗତ ଅକ୍ଟୋବର ୨୫ ତାରିଖରେ ଚିଠି ସଂଖ୍ୟା ୧ରେ ପ୍ରକାଶିତ କ୍ଷତିଗ୍ରସ୍ତ ଚାଷୀମାନେ ନିଜର ଚାଷଜମିର ପରିମାଣ, ବ୍ୟାଙ୍କ ବହିର ନକଲ, ପରିଚୟପତ୍ର ଅକ୍ଟୋବର ୨୭ରୁ ନଭେମ୍ବର ୧୫ ତାରିଖ ମଧ୍ୟରେ ଆରଡ଼ି ରାଜସ୍ୱ ଅଧିକାରୀଙ୍କ ପାଖରେ ଦାଖଲ କରିବା ପାଇଁ ଲଟ୍‌କା ଜାରି ହୋଇଥିଲା। ଏପରିକି କ୍ଷତିଗ୍ରସ୍ତ ଚାଷୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାଙ୍କର କ୍ଷୟକ୍ଷତିର ଦସ୍ତାବିଜ୍ ଦେଇଥିଲେ ମଧ୍ୟ ସହାୟତା ମିଳିପାରୁ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଏପରିକି ଏହି ଅଞ୍ଚଳ ଧୋୟାଞ୍ଚଳ ହୋଇଥିବାରୁ ସମସ୍ତ କ୍ଷତିର ସହାୟତା ମିଳିବ ବୋଲି ଅଧିକାରୀ ପ୍ରକାଶ କରିଥିଲେ। ହେଲେ ସହାୟତା ବିଳମ୍ବକୁ ନେଇ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିବା ସହ ଗୁରୁବାର ଆରଡ଼ି ଆର୍‌ଆଇ ଅଫିସ ସମ୍ମୁଖରେ ମେଳି କରି ନାରାବାଜି କରିଥିଲେ। ଯଦି ଆସନ୍ତା ୨୭ ତାରିଖ ସୁଦ୍ଧା ଧୋୟା ସହାୟତା ରାଶି ନ ମିଳେ ଆନ୍ଦୋଳନକୁ ୪ଟି ପଞ୍ଚାୟତର ଶହଶହ ଚାଷୀ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଇରମ୍ ଓଡ଼ିଶା ଆଦର୍ଶ ସ୍କୁଲ୍‌ରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବାସୁଦେବପୁର,୨୨।୧(ସମିସ): ବାସୁଦେବପୁର ବ୍ଲକ୍ ଇରମସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କ୍ରୀଡ଼ା ଉତ୍ସବକୁ ବାସୁଦେବପୁର ପୌରାଧ୍ୟକ୍ଷା ନିବେଦିତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାସୁଦେବପୁର ଥାନାର ଆଇଆଇସି ଲୋପାମୁଦ୍ରା ନାୟକ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ହେଲେ ଦୈନନ୍ଦିନ ଶାରୀରିକ କ୍ରୀଡ଼ାର ଆବଶ୍ୟକତା ରହିଛି। ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଅଖା ଡିଆଁ, ଗୋଲାଫିଙ୍ଗା, ଥାଳିଆ ଫିଙ୍ଗା ସହିତ ବିଭିନ୍ନ ଦଳୀୟ ଓ ବ୍ୟକ୍ତିଗତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨ଦିନ ଧରି ଚାଲିଥିବା ଉଦ୍‌ଯାପନୀ ଉତ୍ସବରେ ଭଦ୍ରକ ଓଳଙ୍ଗସ୍ଥିତ ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜନ ବେହେରା, ମଦାରୀ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ ବାରିକ, ଇରମ ସରପଞ୍ଚ ସାବିତ୍ରୀ ବଳ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଦୀପକ ରଞ୍ଜନ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧ୍ୟକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

**ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍‌ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ଓ୍ୱେବସାଇଟ୍ **https://sbi.bank.in/ web/ careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ଓ୍ୱେବସାଇଟ **(https://bank.sbi/web/careers/post-your-query)**ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 16.01.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

ସକାଳ
THE SAKALA

# ସମ୍ପାଦକୀୟ



ଯାହାର ମନରେ କିଛି କାମନା ନ ଥାଏ, ତାହାର କିଛି ଭୟ ମଧ୍ୟ ନ ଥାଏ।
-ଗୌତମ ବୁଦ୍ଧ

## ଆମେରିକାର ପଛଘୁଞ୍ଚା!

ଇରାନ୍ ବିରୋଧରେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଘୋଷଣା କରିଥିବା ଆମେରିକା ହଠାତ୍ ପଛଘୁଞ୍ଚା ଦେବା ପରେ ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। 'ଇରାନ୍‌ର ସର୍ବୋଚ୍ଚ ଶାସନ ମୁଖ୍ୟ ଆୟାତୋଲ୍ଲା ଖେମିନିଙ୍କ ୪୦ ବର୍ଷର ରାଜତ୍ୱର ଅନ୍ତ ହେବାକୁ ଯାଉଛି' ବୋଲି ଆମେରିକା ଘୋଷଣା କରିବା ପରେ ଇରାନ୍‌ର ପ୍ରତ୍ୟୁତ୍ତର ଥିଲା 'ଖେମିନିଙ୍କ ପ୍ରତି ଉଠୁଥିବା ହାତ କାଟି ଦିଆଯିବ ଏବଂ ବିଶ୍ୱ ଆଉ ଏକ ଯୁଦ୍ଧ ଦେଖିବ'। ଏହିଭଳି ଉଚ୍ଚ ଓ ଉତ୍ତେଜନାପୂର୍ଣ୍ଣ ଧମକଚମକ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଅବଶ୍ୟାମ୍ଭାବୀ ହୋଇପଡ଼ିଥିଲା। କିନ୍ତୁ ଆମେରିକାର କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଥିବାରୁ ଇରାନ୍‌ର ଧମକ ଆଗରେ ଆମେରିକା ନଇଁ ଯାଇଛି କି ଏହିଭଳି ପ୍ରଶ୍ନ ଉଠୁଛି। ଏକଜିଦିଆ ଟ୍ରମ୍ପ ଏତେ ଶୀଘ୍ର ପଛଘୁଞ୍ଚା ଦେଇ ନ ପାରନ୍ତି। ତଥାପି ଇରାନ୍ ବିରୋଧରେ ଆମେରିକା ତତ୍କାଳ କୌଣସି ପଦକ୍ଷେପ ନେବା ସ୍ଥିତିରେ ନଥିବା ପରି ଜଣାପଡୁଛି। ମଧ୍ୟପ୍ରାଚ୍ୟର ଚିତ୍ରପଟ ହଠାତ୍ ବଦଳିଯିବା ପଛରେ କୂଟନୀତି ବିଶାରଦମାନେ ମୁଖ୍ୟତଃ ପାଞ୍ଚଟି କାରଣକୁ ଦର୍ଶାଉଛନ୍ତି।

ପ୍ରଥମତଃ, କାତାର ସମେତ ମଧ୍ୟପ୍ରାଚ୍ୟରେ ଆମେରିକା ସର୍ବାଧିକ ଆଣବିକ ପ୍ରକଳ୍ପମାନ କାର୍ଯ୍ୟକ୍ଷମ ଅଛି। ଆମେରିକା ଆକ୍ରମଣର ପ୍ରତ୍ୟୁତ୍ତରରେ ଇରାନ୍ ସେହିସବୁ ସ୍ଥାନ ଉପରେ ଆକ୍ରମଣ କରିବ ଏବଂ କାତାର ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହେବ। ଇରାନ୍-ଇସ୍ରାଏଲ୍‌ର ବାରଦିନିଆ ଯୁଦ୍ଧରେ ଇରାନ୍‌ର କ୍ଷେପଣାସ୍ତ୍ର କ୍ଷମତା କେତେ ତାହା ସମଗ୍ର ବିଶ୍ୱ ଦେଖିସାରିଛି। ଏପରିକି ବିଶ୍ୱର ସର୍ବୋତ୍ତମ ବାୟୁପ୍ରତିରକ୍ଷା ପ୍ରଣାଳୀ ରୂପେ ସ୍ୱୀକୃତ ଇସ୍ରାଏଲ୍‌ର ଆଇରନ୍ ଡୋମ୍ ମଧ୍ୟ ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ପ୍ରତିହତ କରିପାରି ନ ଥିଲା। ତେଣୁ ଆମେରିକାର ଆକ୍ରମଣରେ ଇରାନ୍ ତ କ୍ଷତିଗ୍ରସ୍ତ ହେବ, ସର୍ବାଧିକ କ୍ଷତି ସହିବେ ଇସ୍ରାଏଲ୍ ଓ ଆମେରିକା। ଏପରିକି ଯଦି ବା ଖେମନି କ୍ଷମତାଚ୍ୟୁତ ହୋଇ ଆମେରିକା ତତ୍ତ୍ୱାବଧାନରେ ଇରାନ୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେବ ତାହା ଯେ ଇରାନ୍‌ର ପ୍ରଚଣ୍ଡ ମୌଳବାଦୀ ଓ ଦୁର୍ଦ୍ଧର୍ଷ 'ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ'ର ଦୌରାତ୍ମ୍ୟରୁ ଅଧିକ ଦିନ ତିଷ୍ଠି ପାରିବ ନାହିଁ ଏବଂ ଜନବିକ୍ଷୋଭ ଆହୁରି ଉଗ୍ର ହେବ ଇରାକ୍, ସିରିଆ ଓ ଆଫ୍‌ଗାନିସ୍ତାନ ଉଦାହରଣରୁ ପ୍ରମାଣିତ। ସାମ୍ପ୍ରତିକ ସ୍ଥିତିରେ ମଧ୍ୟପ୍ରାଚ୍ୟରୁ ଯୋଜନାବଦ୍ଧ ଓ ଲକ୍ଷ୍ୟବଦ୍ଧ ଆକ୍ରମଣ କରିବା ସ୍ଥିତିରେ ମଧ୍ୟ ଆମେରିକା ନାହିଁ। ଏଥିପାଇଁ ଯେଉଁସବୁ ଆରବୀୟ ଦେଶମାନଙ୍କ ସହାୟତା ନେବାକୁ ପଡ଼ିବ ସେମାନେ ଇରାନ୍‌ର ଶିକାର ହେବା ନିଶ୍ଚିତ। ତେଣୁ ଏକମାତ୍ର ବିକଳ୍ପ ଭାବରେ ଆମେରିକା ଯଦି ଏୟାରଷ୍ଟ୍ରାଇକ୍ କରିବ ତେବେ ଇରାନ୍‌ର ଅଧିକ ନାଗରିକ ମୃତାହତ ହେବେ। ଏହାପରେ ଇରାନ୍‌ରେ ହେଜବୋଲ୍ଲା, ହମାସ୍, ଆଇଏସ୍ ସକ୍ରିୟ ହେବେ ଏବଂ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ବାଣିଜ୍ୟ ଓ ଆଣବିକ କେନ୍ଦ୍ର ସମେତ ଲୋହିତସାଗରରେ ନୌବାଣିଜ୍ୟ କାରବାର ଅଧିକ ବିପଦାପନ୍ନ ହୋଇପଡ଼ିବ। ଏଥିଲାଗି ଆମେରିକା ହିଁ ଅଧିକ ସମାଲୋଚିତ ହେବା ସାର ହେବ। ୧୯୫୩ରେ ଆମେରିକାର ଅନୁରୂପ କାର୍ଯ୍ୟାନୁଷ୍ଠାନରେ ଇରାନ୍‌ର ନିର୍ବାଚିତ ପ୍ରଧାନମନ୍ତ୍ରୀ ମହମ୍ମଦ ମୋସାଦ୍ ଗାଦିଚ୍ୟୁତ ହୋଇ ଶାହା ମହମ୍ମଦ ରେଜା ପହଲଭିଙ୍କ ହାତକୁ ଶାସନ କ୍ଷମତା ଯାଇଥିଲା। କିନ୍ତୁ ତାହା ବେଶୀଦିନ ତିଷ୍ଠି ପାରିନଥିଲା। ଏଣୁ ଟ୍ରମ୍ପଙ୍କୁ ତାଙ୍କ ପରାମର୍ଶଦାତାମାନେ ସେହି ଇତିହାସ ସ୍ମରଣ କରାଇ ଦେଇଥିବେ। ଏଥିସହିତ ୧୯୮୦ରେ ଇରାନ୍‌ରୁ ଆମେରକୀୟ ନାଗରିକଙ୍କୁ ଉଦ୍ଧାର ପାଇଁ ଉଦ୍ଦିଷ୍ଟ ଆମେରିକାର 'ଅପରେସନ୍ ଇଗଲ୍ କ୍ଲ'ର ଚରମ ବିଫଳତା ବିଷୟରେ ମଧ୍ୟ ଟମ୍ପଙ୍କୁ ଉପଦେଷ୍ଟାମାନେ ଚେତାଇ ଦେଇଥିବେ।

ଦ୍ୱିତୀୟତଃ, ବିଶ୍ୱର ସାମଗ୍ରିକ ସାମୁଦ୍ରିକ ତୈଳ ବାଣିଜ୍ୟର ଏକ-ଚତୁର୍ଥାଂଶ ସମ୍ପନ୍ନ ହେଉଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ଯଦି ଇରାନ୍ ସମ୍ପୂର୍ଣ୍ଣ ବନ୍ଦ କରିଦିଏ ତେବେ ବିଶ୍ୱରେ ଯେଉଁ ତୈଳସଙ୍କଟ ସୃଷ୍ଟି ହେବ ସେଥିରେ ସର୍ବାଧିକ ପ୍ରଭାବିତ ହେବେ ୟୁରୋପୀୟ ସଂଘ ଏବଂ ଉତ୍ତର ଗୋଲାର୍ଦ୍ଧର ଦେଶମାନେ। ତୃତୀୟତଃ, ଇରାନ୍‌ର ଆଣବିକ ଅସ୍ତ୍ର କ୍ଷମତା କେତେ ତାହା ଏପର୍ଯ୍ୟନ୍ତ ବିଶ୍ୱ ଜାଣିପାରିନାହିଁ। ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନରେ ଯଦି ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକ କ୍ଷତିଗ୍ରସ୍ତ ହେବ ତେବେ ସମଗ୍ର ମଧ୍ୟପ୍ରାଚ୍ୟ, ୟୁରେସିଆ ଧ୍ୱଂସମୁଖକୁ ଚାଲିଯିବ। ଚତୁର୍ଥରେ, ଟ୍ରମ୍ପ ଅବିଳମ୍ବେ ବୁଝିପାରିଛନ୍ତି ଯେ ଇରାକ୍ ଓ ଆଫ୍‌ଗାନିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ଆମେରିକା ପଛରେ ଥିବା 'ନାଟୋ' ସଦସ୍ୟମାନେ ଏବେ ତାଙ୍କ ପଛରେ ନାହାନ୍ତି। ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଯେଭଳି ଭାବେ 'ନାଟୋ' ସଦସ୍ୟମାନେ ଆମେରିକା ବିରୋଧରେ ପ୍ରତୀକାତ୍ମକ ରଣନୈତିକ ପ୍ରସ୍ତୁତି ପ୍ରଦର୍ଶନ କରିଛନ୍ତି ଏବଂ ପ୍ରତ୍ୟକ୍ଷ ସମାଲୋଚନା କରିଛନ୍ତି ସେଥିରୁ ସନ୍ଦେଶ ମିଳୁଛି ଯେ ସବୁବେଳେ ଆମେରିକାର ପ୍ରଭୁତ୍ୱ ସ୍ୱୀକାର କରିବା ସ୍ଥିତିରେ ସେମାନେ ନାହାନ୍ତି। ଏଭଳି ପରିସ୍ଥିତିରେ ସାମରିକ ଓ ବାଣିଜ୍ୟରେ ଆମେରିକା ଏକଘରିକିଆ ହୋଇଯିବାର ଆଶଙ୍କା ଅଧିକ।

ପଞ୍ଚମରେ, ଆରବୀୟ ଦେଶଗୁଡ଼ିକ ବର୍ତ୍ତମାନ ପ୍ରଚଳିତ ରାଜକୀୟ ଶାସନତନ୍ତ୍ରରେ ହଠାତ୍ କୌଣସି ପରିବର୍ତ୍ତନ ଚାହୁଁନାହାନ୍ତି। ଯଦି ଆମେରିକା ସହାୟତାରେ ଇରାନ୍‌ରେ ଖେମିନିଙ୍କ ରାଜତ୍ୱର ଅନ୍ତ ଘଟି ଗଣତନ୍ତ୍ର ପ୍ରତିଷ୍ଠା ହେବ ତେବେ ତାହା ଅଚିରେ ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ଦେଶମାନଙ୍କୁ ସଂକ୍ରମିତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ଦାବିରେ ଜନଆନ୍ଦୋଳନ ଉଗ୍ର ହେବ। ୨୦୧୦ ମସିହାରେ ଟ୍ୟୁନିସିଆ ପରି ଏକ କ୍ଷୁଦ୍ର ଦେଶର ସାମାନ୍ୟ ଜଣେ ଫଳବିକ୍ରେତାଙ୍କ ଆତ୍ମାହୁତି ଘଟଣାରୁ ଜନ୍ମ ନେଇଥିବା ଜନବିପ୍ଳବ(ଆରବ ବସନ୍ତ) ବାରଟି ମଧ୍ୟପ୍ରାଚ୍ୟ ଦେଶରେ ଶାସକ ପରିବର୍ତ୍ତନ କରିବାରେ ସମର୍ଥ ହୋଇଥିଲା। ଏହାକୁ ଏ ପର୍ଯ୍ୟନ୍ତ ଆରବୀୟ ଦେଶର ଶାସକମାନେ ଭୁଲି ନାହାନ୍ତି ଏବଂ ତାହାର ପୁନରାବୃତ୍ତି ଚାହୁଁନାହାନ୍ତି। ତେଣୁ ଆରବୀୟ ଦେଶ ସମେତ ଇସ୍ରାଏଲ୍ ଆମେରିକା ଉପରେ ଖେମିନିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଯେଉଁ ଚାପ ପ୍ରୟୋଗ କରିଛନ୍ତି ତାହା ଆପାତତଃ ବିଶ୍ୱକୁ ଆଉ ଏକ ଯୁଦ୍ଧ ମୁହଁରୁ ସୁରକ୍ଷା ଦେବାରେ ଫଳପ୍ରଦ ହୋଇଛି ବୋଲି କୁହାଯାଇପାରେ। କିନ୍ତୁ ଅଦୂରଦର୍ଶୀ ଟ୍ରମ୍ପ ଏହାକୁ କେତେଦୂର ଗ୍ରହଣ କରିବେ ତା' ଉପରେ ବିଶ୍ୱଶାନ୍ତିର ଭବିଷ୍ୟତ ନିର୍ଭର କରୁଛି।

# ଓଡ଼ିଶାର ପ୍ରାକୃତିକ ଐଶ୍ୱର୍ଯ୍ୟ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଓଡ଼ିଶାର ଉଦ୍ଭିଦ ଓ ପ୍ରାଣୀ ସମ୍ପଦ ଆକର୍ଷଣୀୟ। କାରଣ ଏହା ଉତ୍ତରୀ ହିମାଳୟ ଏବଂ ଦକ୍ଷିଣ ଉପଦ୍ୱୀପୀୟ ଡେକାନ ମାଳଭୂମି ଜାତୀୟ ଜୈବ ବିବିଧତାର ପ୍ରତିନିଧିତ୍ୱ କରେ। ଶାଳ ଓ ଅସଂଖ୍ୟ ଅନ୍ୟାନ୍ୟ ଉଦ୍ଭିଦ ସମୂହ ସହିତ ରଙ୍ଗବେରଙ୍ଗ ଜାତୀୟ ଅର୍କିଡ୍ ବା ଚିତ୍ରା ଓଡ଼ିଶାର ଜଙ୍ଗଲର ଶୋଭାବର୍ଦ୍ଧନ କରନ୍ତି। ହାତୀ, ବାଘ, ହରିଣ, ମୃଗ, ସରୀସୃପ, ବଜ୍ରକାପ୍ତା, ପ୍ରଜାପତି ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଓଡ଼ିଶାର ଜଙ୍ଗଲରେ ମୁକ୍ତ ଭାବରେ ବିଚରଣ କରନ୍ତି; ଡଲଫିନ୍, କୁମ୍ଭୀର, କଇଁଛ, ନୀଳରକ୍ତ କଙ୍କଡ଼ା, ପ୍ରବାସୀ ପକ୍ଷୀ ଏବଂ ଅସଂଖ୍ୟ ଅନ୍ୟାନ୍ୟ ଜଳଚର ପ୍ରାଣୀ ଏଠାରେ ସେମାନଙ୍କର ସର୍ବୋତ୍ତମ ଆଶ୍ରୟସ୍ଥଳ ପାଆନ୍ତି। ଓଡ଼ିଶା ହେଉଛି ଏକମାତ୍ର ଭାରତୀୟ ରାଜ୍ୟ, ଯେଉଁଠାରେ ତିନୋଟି ଦେଶୀୟ କୁମ୍ଭୀର ଜାତି ଯଥା ଘଡ଼ିଆଳ, ମଗର ଓ ବଉଳା ପ୍ରାକୃତିକ ଭାବରେ ରହିଛନ୍ତି।

ଓଡ଼ିଶାରେ ୧୯ଟି ସଂରକ୍ଷିତ କ୍ଷେତ୍ର ଅଛି, ଯେଉଁଥିରେ ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ ଅନ୍ତର୍ଭୁକ୍ତ, ଯାହା ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରର ୪.୩୬%। ଏହିସବୁ ସଂରକ୍ଷିତ ପ୍ରାକୃତିକ ପରିସଂସ୍ଥା ମଧ୍ୟରେ ଉଲ୍ଲେଖଯୋଗ୍ୟ ପାଞ୍ଚଟି ପ୍ରାକୃତିକ ଐଶ୍ୱର୍ଯ୍ୟ ହେଉଛି ଉତ୍ତରସୀମାରେ ଥିବା ଶିମିଳିପାଳ, ଦକ୍ଷିଣସୀମାରେ ଥିବା ମହେନ୍ଦ୍ରଗିରି, ମଧ୍ୟଭାଗରେ ଥିବା ସାତକୋଶିଆ, ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଭିତରକନିକା ଓ ଚିଲିକା। ୧୯୭୫ ମସିହାରେ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଏବଂ ଖାଦ୍ୟ ଓ କୃଷି ସଂଗଠନ ସହାୟତାରେ ଭିତରକନିକାରେ ବଉଳା, ସାତକୋଶିଆରେ ଘଡ଼ିଆଳ ଏବଂ ରାମତୀର୍ଥ (ଯଶିପୁର, ଶିମିଳିପାଳ)ରେ ମଗର କୁମ୍ଭୀର ସଂରକ୍ଷଣ ପାଇଁ ତିନୋଟି ପ୍ରକଳ୍ପ ଆରମ୍ଭ ହୋଇଥିଲା। ସାତକୋଶିଆରେ ଉଭୟ ଘଡ଼ିଆଳ ଓ ମଗର କୁମ୍ଭୀର ଅଛନ୍ତି।

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳର ସମୁଦ୍ର ପତ୍ତନଠାରୁ ହାରାହାରି ଉଚ୍ଚତା ହେଉଛି ୯୦୦ ମିଟର। ସର୍ବୋଚ୍ଚ ଶିଖରଗୁଡ଼ିକ ହେଉଛି ଖଇରିବୁରୁ (୧୧୭୮ ମିଟର) ଓମେଘାସନୀ (୧୧୫୮ ମିଟର)। ୧୯୭୯ ମସିହାରୁ ଶିମିଳିପାଳର ୨,୨୦୦ ବର୍ଗ କିଲୋମିଟର କ୍ଷେତ୍ରଫଳ ଜଙ୍ଗଲ ଅଞ୍ଚଳ ଅଭୟାରଣ୍ୟର ମାନ୍ୟତା ପାଇଛି। ୧୯୮୬ ମସିହାରେ ଏହାମଧ୍ୟରେ ରହିଥିବା ୮୪୫. ୭୦ ବର୍ଗ କିଲୋମିଟରର କେନ୍ଦ୍ରୀୟ ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଛି। ୧୯୭୩ ମସିହାରେ ଭାରତରେ ଆରମ୍ଭ ହୋଇଥିବା ନଅଟି ବ୍ୟାଘ୍ର ପ୍ରକଳ୍ପର ପ୍ରଥମ ତାଲିକାରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୨.୦୬.୧୯୯୪ରେ ୫୫୬୯ ବର୍ଗ କିଲୋମିଟର ପରିମିତ ଜଙ୍ଗଲ ଜମିକୁ ନେଇ ଶିମିଳିପାଳରେ ଦେଶର ଅଷ୍ଟମ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରାଯାଇଥିଲା। ୟୁନେସ୍କୋ ୨୦୦୯ ମସିହାରେ ଶିମିଳିପାଳକୁ ବିଶ୍ୱ ସଂରକ୍ଷିତ ଜୈବ ମଣ୍ଡଳ ଶୃଙ୍ଖଳରେ ଅନ୍ତର୍ଭୁକ୍ତ କରିଥିଲା। ୨୦୦୧ ମସିହାରେ ଅଧିସୂଚିତ ମୟୂରଭଞ୍ଜ ହାତୀ ସଂରକ୍ଷଣ ଅଞ୍ଚଳ ଶିମିଳିପାଳ ବନାଞ୍ଚଳର ଏକ ପ୍ରମୁଖ ଅଂଶକୁ ଅନ୍ତର୍ଭୁକ୍ତ କରେ। ଶିମିଳିପାଳ ପୂର୍ବରୁ ଗୃହପାଳିତ ମୁକ୍ତ ଖଇରୀ ବାଘ ପାଇଁ ଜଣାଶୁଣା ଥିବା ବେଳେ ଏବେ କଳା ବା କୃଷ୍ଣକାୟ ବାଘ ପାଇଁ ଚର୍ଚ୍ଚାରେ ଅଛି।

ମହେନ୍ଦ୍ରଗିରି ପାହାଡ଼ ଅଞ୍ଚଳ ଗଜପତି ଜିଲ୍ଲାରେ ଅବସ୍ଥିତ। କୋରାପୁଟ ଜିଲ୍ଲାର ଦେଓମାଳି (୧୬୭୨) ପରେ ମହେନ୍ଦ୍ରଗିରି (୧୫୦୧) ଓଡ଼ିଶାର ଦ୍ୱିତୀୟ ଉଚ୍ଚତମ ପାହାଡ଼। ଦୁଇଟି ସଂରକ୍ଷିତ ଜଙ୍ଗଲ (ଇଡୋନଗିରି ବା ଇନ୍ଦ୍ରଗିରି ଏବଂ ମହେନ୍ଦ୍ର ଆରଏଫ)କୁ ଆଚ୍ଛାଦିତ କରି ମାତ୍ର ୪୨.୫ ବର୍ଗ କିଲୋମିଟର (୪, ୨୫୦ ହେକ୍ଟର) ପରିମିତ ଏକ କ୍ଷୁଦ୍ର ଅଞ୍ଚଳକୁ ମହେନ୍ଦ୍ରଗିରି ଜୈବ ବିବିଧତା ଐତିହ୍ୟ ସ୍ଥଳ ଭାବରେ ଘୋଷଣା କରାଯାଇଛି। ଏକଦା ମହେନ୍ଦ୍ରଗିରି ବିବିଧ ବନ୍ୟଜୀବଙ୍କ ଭୂସ୍ୱର୍ଗ ଓ ମୁକ୍ତ ଚରାଭୂମି ଥିଲା। ଏବେ କିନ୍ତୁ ପରିସ୍ଥିତି ବିପରୀତ। ମହେନ୍ଦ୍ରଗିରି ପାହାଡ଼ ଜଙ୍ଗଲ ପରିସରକୁ ଜୈବମଣ୍ଡଳ ସଂରକ୍ଷଣ ସ୍ଥିତିକୁ ଉନ୍ନୀତ କରାଯିବା ଏବଂ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳର 'ଅସ୍ଥାୟୀ ତାଲିକା'ରେ ଅନ୍ତର୍ଭୁକ୍ତ କରାଯିବାର ସମୟ ଆସିଛି ତାହାର ହୃତଗୌରବ ଫେରି ପାଇବା ପାଇଁ।

ଓଡ଼ିଶାର ଭୌଗୋଳିକ କେନ୍ଦ୍ରରେ ଅବସ୍ଥିତ ସାତକୋଶିଆ ଓ ବାଇଶିପଲ୍ଲୀ ଅଭୟାରଣ୍ୟ ଯାହା ପାଞ୍ଚଟି ଜିଲ୍ଲା ଯଥା ଅନୁଗୁଳ, ଢେଙ୍କାନାଳ, କଟକ, ବୌଦ୍ଧ ଓ ନୟାଗଡ଼ରେ ବିସ୍ତୃତ, ୧୧୩୬.୭୦ ବର୍ଗ କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ। ଭୂଭାଗର ହାରାହାରି ଉଚ୍ଚତା ୩୭ ମିଟରରୁ ୯୩୨ ମିଟର ମଧ୍ୟରେ। ଏହାର ବିବିଧ ଅଞ୍ଚଳ, ଯେଉଁଥିରେ ସର୍ବନିମ୍ନ ସ୍ଥାନ କଟରଙ୍ଗ ଓ ସର୍ବୋଚ୍ଚ ସ୍ଥାନ ସୁନାଖଣିଆରେ ଅବସ୍ଥିତ। ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ୧୯୭୬ ମସିହାରେ ସୃଷ୍ଟି ହୋଇଥିଲା, ଯାହାର କ୍ଷେତ୍ରଫଳ ଥିଲା ୭୯୬ ବର୍ଗ କିଲୋମିଟର। ଏହାର ମୂଳ କ୍ଷେତ୍ରଫଳ ୪୪୦.୨୬ ବର୍ଗ କିଲୋମିଟର ଅଞ୍ଚଳ ୨୦୦୨ ମସିହାରେ ଘୋଷିତ ମହାନଦୀ ହାତୀ ଅଭୟାରଣ୍ୟର ଏକ ଅଂଶ। ଏହି ଅଭୟାରଣ୍ୟ ଦେଇ ପ୍ରବାହିତ ହୁଏ ମହାନଦୀ, ଯାହାର ପ୍ରାୟ ୨୨ କିଲୋମିଟର ଏକ ଗଭୀର ଗଣ୍ଡ ସୃଷ୍ଟି କରେ, ଯାହା ଘଡ଼ିଆଳ ଓ ମଗର କୁମ୍ଭୀରଙ୍କ ବାସସ୍ଥାନ। ଏହାକୁ ରାମସାର ସ୍ଥାନ (ଅନ୍ତର୍ଜାତୀୟ ଗୁରୁତ୍ୱର ଆର୍ଦ୍ରଭୂମି) ଭାବରେ ସ୍ୱୀକୃତି ଦିଆଯାଇଛି। ଏଠାରେ ୨୦୦୭ ମସିହାରେ ୯୬୩.୮୭ ବର୍ଗ କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ ଅଞ୍ଚଳକୁ ନେଇ ଏକ ବ୍ୟାଘ୍ର ଅଭୟାରଣ୍ୟ ପ୍ରତିଷ୍ଠିତ ହୋଇଥିଲା।

କେନ୍ଦ୍ରାପଡ଼ା ଜିଲ୍ଲାର ବଙ୍ଗୋପସାଗର ଉପକୂଳରେ ଥିବା ଭିତରକନିକା ମାଙ୍ଗ୍ରୋଭ୍ ସ୍ୱାମ୍ପ ବା ଲୁଣା ଜଙ୍ଗଲ ଆର୍ଦ୍ର ଭୂମି ଚାରୋଟି ନଦୀ, ଯଥା ବ୍ରାହ୍ମଣୀ, ବୈତରଣୀ, ଧାମରା ଓ ପାଠଶାଳା ଦ୍ୱାରା ଗଠିତ ତ୍ରିକୋଣ ଭୂମିରେ ଅବସ୍ଥିତ। ଏହା ଲୁଣିଆ ପାଣି ବଉଳା କୁମ୍ଭୀର ଓ ପୃଥିବୀର ଦ୍ୱିତୀୟ ବୃହତ୍ତମ ଏସୀୟ ଜଳ ମନିଟରଙ୍କ ବହୁଳ ଜନସଂଖ୍ୟା ପାଇଁ ପ୍ରସିଦ୍ଧ। ସ୍ଥାନୀୟ ପକ୍ଷୀମାନଙ୍କ ବ୍ୟତୀତ ଶୀତକାଳରେ ପ୍ରବାସୀ ପକ୍ଷୀମାନେ ଏହି ଆର୍ଦ୍ରଭୂମିକୁ ଆସି ମୁକ୍ତ ଭାବରେ ବିଚରଣ କରନ୍ତି। ୧୯୭୫ ମସିହାରେ, ୬୭୨ ବର୍ଗ କିଲୋମିଟର ଅଞ୍ଚଳକୁ ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। ୧୪୫ ବର୍ଗ କିଲୋମିଟର କ୍ଷେତ୍ରଫଳ ସହିତ ଏହି ଅଭୟାରଣ୍ୟର ମୂଳଅଂଶକୁ ସେପ୍ଟେମ୍ବର ୧୯୯୮ ମସିହାରେ ଜାତୀୟ ଉଦ୍ୟାନ ଭାବରେ ଅଧିସୂଚିତ କରାଯାଇଥିଲା। ୨୦୦୨ ମସିହାରେ ଏହାକୁ ରାମସାର ସ୍ଥଳ ଭାବରେ ମାନ୍ୟତା ମିଳିଥିଲା। ୧୯୯୭ ମସିହାରେ ସୃଷ୍ଟି ହୋଇଥିବା ଗହୀରମଥା ସାମୁଦ୍ରିକ ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ବଙ୍ଗୋପସାଗରର ଏକ ସଂଲଗ୍ନ ଅଂଶକୁ ସୀମାବଦ୍ଧ କରିଥାଏ। ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ ବହୁସଂଖ୍ୟାରେ ପ୍ରଶାନ୍ତ ମହାସାଗର ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଗହୀରମଥାର ଉପକୂଳ ଜଳକୁ ମିଳନ ଏବଂ ବସା ବାନ୍ଧିବା ପାଇଁ ଆସନ୍ତି। ୧୯୮୩ ମସିହାରୁ କଇଁଛ ଓ ସେମାନଙ୍କ ଅଣ୍ଡା ସଂଗ୍ରହ ଓ ବିପଣନ ଉପରେ ପ୍ରତିବନ୍ଧକ ଲଗାଯାଇଛି।

ଚିଲିକା ଲାଗୁନ୍ ବା ଲୁଣା ହ୍ରଦ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଭଳି ତିନୋଟି ଉପକୂଳ ଜିଲ୍ଲା ଅଧୀନରେ ଆସେ। ଏହା ୧, ୦୫୫ ବର୍ଗ କିଲୋମିଟରର ଏକ ବିସ୍ତୃତ ଜଳକ୍ଷେତ୍ର ଆଚ୍ଛାଦିତ କରେ, ଯାହା ବର୍ଷା ଋତୁରେ ୧, ୧୬୫ ବର୍ଗ କିଲୋମିଟରକୁ ଫୁଲିଯାଏ ଏବଂ ଗ୍ରୀଷ୍ମ ଋତୁରେ ୯୦୬ ବର୍ଗ କିଲୋମିଟରକୁ ସଙ୍କୁଚିତ ହୁଏ। ଏହା ଭାରତୀୟ ଉପମହାଦେଶର ସର୍ବବୃହତ ଲୁଣିଆ ଜଳ ହ୍ରଦ। ବଙ୍ଗୋପସାଗର ସହିତ ସଂଯୁକ୍ତ ଏହି ଲାଗୁନ୍ ଦୟା ନଦୀର ଏକ ଶାଖାନଦୀ ମାଲାଗୁଣି ନଦୀର ବାମ କୂଳରେ ଅବସ୍ଥିତ। ଚିଲିକା ଏହାର ଅନ୍ତର୍ଦେଶୀୟ ପ୍ରବାହର ୬୦ ପ୍ରତିଶତରୁ ଅଧିକ ମହାନଦୀ ନଦୀ ପ୍ରଣାଳୀରୁ ପାଏ, ମୁଖ୍ୟତଃ ଏହାର ବିତରଣ ନଦୀଗୁଡ଼ିକ, ଯଥା ଦୟା ଓ ଭାର୍ଗବୀ ମାଧ୍ୟମରେ। ପ୍ରବାସୀ ପକ୍ଷୀମାନେ କାସ୍ପିଆନ୍ ସାଗର, ବୈକାଲ ହ୍ରଦ, ମଧ୍ୟଏସିଆ, ଦକ୍ଷିଣପୂର୍ବ ଏସିଆ, ଲଦାଖ ଓ ହିମାଳୟ ପରି ସ୍ଥାନରୁ ଶୀତକାଳରେ ଏହି ଲାଗୁନ୍ ପରିଦର୍ଶନ କରନ୍ତି। ଏହି ହ୍ରଦରେ ବିରଳ ଇରାୱାଡି ଡଲଫିନ ଅଳ୍ପ କିଛି ସଂଖ୍ୟା ମଧ୍ୟ ଅଛନ୍ତି। ଖୋର୍ଦ୍ଧା ବନ ନିୟମ ଏବଂ ଗୁଳିଚାଳନା ନିୟମ ଅନୁଯାୟୀ ଚିଲିକାକୁ ସଂରକ୍ଷିତ ଜଙ୍ଗଲର ମାନ୍ୟତା ଦିଆଯାଇଥିଲା। ୧୯୮୬ ମସିହାରୁ ଶିକାର ଓ ରାତ୍ରି ମାଛ ଧରିବା ନିଷେଧ କରାଯାଇଥିଲା। ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ ୧୯୭୧ ମସିହାରେ ଚିଲିକାକୁ ରାମସାର ସ୍ଥଳ ଘୋଷଣା କରିଥିଲା। ପକ୍ଷୀସଂଖ୍ୟା ଘନତା ହେତୁ ଚିଲିକାର କେନ୍ଦ୍ର ସ୍ଥଳରେ ଥିବା ନଳବନ ନାମକ ୧୫ ବର୍ଗ କିଲୋମିଟର ଅଞ୍ଚଳର ଏକ ଛୋଟ ଦ୍ୱୀପକୁ ୧୯୮୭ ମସିହାରେ ପକ୍ଷୀ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। ହ୍ରଦର ସମନ୍ୱିତ ବିକାଶ ତଦାରଖ କରିବା ପାଇଁ ଚିଲିକା ବିକାଶ ପ୍ରାଧିକରଣ ୧୯୯୨ ମସିହାରେ ଗଠିତ ହୋଇଥିଲା। ଏହାକୁ ଏକ ଅସ୍ଥାୟୀ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥାନ ଭାବରେ ତାଲିକାଭୁକ୍ତ କରାଯାଇଛି।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଭେନେଜୁଏଲା ସଙ୍କଟ ଅନ୍ତରାଳେ

**ପ୍ରମୋଦ କୁମାର ମିଶ୍ର**

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ମୋରୋସ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେନ୍ସଙ୍କୁ ତାଙ୍କ ନିଜ ଦେଶରୁ ଅପହରଣ କରି ଆମେରିକା ଏବେ ଭେନଜୁଏଲାକୁ ନିଜ ଅକ୍ତିଆରରେ ରଖିଛି। କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେ ଦେଶରେ ଆମେରିକାର ପ୍ରଭୁତ୍ୱ ବଳବତ୍ତର ରହିବ। ଡ୍ରଗ୍ସ ତସ୍କରି ଓ ଆତଙ୍କବାଦ ଅପରାଧରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ଆମେରିକା ଅଦାଲତରେ ବର୍ତ୍ତମାନ ମାଦୁରୋଙ୍କ ବିରୋଧରେ ମାମଲା ଚାଲିବ।

ଭେନଜୁଏଲା ଏକଦା ଲାଟିନ ଆମେରିକାର ସବୁଠାରୁ ଦ୍ରୁତଉନ୍ନତି କରୁଥିବା ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ ଥିଲା। ବିଶ୍ୱର ସବୁଠାରୁ ଅଧିକ 'ମିସ୍ ୱାର୍ଲ୍ଡ' ଓ 'ମିସ୍ ୟୁନିଭର୍ସ' ଦେଇଥିବା ଦେଶ ହେଉଛି ଭେନେଜୁଏଲା। ଏକଦା ଏହାର ଜିଡିପି ବିଶ୍ୱର ଶ୍ରେଷ୍ଠ ଦଶଟି ଦେଶ ମଧ୍ୟରେ ଥିଲା। ସେ ଦେଶର ଜଣେ ନେତା ଥିଲେ - ହୁଗୋ ଚାଭେଜ। ସେ ଆମେରିକାକୁ ଲାଟିନ ଆମେରିକାର ଶୋଷଣ ପାଇଁ ଦାୟୀ କରି ଭେନେଜୁଏଲାକୁ ସମାଜବାଦୀ ପ୍ରତିରୋଧର ଏକ ପ୍ରତୀକ ରୂପେ ପ୍ରତିଷ୍ଠା କଲେ। ବାସ୍ତବରେ ଭେନେଜୁଏଲା ଓ ଆମେରିକା ମଧ୍ୟରେ ମତଭେଦ ଓ ବିବାଦର ମୁଖ୍ୟକାରଣ ଥିଲା ଭେନେଜୁଏଲାରେ ଗଚ୍ଛିତ ଥିବା ପ୍ରାକୃତିକ ଅଶୋଧିତ ଖଣିଜ ତୈଳ। ଏହା ସେ ଦେଶର ଆର୍ଥିକ ମାନଦଣ୍ଡ ନିର୍ଦ୍ଧାରଣରେ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୯୯ ମସିହାରେ ଚାଭେଜ ରାଷ୍ଟ୍ରପତି ହେବା ପରେ ଦେଶର ସାଧାରଣଜନତାଙ୍କୁ ଖୁସି କରିବା ପାଇଁ ବିଭିନ୍ନ ସରକାରୀ ଯୋଜନାରେ ପ୍ରଚୁର ଅର୍ଥରାଶି ବାଣ୍ଟିଚାଲିଲେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ତଥା ଦୈନିକ ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ସାଧାରଣ ଜନତା କାମ କରିବା ବନ୍ଦ କରିଦେଲେ। ସମସ୍ତ ବେସରକାରୀ ସଂସ୍ଥାଗୁଡ଼ିକୁ ରାଷ୍ଟ୍ରୀୟକରଣ କରି ବଡ଼ ବଡ଼ ଆମେରିକୀୟ କମ୍ପାନୀଗୁଡ଼ିକୁ ବାହାର କରିଦେଲେ। ଏହାଫଳରେ ସେ ଦେଶର ଉର୍ଜା ନୀତି ଏକ ରାଜନୈତିକ ଅସ୍ତ୍ରରେ ପରିଣତ ହେଲା।

ଏହାପରେ ସେ ଦେଶର ଜିଡିପି କ୍ରମଶଃ ହ୍ରାସ ପାଇଲା। ମୁଦ୍ରାସ୍ଫୀତି ବଢ଼ିଲା। ଉଦ୍ୟୋଗପତିମାନେ ନିଜ ଦେଶ ଛାଡ଼ି କରି ପଳାୟନ କଲେ। ସେ ସମୟରେ ପରସ୍ପରର ବିଭିନ୍ନ ସମସ୍ୟାକୁ ନେଇ ଆମେରିକା ଓ ଭେନେଜୁଏଲା ମଧ୍ୟରେ ମତଭେଦ ତୀବ୍ର ହେଲା। ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱାଧୀନ ମୁକ୍ତବଜାର ଆର୍ଥିକ ବ୍ୟବସ୍ଥାକୁ ଭେନେଜୁଏଲା ଅସ୍ୱୀକାର କଲା। ଚାଭେଜଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ଉତ୍ତରାଧିକାରୀ ଭାବରେ ନିକୋଲାସ ମାଦୁରୋ ୨୦୧୩ ମସିହାରେ ରାଷ୍ଟ୍ରପତି ଦାୟିତ୍ୱ ନେଲେ। ସେ ପାଞ୍ଚବର୍ଷ ଧରି ନିର୍ବାଚନକୁ ଅନୁମତି ଦେଲେ ନାହିଁ। ଆର୍ଥିକ ଅନିୟମିତତା, ସଂସ୍ଥାଗତ ଅବକ୍ଷୟ ଓ ନିର୍ବାଚନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଲା। ଏହି ସୁଯୋଗରେ ଜୁଆନ ଗୁଆଇଡୋଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା ଅସ୍ଥାୟୀ ରାଷ୍ଟ୍ରପତି ଭାବରେ ସ୍ୱୀକୃତି ଦେଲା। ଅବଶ୍ୟ ଏହା ମାଦୁରୋଙ୍କୁ ଗାଦିଚ୍ୟୁତ କରିପାରିଲା ନାହିଁ। ୨୦୧୮ ମସିହାରେ ସେ ସାଧାରଣ ନିର୍ବାଚନରେ ଜୟଲାଭ କରି ପୁନଃରାଷ୍ଟ୍ରପତି ପଦରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଏହାପରେ ବାଣିଜ୍ୟ କ୍ଷେତ୍ରରେ ରୁଷ, ଚୀନ୍ ଓ କ୍ୟୁବା ଉପରେ ଅଧିକ ନିର୍ଭରଶୀଳ ହୋଇ ଆମେରିକାର ପ୍ରଭୁତ୍ୱକୁ ସ୍ୱୀକାର କଲେ ନାହିଁ। ଫଳରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ କ୍ରମଶଃ ଭୟଙ୍କର ହେଲା। ପରିଣାମ ସ୍ୱରୂପ ସେ ଏବେ ଆମେରିକାର କାରାଗାରରେ ବିଚାରାଧୀନ କଏଦୀର ଜୀବନ କାଟୁଛନ୍ତି।

ଏକ ନିରପେକ୍ଷ ନିର୍ବାଚନ ସମ୍ପନ୍ନ ପୂର୍ବକ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ଅଭିପ୍ରାୟ ନେଇ ଆମେରିକାର ଏହି ସାମରିକ କାର୍ଯ୍ୟାନୁଷ୍ଠାନ କେତେଦୂର ଫଳପ୍ରଦ ହେବ ତାହା କେବଳ ସମୟ କହିବ। ଆମେରିକାର ଏହି ଆନ୍ତର୍ଜାତିକ ନିୟମ ଉଲଙ୍ଘନକାରୀ ଆକ୍ରମଣକୁ ଚୀନ ଦୃଢ଼ ନିନ୍ଦା କରିବା ସହ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତି କରିବା ସହ ସେ ଦେଶର କ୍ଷମତାକୁ ନିଜ ହାତକୁ ନ ନେବା ପାଇଁ ଚେତାବନୀ ଦେଇଛି। ବ୍ରିଟେନ୍ କୌଣସି ଉପନିବେଶବାଦ ପକ୍ଷରେ ନାହିଁ ବୋଲି ନିଜ ପକ୍ଷ ସ୍ପଷ୍ଟ କରିଛି। ରୁଷ, ଉତ୍ତର କୋରିଆ, ଇରାନ ଓ କଲମ୍ବିଆ ଆଦି ଦେଶ ଆମେରିକାର ଏତାଦୃଶ କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି।

ଏହାପୂର୍ବରୁ ୧୯୮୯ ମସିହାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ବୁଶ୍ ପାନାମାର ଶାସକ ନୋରିଏଗାଙ୍କୁ ବନ୍ଦୀ କରି ଆଣିଥିଲେ। ଆମେରିକା ଜେଲରେ ଦୀର୍ଘ ୨୦ ବର୍ଷ ରହିବା ପରେ ଶୋଚନୀୟ ଭାବରେ ମୃତ୍ୟୁବରଣ କରିଥିଲେ। ପୁଣି ୨୦୦୩ ମସିହାରେ ବିଭିନ୍ନ କାରଣ ଦେଖାଇ ଆମେରିକା ଇରାକ୍ ଉପରେ ଆକ୍ରମଣ କରିଥିଲା। ସେ ଦେଶର ଲୋକପ୍ରିୟ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବା ପରେ ଆମେରିକା ସେ ଦେଶ ପାଇଁ ଏକ ନୂଆ ସମ୍ବିଧାନ ପ୍ରଣୟନ କରିଥିଲା। ତେଣୁ ଏବେ ଆମେରିକାକୁ ଉଚିତ ଜବାବ ଦେବା ପାଇଁ ରୁଷ, ଚୀନ, ଉତ୍ତର କୋରିଆ ଆଦି ଦେଶ ଦକ୍ଷିଣ ଆଫ୍ରିକାରେ ମିଳିତ ହୋଇ ବିଚାରବିମର୍ଶ କରିଛନ୍ତି। ଉତ୍ତର କୋରିଆ ଏକ ପରମାଣୁ ଶକ୍ତି ସମ୍ପନ୍ନ ମିସାଇଲ ପରୀକ୍ଷା କରି ଆମେରିକାକୁ ପରୋକ୍ଷ ଚେତାବନୀ ଦେଇଛି। ଆମେରିକା ଭେନେଜୁଏଲା ଆକ୍ରମଣ କରିବା ଯୋଗୁଁ ରୁଷିଆର ଏକ ତୈଳବାହୀ ଜାହାଜ ଭେନେଜୁଏଲାରୁ ତୈଳ ଆଣି ନ ପାରି ଫେରି ଆସୁଥିବା ସମୟରେ ସେଠାରେ ତଟରକ୍ଷୀ ଭାବରେ ଥିବା ଆମେରିକାର ସୈନ୍ୟ ତାହାକୁ ଅନୁସରଣ କରିଛନ୍ତି। ଏହାର ପ୍ରତିକ୍ରିୟାରେ ରୁଷ ଏକ ଯୁଦ୍ଧଜାହାଜ ସେମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରେରଣ କରିଛି। ତେଣୁ ବିଶ୍ୱ କ୍ରମଶଃ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଉଛି। ସାଧାରଣ ଭାବରେ ଗୋଟିଏ ଦେଶ ଅନ୍ୟ ଦେଶର ମୁଖ୍ୟ ବା ରାଷ୍ଟ୍ରପତିଙ୍କୁ ଗିରଫ କରିବା ଆନ୍ତର୍ଜାତିକ ନିୟମର ଉଲ୍ଲଂଘନ। ତେବେ ଏଠାରେ ପ୍ରଶ୍ନ ଉଠେ, ଏ ପ୍ରସଙ୍ଗରେ ଜାତିସଂଘ ନିରବ କାହିଁକି?

ସମ୍ବଲପୁର, ମୋ: ୯୪୩୭୪୨୦୫୪୬

# ବେଙ୍ଗ ମନ୍ଦିର

## ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହି ମନ୍ଦିର ବ୍ୟତୀତ ଜାପାନରେ ଗୋଟିଏ ଅଦ୍ଭୁତ ବେଙ୍ଗ ମନ୍ଦିର ଅଛି, ଯାହା କେରୁଡେରା, ସେଇଜାନ୍ ନ୍ୟୋଇରିନ୍-ଜି କିମ୍ବା ୟୋକୋଗୁମା ନାମରେ ବେଶ୍ ଜଣାଶୁଣା। ଏହି ମନ୍ଦିର ପରିସରରେ ପ୍ରାୟ ୧୦ ହଜାର ବେଙ୍ଗ ଆକୃତିର ବସ୍ତୁ ପରସ୍ପର ସହିତ ଯୋଡ଼ି ହୋଇରହିଛି। ପ୍ରତ୍ୟେକ ବସ୍ତୁ ବ୍ୟଙ୍ଗାତ୍ମକ ଭାବଭଙ୍ଗୀରେ ରହିଥିବାରୁ ଆଗନ୍ତୁକଙ୍କ ମନୋରଞ୍ଜନ ହୋଇଥାଏ।

କୁହାଯାଏ ଯେ, ଏକଦା ଏହି ମନ୍ଦିରର ପୂଜାରୀ ବା ମଙ୍କ୍ ତାଙ୍କର ଚୀନ୍ ଯାତ୍ରା ସମୟରେ ଗୋଟିଏ ବେଙ୍ଗ ପ୍ରତିମା କିଣି ଏହି ମନ୍ଦିରକୁ ଆଣିଥିଲେ। ପରବର୍ତ୍ତି ସମୟରେ ଲଗାତାର ଏହି ବେଙ୍ଗ ଆକୃତିର ବସ୍ତୁର ସଂଖ୍ୟା ବଢ଼ିବାରେ ଲାଗିଲା। ଏବେ ମୁଖ୍ୟତଃ ଏହି ମନ୍ଦିର ଆଗନ୍ତୁକଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବା ସହିତ ତାଙ୍କର ବିଭିନ୍ନ ସମସ୍ୟାର ସାଧାନ ପାଇଁ ବାଟ ଦେଖାଉଛି। କାରଣ ମନ୍ଦିର ଭିତରେ ବିତ୍ତୀୟ ଉନ୍ନତି, ସୌଭାଗ୍ୟ, ସୁସ୍ୱାସ୍ଥ୍ୟ ଆଦି ପାଇଁ 'ସୁରକ୍ଷାର ଲେଉଟାଣି', 'ସୌଭାଗ୍ୟର ଲେଉଟାଣି' ଓ 'ଧନର ଲେଉଟାଣି' ଭଳି ବିଶେଷ କୌତୁକିଆ କ୍ରୀଡ଼ାର ଆୟୋଜନ କରାଯାଉଛି। ଏହି କ୍ରୀଡ଼ାରେ ଭାଗ ନେଇ ଲୋକମାନେ ମନୋରଞ୍ଜନ କରିବା ସହିତ ତାଙ୍କର ସବୁ ସମସ୍ୟାର ସମାଧାନ ମଧ୍ୟ ପାଇପାରୁଛନ୍ତି।

ପ୍ରତି କ୍ରୀଡ଼ାର ସ୍ଥାନୀୟ ନାମ ସହିତ 'କୋରୁ' ଶବ୍ଦର ଉପଯୋଗ କରାଯାଉଛି। 'କୋରୁ' ଶବ୍ଦର ଅର୍ଥ ହେଉଛି ବେଙ୍ଗ। ଏହି ମନ୍ଦିରରେ ଲାଗିଥିବା ସୁନ୍ଦର ବୃକ୍ଷଗୁଡ଼ିକ ପାଇଁ ଲୋକମାନେ ବିଭିନ୍ନ ଋତୁର ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିପାରୁଛନ୍ତି, ଯାହାକି ମାନସିକ ଶାନ୍ତି ପ୍ରଦାନ କରୁଛି। ତେଣୁ ଅବସାଦର ଶିକାର ହୋଇଥିବା ବ୍ୟକ୍ତି ଏବଂ ଅନ୍ୟ



ମାନସିକ ରୋଗୀଙ୍କ ପାଇଁ ଏହି ମନ୍ଦିରରେ ସୁସ୍ଥତା ପ୍ରଦାନ ପାଇଁ ବିଭିନ୍ନ ବ୍ୟବସ୍ଥା ରହିଛି।

ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଏହି ମନ୍ଦିରରେ 'ଫୁ-ରିନ୍' ମହୋତ୍ସବ ପାଳନ କରାଯାଉଛି, ଯେଉଁଥିରେ ମନ୍ଦିରଟି ବିଭିନ୍ନ ପ୍ରକାର ୱିଣ୍ଡଚାମ୍ ଓ ଫୁରିନ୍‌ରେ ସଜ୍ଜିତ ହୋଇଥାଏ। ଫେଙ୍ଗସୁଇରେ ବେଙ୍ଗ ସୁଖ, ଶାନ୍ତି, ସୌଭାଗ୍ୟ ଓ ଆର୍ଥିକ ଉନ୍ନତିର ପ୍ରତୀକ ହୋଇଥିବାରୁ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସ ଏହି ବେଙ୍ଗ ମନ୍ଦିର ସହିତ ରହିଆସିଛି।

ଓଡ଼ିଶା ସହିତ ଅନ୍ୟ କେତେକ ରାଜ୍ୟରେ ମଧ୍ୟ ବେଙ୍ଗ-ବେଙ୍ଗୁଲି ବାହାଘରର ଏକ ନିଆରା ପରମ୍ପରା ରହିଛି। ଏହି ବାହାଘର କରିବା ଦ୍ୱାରା ଭଲ ବର୍ଷା ହୋଇଥାଏ ବୋଲି ବିଶ୍ୱାସ ରହିଛି। ମରୁଡ଼ି ପଡ଼ିଥିବା ଅଞ୍ଚଳରେ ବେଙ୍ଗ-ବେଙ୍ଗୁଲି ବାହାଘର କରିବା ପରେ ବର୍ଷା ହେବା ସହ ଉତ୍ତମ ଫସଲ ଅମଳ ହେବାର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଛି। (ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଡବଲ ଇଞ୍ଜିନ ସରକାରରେ ମିଳିଛି ଟ୍ରିପଲ ବିଫଳତା

- ରାଜ୍ୟର ଆର୍ଥିକ ବିକାଶ ସୁଯୋଗ ହାତଛଡ଼ା ହେଉଛି
- ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶାର ପତନ ସରକାରଙ୍କ ବଡ଼ ବିଫଳତା
- ଦୁବାଇକୁ ସିଧା ବିମାନ ସେବା ବନ୍ଦ ଆଉ ଏକ ଅପାରଗତା

ଭୁବନେଶ୍ୱର,୨୨ ।୧(ସମିସ): ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିଲା। କିନ୍ତୁ ବାସ୍ତବରେ ଡବଲ ଇଞ୍ଜିନ ସରକାରରେ ଟ୍ରିପଲ ବିଫଳତା ଦେଖିବାକୁ ମିଳିଛି। ରାଜ୍ୟର ଆର୍ଥିକ ବିକାଶ କ୍ଷେତ୍ରରେ ଅପାର ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ଏହି ସୁଯୋଗ ହାତଛଡା ହେବାକୁ ବସିଲାଣି। ବଡ଼ ବଡ଼ କମ୍ପାନୀ ମାନେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି କୁହାଯାଉଛି, କିନ୍ତୁ ବାସ୍ତବରେ ଶିଳ୍ପ ପ୍ରତିଷ୍ଠା ହୋଇପାରୁନାହିଁ। ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ବିଜେପି ସରକାର ଆବଶ୍ୟକୀୟ ବାତାବରଣ ତିଆରି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ କହିଛନ୍ତି। ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଘଡ଼ାଇ କହିଛନ୍ତି ଯେ, ଗତ ୧୮ ମାସର ବିଜେପି ଶାସନରେ ବିଫଳତା ତାଲିକା ଏତେ ଲମ୍ବା ହୋଇଛି ଯେ, ରାଜ୍ୟବାସୀ ଆଜି ରାଜ୍ୟରେ ଗୋଟିଏ ସରକାର ଅଛି ବୋଲି ଅନୁଭବ କରି ପାରୁ ନାହାନ୍ତି।

୨୦୨୨ ମସିହାରେ ଷ୍ଟାର୍ଟଅପ୍ ନିବେଶ କ୍ଷେତ୍ରରେ ରାଜ୍ୟ ସର୍ବଭାରତୀୟ ସ୍ତରରେ ଷଷ୍ଠ ସ୍ଥାନରେ ଥିଲା। କିନ୍ତୁ ୨୦୨୫ ବେଳକୁ ଓଡ଼ିଶା ୨୦ ତମ ସ୍ଥାନକୁ ଖସି ଆସିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ, ଷ୍ଟାର୍ଟଅପ୍ କ୍ଷେତ୍ରରେ ଯୁବବର୍ଗର ଲୋକମାନଙ୍କୁ ସାହସ ଶକ୍ତି ଓ ପ୍ରେରଣା ପ୍ରଦାନ କରାଯାଉଥିଲା। ହେଲେ ଏବେ କାହିଁକି ଓଡ଼ିଶାର ସ୍ଥାନ ତଳକୁ ତଳ ଖସୁଛି ବୋଲି ଶ୍ରୀ ଘଡ଼ାଇ ପ୍ରଶ୍ନ କରିଛନ୍ତି। ଏହା ବ୍ୟତୀତ ନବୀନ ପଟ୍ଟନାୟକଙ୍କ ସମୟରେ ଦୁବାଇକୁ ଆରମ୍ଭ ହୋଇଥିବା ସିଧା ବିମାନ ସେବା



ଏବେ ବନ୍ଦ ହେବାକୁ ଯାଉଛି। ଦୁବାଇ ଏକ ଅନ୍ତର୍ଜାତୀୟ ଟ୍ରେଡ୍ ସେଣ୍ଟର ହୋଇଥିବାରୁ, ଏଠାକୁ ବିମାନ ସେବା ବନ୍ଦ ହେବା ଯୋଗୁ ଏହା ରାଜ୍ୟର ବ୍ୟବସାୟ ବୃଦ୍ଧି ପାଇଁ ବାଧକ ହେବ ବୋଲି ଶ୍ରୀ ଘଡ଼ାଇ କହିଛନ୍ତି।

ଅନ୍ୟପଟେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଦର୍ଶାଇ ଶ୍ରୀ ଘଡ଼ାଇ ସରକାରଙ୍କ ଉପରେ ବର୍ଷିଛନ୍ତି। ଲଘୁ ଖଣିଜ ସମ୍ପଦ ଓ ଗୁରୁ ଖଣିଜ ସମ୍ପଦରେ ବ୍ୟାପକ ଲୁଟ ଚାଲିଛି। ଏଇ ଦୁଇ କ୍ଷେତ୍ରରେ ମାଫିଆମାନେ ରାଜ କରୁଛନ୍ତି। ନିକଟରେ କେନ୍ଦୁଝର ଜିଲ୍ଲାରେ ଦିନ ଦ୍ୱିପହରରେ ବ୍ୟାଙ୍କରୁ ଡକାୟତ ମାନେ କୋଟି କୋଟି ଟଙ୍କା ଲୁଟିନେବା ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ସୁରକ୍ଷା ବ୍ୟବସ୍ଥାର ସଦ୍ୟତମ ନମୁନା ସାଜିଛି। ସବୁ କ୍ଷେତ୍ରରେ ବିଫଳତା ଓ ଅରାଜକତା ଦେଖିବାକୁ ମିଳୁଥିବା ବେଳେ, ରାଜ୍ୟ ବିଜେପି ସରକାର ଏହାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହୋଇଛନ୍ତି। ଫଳସ୍ୱରୂପ ଶାସନ ବ୍ୟବସ୍ଥା ଭୁଶୁଡି ପଡିଛି ବୋଲି ରାଜ୍ୟବାସୀ ଅନୁଭବ କରୁଛନ୍ତି। ରାଜ୍ୟ ସରକାରଙ୍କର ତୁରନ୍ତ ନିଦ୍ରା ଭଙ୍ଗ ହେବା ଦରକାର ଓ ରାଜ୍ୟର ଶାସନ ବ୍ୟବସ୍ଥାରେ ସରକାର ସୁଧାର ଆଣିବା ଉଚିତ। ନଚେତ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଘଡ଼ାଇ ଚେତାବନୀ ଦେଇଛନ୍ତି।

## ବେଗୁନିଆ ବାସୁଦେବ ହତ୍ୟା ଘଟଣା

# ହତ୍ୟାକାଣ୍ଡ ପରେ ଘଟଣାସ୍ଥଳକୁ ଯାଇ ନ ଥିଲେ ଥାନା ଅଧିକାରୀ

### ଏସ୍‌ପି ଓ ଆଇଆଇସିଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର,୨୨ ।୧(ସମିସ): ବେଗୁନିଆ ଥାନା ଦଲକ ରାସ୍ତାରେ ଖଣି ବ୍ୟବସାୟୀ ବାସୁଦେବ ପରିଡ଼ା ହତ୍ୟାକାଣ୍ଡକୁ ୩ ଦିନ ବିତିଛି। ପୁଲିସ ୨୦ରୁ ଅଧିକ ଲୋକଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲେ ମଧ ଏଯାଏଁ କାହାରିକୁ ଗିରଫ କରିପାରିନାହିଁ। ଏହାରି ଭିତରେ ଖୋର୍ଦ୍ଧା ଜିଲ୍ଲା ପୁଲିସର ଚରମ ଅବହେଳା ସାମ୍ନାକୁ ଆସିଛି। ହତ୍ୟାକାଣ୍ଡ ପରେ ତୁରନ୍ତ ଘଟଣାସ୍ଥଳକୁ ଯାଇନଥିବାରୁ ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମା ଓ ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାଏକ। କେନ୍ଦ୍ରାଞ୍ଚଳ ଆଇଜିଙ୍କ ଏହି ଚିଠି ଏବେ ପୁଲିସର ଅପରାଗତାକୁ ପଦାରେ ପକାଇଛି।

ସୂଚନା ଅନୁସାରେ, ଜାମୁ ସାହିର ବାସୁଦେବ ଓ ସ୍ଥାନୀୟ ଅଞ୍ଚଳର ଦେବବ୍ରତ ବରାଳ ମଧ୍ୟରେ ଖଣି ବ୍ୟବସାୟୀକୁ ନେଇ ପୂର୍ବରୁ ଶତ୍ରୁତା ଲାଗି ରହିଥିବା ବେଳେ ହାତାହାତି ମଧ ହୋଇଥିଲେ। ଗତ ସୋମବାର ସନ୍ଧ୍ୟାରେ ବାସୁଦେବ ନିକଟସ୍ଥ ଜଳାଶୟକୁ ଶୌଚ ହେବାକୁ ଯାଇଥିବା ବେଳେ ୧୦ରୁ ଅଧିକ ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ଼ କରିଥିଲେ। ବାସୁଦେବ ପଡ଼ିଯିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଯିବାବେଳେ ଘଟଣାସ୍ଥଳରେ ଏକ ବୁଲେଟ୍ ବାଇକ୍ ଛାଡ଼ି ପଳାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ହତ୍ୟାକାଣ୍ଡ ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକମାନେ ଅଭିଯୁକ୍ତ ଛାଡ଼ି ଯାଇଥିବା ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଦୁର୍ବୃତ୍ତମାନେ ବିନା କୌଣସି ଭୟରେ ବ୍ୟବସାୟୀଙ୍କୁ ଗୁଳି ମାରି ହତ୍ୟା କରିଥିବାରୁ ସ୍ଥାନୀୟ ଲୋକମାନେ ନିଜକୁ ଅସୁରକ୍ଷିତ ମଣିବା ସହ ପୁଲିସର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠାଇଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ସବୁଠାରୁ ସାଙ୍ଘାତିକ କଥାଟି ହେଉଛି, ଠିକ୍ ହତ୍ୟାକାଣ୍ଡ ପରେ ବେଗୁନିଆ ଥାନା ଅଧିକାରୀ ତୁରନ୍ତ ଘଟଣାସ୍ଥଳକୁ ଯାଇନଥିଲେ। କେବଳ ଥାନା ଅଧିକାରୀ ନୁହଁନ୍ତି, ଜିଲ୍ଲା ପୁଲିସର କୌଣସି ବରିଷ୍ଠ ଅଧିକାରୀ ମଧ ଘଟଣାସ୍ଥଳକୁ ଯାଇନଥିଲେ। ଗୁଳିମାଡ଼ ଓ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣାରେ ଘଟଣାସ୍ଥଳକୁ ନ ଯିବା, ପୁଲିସର ଖାମଖିଆଲି ମନୋଭାବକୁ ପ୍ରମାଣିତ କରିଛି। ଏହି ଘଟଣା ନଜରକୁ ଆସିବା ପରେ ଖୋର୍ଦ୍ଧା ଏସପି ଓ ବେଗୁନିଆ ଥାନା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇଛନ୍ତି କେନ୍ଦ୍ରାଞ୍ଚଳ ଆଇଜି। ଏହା ଦୁର୍ଭାଗ୍ୟଜନକ ବୋଲି କହିବା ସହ ସଂପୃକ୍ତ ଥାନା ଅଧିକାରୀ ଓ ଜିଲ୍ଲା ପୁଲିସର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସ୍ପଷ୍ଟୀକରଣ ମାଗି ୩ ଦିନ ମଧ୍ୟରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରମିକ ହୋଇ ଯାଇଥିଲେ; ଶବ ହୋଇ ଫେରିଲେ

ମହୁଲଡିହା, ୨୨।୧(ସମିସ): ପାରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ କାମ ଅନ୍ୱେଷଣରେ ତାମିଲନାଡୁ ଯାଇଥିଲେ। କିନ୍ତୁ ସେଠାରୁ ଆଉ ଫେରିଲେନି, ତାଙ୍କ ଶବ ଫେରିଲା। ମୃତକ ହେଲେ, ଚମ୍ପାଝର ପଞ୍ଚାୟତର ଦିଲିଗଞ୍ଜ ଗ୍ରାମର ବାର୍ଣ୍ଣବାସ କାଲୁଣ୍ଡିଆଙ୍କ ସାନ ପୁଅ କୁଶ (୨୦)। କୁଶ ତାମିଲନାଡୁର ମଦୁରାଇରେ ଥିବା 'ପବନ ବି ହାଇଟେକ କମ୍ପାନୀ'ରେ ଗତ ଦେଢ଼ବର୍ଷ ହେଲା କାମ କରୁଥିଲେ। କିଛି ଦିନ ତଳେ ତାଙ୍କର ମୁଣ୍ଡବ୍ୟଥା ହୋଇଥିଲା। ନିଜେ ଦୋକାନରୁ ଔଷଧ କିଣି ଖାଇବା ସହ ଇଞ୍ଜେକ୍ସନ ନେଇଥିଲେ। କିନ୍ତୁ ଦେହ ଭଲ ହେବା ପରିବର୍ତ୍ତେ ସେ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ରବିବାର ତାଙ୍କୁ ଆଇସିୟୁରେ



ଭର୍ତ୍ତି କରାଯାଇଥିଲା। ମାତ୍ର ଗତ ସୋମବାର ରାତିରେ କୁଶଙ୍କ ଦେହାନ୍ତ ହୋଇଯାଇଛି। ଏକ ଆମ୍ବୁଲାନ୍ସରେ ତାଙ୍କ ଶବ ଗାଁକୁ ଫେରୁଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ପରିବାରର ଆର୍ଥିକ ଅବସ୍ଥା ଠିକ୍ ନଥିବାରୁ କୁଶ ଦେଢ଼ବର୍ଷ ତଳେ ମଦୁରାଇ ଯାଇ କମ୍ପାନୀରେ କାମ କରୁଥିଲେ। କୁଶଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ୭୨ ପ୍ରଧାନଶିକ୍ଷକଙ୍କ ମାସକର ଦରମା ବନ୍ଦ

ପୁରୀ,୨୨।୧(ସମିସ):ସରକାରୀ ନିର୍ଦ୍ଦେଶନାମାକୁ ଅବମାନନା କରିବା ପୁରୀ ଜିଲ୍ଲାର ୭୨ଜଣ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମହଙ୍ଗା ପଡ଼ିଛି। ସେମାନଙ୍କର ଗୋଟିଏ ମାସର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଦୀପକ ପାଢ଼ୀ। ବର୍ଷା ସମୟରେ ବଜ୍ରପାତ ହେଲେ ସେଥିରୁ କିଭଳି ସୁରକ୍ଷିତ ରହିପାରିବେ ଏବଂ ସାପ କାମୁଡ଼ିଲେ ତୁରନ୍ତ କିଭଳି ପ୍ରାଥମିକ ଚିକିତ୍ସା ହୋଇପାରିବ, ସେନେଇ ଜିଲ୍ଲାର ସମସ୍ତ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ବଜ୍ରପାତ ସଚେତନ ପାଇଁ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ୨ହଜାର ଟଙ୍କା ଲେଖାଏଁ ଏବଂ ସାପକାମୁଡ଼ା ସଚେତନତା ଲାଗି ସବୁ ବିଦ୍ୟାଳୟକୁ ୨୫୦୦ଟଙ୍କା ଲେଖାଏଁ, ଏହିପରି ଗୋଟିଏ ବିଦ୍ୟାଳୟକୁ ମୋଟ୍ ୪୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ଶିବିର ନେଇ କୌଣସି ସୂଚନା ଦେଇ ନ ଥିବାରୁ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ। ଜିଲ୍ଲାର ୭୨ଜଣ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ୧ମାସର ଦରମା ବନ୍ଦ କରିବାକୁ ଚିଠି ଜରିଆରେ ନିର୍ଦ୍ଦେଶ ଜାରି କରାଯାଇଛି। ବଜ୍ରପାତ ସଚେତନତା କାର୍ଯ୍ୟକ୍ରମର ହିସାବ ନ ଦେବାରୁ ୩୮ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ଏବଂ ସାପକାମୁଡ଼ା ଲାଗି ସଚେତନତା କାର୍ଯ୍ୟକ୍ରମର ହିସାବ ନ ଦେବାରୁ ୩୪ଜଣ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କର ଦରମା ବନ୍ଦ ହୋଇଛି। ଜାନୁଆରୀ ମାସର ଦରମା ପ୍ରଦାନ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଡିଇଓ ଶ୍ରୀ ପାଢ଼ୀ।

# ହିତାଧିକାରୀଙ୍କୁ ମିଳିଲା ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୨୨ ।୧(ସମିସ): ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଗୁରୁବାର ଆୟୋଜିତ ସୁଭଦ୍ରା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିବିଟି ମାଧ୍ୟମରେ ୪ଲକ୍ଷ ୫୭ ହଜାର ୬୮୧ ହିତାଧିକାରୀଙ୍କ ଆକାଉଣ୍ଟକୁ ୩୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି।

OFFICE OF THE ROURKELA MUNICIPAL CORPORATION
UditNagar, Rourkela Dist. –Sundargarh (Odisha) Pin-769012 Website: www.rmc.nic.in
Email Id: rourkelamunicipality@gmail.com
C-2161

No. 776 Date: 21.01.2026

Tender Call Notice

The Municipal Commissioner on behalf of Rourkela Municipal Corporation invites sealed applications in conformation with detailed Tender call notice from the reputed firms /Agencies for **"Open area development along with Erection of 01 No. of Sculptures at NH Entry Point towards Hockey Chowk".**

Detail technical specifications, along with terms & conditions etc. may be seen from the Tender Odisha Website i.e. www.tendersorissa.gov.in and Website of Rourkela Municipal Corporation i.e. www.rmc.nic.in. Date of issue of tender document **22.01.2026.**

Commissioner
Rourkela Municipal Corporation
OIPR-

AFFIDAVIT
By virtue of an affidavit before the Notary Public, Pipili, dtd. 22.01.2026, I, Pramila Panigrahi, resident of Oupada, PS-Patamundai, Dist- Kendrapada declare that my name is recorded as ANITA SAMANTARAY, C/o Sridhar Panigrahi in my Aadhaar Card but in Resident Certificate my name is mentioned as PRAMILA PANIGRAHI, W/o Sridhar Panigrahi. That both the names refer to one and the same person, i.e., myself.

AFFIDAVIT
By Virtue of an affidavit Sworn Before the Notary public, Kendrapara Town, Kendrapada, I, **Subrata Sahu, S/o: Pratapa Sahu,** resident of village, Angarbandha, P.O: Khandahata, P.S: Angul, Dist.: Angul, Odisha declare by this Affidavit No.: 501, dtd: 21/01/2026 that My name and my fathers name was wrongly mentioned as Subrat Sahu, S/o: Pratap Sahu instead of **Subrata Sahu, S/o:Pratapa Sahu** in my B.tech Certificate. Henceforth, I shall be known as **Subrata Sahu, S/o: Pratapa Sahu** for all purposes.

# ବିମଳ ଦାସଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର,୨୨ ।୧(ସମିସ): କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ତଥା ବିଶିଷ୍ଟ ସମାଜସେବୀ ବିମଳ ଦାସଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସ୍ୱର୍ଗତ ବିମଳ ଦାସ ବିଜୁ ବାବୁଙ୍କ ଘନିଷ୍ଠ ଅନୁଗାମୀ ଥିଲେ। ସେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟକୁ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଥିଲେ। ଶ୍ରୀ ପଟ୍ଟନାୟକ,ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦଗତି କାମନା କରିଛନ୍ତି।

# ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଭୁବନେଶ୍ୱର,୨୨ ।୧(ସମିସ): ରାଜ୍ୟରେ ୪୦,୩୮୦ ଗୋଟି ପାଣି ପଞ୍ଚାୟତ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ଆଗାମୀ ୫ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜମିକୁ ଜଳସେଚନ ଅନ୍ତର୍ଭୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶା ପାଣି ପଞ୍ଚାୟତ ଆଇନ-୨୦୦୨ ଓ ତାହାର ସଂଶୋଧନ ମାଧ୍ୟମରେ ମହିଳା, ମତ୍ସ୍ୟଜୀବୀ ଓ ଜଳ ବ୍ୟବହାରକାରୀଙ୍କୁ ସମାନ ଅଧିକାର ଓ ସୁଯୋଗ ଦିଆଯାଇଛି। ପ୍ରାଚୀନ ଜଳସେଚନ ପଦ୍ଧତିରେ ଜଳର ଅପଚୟ ହେଉଥିବାବେଳେ, ପାଣି ପଞ୍ଚାୟତ ମାଧ୍ୟମରେ ସମତାମୂଳକ ଓ ଦକ୍ଷ ଜଳ ବଣ୍ଟନ ସମ୍ଭବ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

AFFIDAVIT
By virtue of an affidavit sworn before The Executive Magistrate, Bhubaneswar, CF.NO- 37, dated 21-01-2026 I, **OM PRAKASH MAHAPATRA,** S/o Late Jagannath Mahapatra Permanent resident of Flat No- 104, Lumbini Enclave, Niladri Vihar, Opposite Care Hospital, Sailashree Vihar, Po/Ps: Sailashree Vihar, Bhubaneswar, Dist- Khordha, Odisha - 751021 declare that I have changed my minor daughter's name from **SAINA** (Old name) to **BHOOMEE MAHAPATRA** (New name), Henceforth, she shall be known as **BHOOMEE MAHAPATRA** for all purposes.
( Sd- OM PRAKASH MAHAPATRA )

LOST
I Hrushikesh Panda, C/o Dhanjaya Panda of Manitribhuban, Village Raghunathpur, PS: Infocity, District-UPD, Bhubaneswar, Odisha, Pin-751024 declare that I was issued a Property Sale Deed NO- 6898 - 11/12/2000 which has been lost at near RTO Saheed Nagar on dated 16/01/2026 at 15.01 hrs. I could not tract it out. If any person misuse the above said original deed, I shall have not responsible. This newspaper publication is required to produced before the Concerned Authority for issue of a Certified Copy of ROR/Pattain my favour.
Sd- Hrushikesh Panda

**ସର୍ବସାଧାରଣ ବିଜ୍ଞପ୍ତି**
(ସିଭିଲ ପ୍ରକ୍ରିୟା ସଂହିତାର ଆଦେଶ V, ନିୟମ 20 ଅନୁସାରେ)
**ମାନ୍ୟବର CJ-02 (ଦକ୍ଷିଣ)ଙ୍କ ଆଦାଲତ,ସାକେତ କୋର୍ଟସ୍, ନୂଆଦିଲ୍ଲୀ**
**CSSCJ83258/16**

ଅଲଷ୍ଟ୍ରଙ୍ଗ ଏଣ୍ଟରପ୍ରାଇଜେସ୍ ଇଣ୍ଡିଆ ପ୍ରା. ଲିଃ. ...ବାଦୀ
ବନାମ
କ୍ରିଷ୍ଣା ହାର୍ଡଓ୍ୱାର ପ୍ଲାଏ ଆଣ୍ଡ୍ ଅନ୍ୟମାନେ ...ପ୍ରତିବାଦୀ

ମାନ୍ୟବର ଅଦାଲତଙ୍କ ଦ୍ୱାରା ତା.୧୩.୦୧.୨୦୨୬ରିଖରେ ଜାରି ହୋଇଥିବା ଆହ୍ୱାନପତ୍ର ଆଦେଶ ଅନୁଯାୟୀ, ପ୍ରତିବାଦୀମାନେ ଅର୍ଥାତ କୃଷ୍ଣା ହାର୍ଡୱେୟାର ପ୍ଲାଏ ଏବଂ ଅନ୍ୟମାନେ, ଯାହାଙ୍କ ଠିକଣା ପ୍ଲଟ୍ ନମ୍ବର- ୮୭, ଏନ୍‌ଏଚ୍-୫, ଉଦୟଗିରି ବିହାର ରୋଡ୍ ଗେଟ୍ ନିକଟ, ପାତ୍ରପଡା, ଭୁବନେଶ୍ୱର - ୭୫୧୦୧୯ଙ୍କୁ ଏହି ନୋଟିସ୍ ମାଧ୍ୟମରେ ସୂଚିତ କରାଯାଉଛି ଯେ ସେମାନେ ମାନ୍ୟବର ଶ୍ରୀ ଯଶଦୀପ ଚାହାଲ, ଏଲ୍.ଡି. ସିଜେ-୦୨ (ଦକ୍ଷିଣ), ସାକେତ କୋର୍ଟସ୍, ନୂଆଦିଲ୍ଲୀଙ୍କ ଅଦାଲତରେ ତା.୧୩.୦୨.୨୦୨୬ ରିଖ, ସକାଳ ୧୦.୦୦ ଘଟିକାରେ ଉପସ୍ଥିତ ହେବେ।

**ଅଭିନବ ଗର୍ଗ**
**ବାଦୀଙ୍କ ପକ୍ଷରୁ ଆଇନଜୀବୀ**
**ଏ-୪୦୧, ଏଲଜିଏଫ୍,**
**ଡିଫେନ୍ସ କଲୋନୀ, ନୂଆଦିଲ୍ଲୀ-୨୪**
**ମୋ- ୯୮୧୦୧୯୬୯୮**

AFFIDAVIT
By Virtue Of an Affidavit no. 2168 dtd. 30.12.2025 the Executive Magistrate Khandapada, I Dillip Lenka S/o- Arjun Lenka At- PithaKhai, Po/Ps- Fategarh, Pin- 752077 Dist- Nayagarh have changed my Son's name SUBHARNSHU LENKA to SUDHANSU KUMAR LENKA. Henceforth He will be known as SUDHANSU KUMAR LENKA for all purposes.

## ଜିଲ୍ଲା ମୁଖ୍ୟାଳୟକୁ 'ମୁଖ୍ୟମନ୍ତ୍ରୀ ବସ୍' ଚଳାଚଳକୁ ବିରୋଧ

# ଘରୋଇ ବସ୍ ଧର୍ମଘଟ ସମ୍ପର୍କିତ ନିଷ୍ପତ୍ତି ଆଜି

### ରୁଟ୍ ସମ୍ପର୍କିତ ନିଷ୍ପତ୍ତି ନେବ ସ୍ୱତନ୍ତ୍ର କମିଟି

କଟକ, ୨୨।୧ (ସମିସ): ଗ୍ରାମାଞ୍ଚଳ ତଥା ବ୍ଲକ୍‌ରୁ ଜିଲ୍ଲା ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ବିରୋଧ କରିଆସୁଥିବା ବେଳେ ଆଜି ପରିବହନ କମିସନର ଅମିତାଭ ଠାକୁରଙ୍କ ସହ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ କରାନଗଲେ, ଧର୍ମଘଟ ପାଇଁ ପୂର୍ବରୁ ବସ୍ ମାଲିକ ସଂଘ ଚେତାବନୀ ଦେଇଥିବା ବେଳେ ଏ ସମ୍ପର୍କରେ ଆସନ୍ତାକାଲି ନିଷ୍ପତ୍ତି ଚୂଡ଼ାନ୍ତ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, କୌଣସି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଚଳାଚଳ ପୂର୍ବରୁ ଏକ କମିଟି ଗଠନ କରାଯିବ। ଏହି କମିଟିରେ ଜିଲ୍ଲାପାଳ, ଆର୍‌ଟିଓ, ଡିଟିଏମ୍ ଓ ଆଞ୍ଚଳିକ ବସ୍ ମାଲିକ ସଂଘର ପ୍ରତିନିଧିମାନେ ରହିବେ। କେଉଁ ରୁଟ୍‌ରେ ଏହି ବସ୍ ଚଳାଚଳ କରିବ, ଏହି କମିଟି ନିଷ୍ପତ୍ତି ଗ୍ରହଣ କରିବ। ତଥାପି ଯଦି କିଛି ଆପତ୍ତି ଥାଏ, ତାହାକୁ ପରିବହନ କମିସନରଙ୍କ ନିକଟରେ ସମୀକ୍ଷା କରାଯିବ। ଜଗତସିଂହପୁରରେ ଜିଲ୍ଲାପାଳ ଏହି ବସ୍ ସେବାକୁ ସଦର ମହକୁମାକୁ ସମ୍ପ୍ରସାରିତ କରି ଚଳାଇ ଆସୁଥିବା ନେଇ



ସଂଘ ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା।

ବୈଠକରେ ଘରୋଇ ବସ୍ ମାଲିକ ସଂଘର ସଭାପତି ଲୋକନାଥ ପାଣି, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ରବୀନ୍ଦ୍ର କୁମାର ମହାନ୍ତି, ଜଗଦୀଶ ମହାନ୍ତି, ବରଦା ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତକାନ୍ତ ମହାନ୍ତି, ଶ୍ରୀକାନ୍ତ ପାଣି, ପ୍ରମୋଦ ବେହେରା, ପ୍ରିୟବ୍ରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଥାଉକି, ଜାନୁଆରୀ ୨୩ ସୁଦ୍ଧା ସରକାର ଯଦି ପଞ୍ଚାୟତରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବନ୍ଦ ନ କରନ୍ତି, ତେବେ ଆନ୍ଦୋଳନ ଜୋରଦାର ହେବ। ପ୍ରତିବାଦସ୍ୱରୂପ ଜାନୁଆରୀ ୨୪ରୁ ସମଗ୍ର କଟକ ଜିଲ୍ଲାରେ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଗତ ୧୭ ତାରିଖରେ ଘୋଷଣା କରିଥିଲା ବସ୍ ମାଲିକ ସଂଘ। ପୂର୍ବରୁ କେବଳ ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ସୀମିତ ଥିଲା। କିନ୍ତୁ ବର୍ତ୍ତମାନ ଏହି ବସ୍‌ଗୁଡ଼ିକ ଜିଲ୍ଲା ମୁଖ୍ୟାଳୟ ସମେତ ଅନ୍ୟାନ୍ୟ ପ୍ରମୁଖ ରୁଟ୍‌ରେ ଚାଲୁଛି, ଯାହା ଘରୋଇ ବସ୍ ମାଲିକଙ୍କ ବ୍ୟବସାୟକୁ ଗଭୀର ଭାବେ ପ୍ରଭାବିତ କରୁଛି। ବିଶେଷକରି ସରକାରୀ ବସ୍‌ରେ ମାତ୍ର ୫ଟଙ୍କା ଭଡ଼ା ରହିଥିବାରୁ ଘରୋଇ ବସ୍‌ଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି।

ଦେବଗଡ଼ ଜିଲ୍ଲାରେ ପ୍ରଗତି ପଥେ ଜଳ ବିଭାଜିକା ଉନ୍ନୟନ ଯୋଜନା :-

କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ :-

୧ . ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (PMKSY WDC 2.0)
୨. REWARD
୩ . କ୍ଷେତ ପୋଖରୀ ଯୋଜନା
୪. ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା

ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନତାର ସାମଗ୍ରିକ ବିକାଶ ପାଇଁ ପ୍ରତିବଦ୍ଧ ଅଟୁ ସଦାସର୍ବଦା ।

ଶୁଭେଚ୍ଛା ସହ
ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା,
ଦେବଗଡ଼

AFFIDAVIT
I, Dhiresh Chandra Gochhayat Age-65,S/o-Late Upendra Gochayat ,At/Po--Panchapada,Ps-Basta,Dist-Balasore,Odisha, declared by affidavit before In The Court of A.Mahalik (O.R.S) Executive Magistrate,Balasore ,No-433,dtd-19/01/2026.That ,In ROR Mouza-Sartha, Khata No-2610/1243,P.S.No-114, My Name is Mentioned as Dinesh Chandra Gochhayat. Hence this affidavit **DINESH CHANDRA GOCHHAYAT & DHIRESH CHANDRA GOCHHAYAT** same and one person for all future purpose.
**Dhiresh Chandra Gochhayat**

AFFIDAVIT
By virtue of an affidavit sworn before the Executive Magistrate, Bhubaneswar, dated-13/01/2026. I, **Jay Prakash Moharana,** S/o- Padmanava Moharana, resident of Bharagola, Nayahat, Dist- Puri, Odisha, Pin - 752107, declare that my correct name is **Jay Prakash Moharana** which is mentioned in my Aadhar Card but in Educational Documents and some other documents my name has been mentioned as **Jayaprakash Moharana** instead of **Jay Prakash Moharana.** Henceforth, I shall be known as **Jay Prakash Moharana** for all future purposes.

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

**(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ନୟାଗଡ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ନୟାଗଡ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ନୟାଗଡ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତାମାନେ: ୧) ଶ୍ରୀ ସରୋଜ କୁମାର ନାୟକ, ପିତା: ଶ୍ରୀ ରାଜୁ ନାୟକ, ୨) ଶ୍ରୀମତୀ ପ୍ରମିଳା ଦେଇ, ସ୍ୱାମୀ: ଶ୍ରୀ ରାଜୁ ନାୟକ, ଉଭୟଙ୍କ ଠିକଣା- ସା: ବଡହରିଜନ ସାହି, ନୟାଗଡ ଏନ୍.ଏ.ସି, ଜିଲ୍ଲା: ନୟାଗଡ | ତା.୨୯.୦୮.୨୦୨୫ରିଖ ସୁଦ୍ଧା ଟ.୪,୧୩,୦୮୧.୦୨ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୮.୨୦୨୫ / ୨୦.୦୧.୨୦୨୬ | ଶ୍ରୀ ସରୋଜ କୁମାର ନାୟକ, ପିତା: ଶ୍ରୀ ରାଜୁ ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଗଡ, ତହସିଲ / ଏସ୍‌ଆରଓ /ଜିଲ୍ଲା: ନୟାଗଡ, ଖାତା ନଂ.: ୧୨୧୯/୩୧୨୯, ପ୍ଲଟ୍ ନଂ.: ୧୩୯୨, କ୍ଷେତ୍ର: ଏକର ୦.୦୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: କୃଷ୍ଣ ମାହାର, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ନାୟକ, ଉତ୍ତର: ପିଚୁ ରାସ୍ତା, ଦକ୍ଷିଣ: ସିସି ରୋଡ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୨.୦୧.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଭବାନୀପାଟଣା
ରେ : ନଂ : ୨୨୯ ବି / ତା : ୩୧.୧୦.୧୯୪୯
**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୨୭୫୬ ତାରିଖ: ୧୯.୦୧.୨୦୨୬

ଏତଦ୍ ଦ୍ୱାରା ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇଦିଆଯାଉଛି ଯେ, ବ୍ୟାଙ୍କର ୬୬ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୪.୦୨.୨୦୨୬ (ବୁଧବାର) ୧୧.୩୦ ଘଟିକା ସମୟରେ ଏସ୍ ଏନ୍ କଲ୍ୟାଣ ମଣ୍ଡପ, ରିଷିଗାଁ ଛକ, ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନ କାର୍ଯ୍ୟ ସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

ବି:ଦ୍ର: **ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତି ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ**

**କାର୍ଯ୍ୟସୂଚୀ**
୧. ଗତ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢୀକରଣ।
୨. ବ୍ୟାଙ୍କର ୨୦୨୪-୨୦୨୫ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୨୪-୨୦୨୫ ବର୍ଷର ବାର୍ଷିକ ସମୀକ୍ଷା ବିବରଣୀ (ଅଡିଟ୍ ରିପୋର୍ଟ) ପଠନ ଓ ଗ୍ରହଣ।
୪. ବ୍ୟାଙ୍କର ୨୦୨୫-୨୦୨୬ ବର୍ଷର ବାର୍ଷିକ ବଜେଟ ଅନୁମୋଦନ।
୫. ବ୍ୟାଙ୍କର ୨୦୨୪-୨୦୨୫ ବର୍ଷର ଲାଭାଂଶ ବଣ୍ଟନ ସମ୍ବନ୍ଧେ।
୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

AFFIDAVIT
I, Neetu Bondia, W/o- Kamal Prasad Bondia, resident of At- Marwaripara Jharsuguda, Po/Ps/ Dist- Jharsuguda, PIN- 768201, Odisha declared by this affidavit No. 17, dtd- 21/01/2026 that now onwards I shall be known as **NITU BONDIA** for all future purposes.

## ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପିତ

# ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ସଞ୍ଜୀବ

**ବନ୍ତ/ଆଗରପଡ଼ା, ୨୨।୧(ସମିସ)**

ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁଜୀ ଗୁରୁମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କପାଳୀକ୍ଷେତ୍ର ନିମାପଡ଼ାସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହର ଗୁରୁବାର ଉଦ୍‌ଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ଅତିଥିମାନେ କହିଥିଲେ। ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶୁଭେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ



### ମୁଖପତ୍ର 'କୈଶୋରିକା' ଉନ୍ମୋଚିତ

ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ମୁଖ୍ୟବକ୍ତା ଭାବେ ଧାମନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟମଣି ରାଉଳ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଦାସଶର୍ମା, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ, ହୃଷୀକେଶ ମିଶ୍ର, ପୂର୍ବତନ ସରପଞ୍ଚ ବିଜୟ ବିଶ୍ୱାଳ, ଶରତ ଚନ୍ଦ୍ର ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଇତିଶ୍ରୀ ମହାପାତ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ମୁଖପତ୍ର 'କୈଶୋରିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ବହୁ ପ୍ରତିଭାଧର ବ୍ୟକ୍ତି, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ବିଦ୍ୟାଳୟର ବହୁ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

୨ୟ ଅଧିବେଶନରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ କୁମାର ସାହୁ, ଭୁବନେଶ୍ୱରସ୍ଥିତ ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଡ. ମନ୍ମଥ କୁମାର ରାଉଳ, ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ସମାଜସେବୀ ଲମ୍ବୋଦର ଶଙ୍ଖୁଆ ଅତିଥି ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସୁନୀଲ ରାଉଳ, ମାନସ ନାୟକ, ପ୍ରସନ୍ନ ରଥ, ଶିକ୍ଷୟିତ୍ରୀ ଦମୟନ୍ତୀ ପାଣିଗ୍ରାହୀ, ଉଷାରାଣୀ ବେହେରା, ସୌଭାଗ୍ୟ ମଞ୍ଜରୀ ପରିଡ଼ା, ମିନତୀଲତା ରାଉତ, ସସ୍ମିତା ପତି, ସବିତାରାଣୀ ଦାସ, ନିରୁପମା ପାଣିଗ୍ରାହୀ, ପ୍ରଭାତୀ ପତି, ସାବିତ୍ରୀ ମାଝୀ, ସେବିକା ରେବତୀ ବାରିକ, ଖୁସି ପତି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପରିଚାଳନା କମିଟିର ସମ୍ପାଦକ ପ୍ରକାଶ ସାହୁ, ରବୀନ୍ଦ୍ର ରାଉତ, ରବି ନାରାୟଣ ନାୟକ, ମହେଶ ସାହୁ, ସନାତନ ସେଠୀ, ଷ୍ଟିୟରିଂ କମିଟିର ଉଦୟ ନାରାୟଣ ସାହୁ, ଆଶିଷ ସାହୁ, ଶରତ ରାଉଳ, ସୁରେଶ ବିଶ୍ୱାଳ, ବିଜୟ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ଶୁଭେନ୍ଦୁ ବିଶ୍ୱାଳ, ଉତ୍ତମ କୁମାର ଦାସ, ରବୀନ୍ଦ୍ର ରାଉତ, ପୁରାତନ ଛାତ୍ର ସଂସଦ ସମ୍ପାଦକ ସତ୍ୟ ରଞ୍ଜନ ସାହୁ, ସଭ୍ୟ ସଚୀନ ସାହୁ, ଆଲୋକ ପତି, ହିମାଂଶୁ ସାହୁ ପ୍ରମୁଖଙ୍କ ସହ ପରିଚାଳନା କମିଟି ଏବଂ ଷ୍ଟିୟରିଂ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଆଜିଠାରୁ ଭଣ୍ଡାରିପୋଖରୀ ମହୋତ୍ସବ



**ଭଣ୍ଡାରିପୋଖରୀ/ବାରିକପୁର, ୨୨।୧ (ସମିସ):** ସ୍ଥାନୀୟ ଚନ୍ଦ୍ରଭାନପୁର ପଡ଼ିଆଠାରେ ବର୍ଣ୍ଣାଢ୍ୟ ରଙ୍ଗାରଙ୍ଗ ସନ୍ଧ୍ୟାରେ ଶୁକ୍ରବାର ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଘାଟନ ହେବ। ଏନେଇ ମହୋତ୍ସବ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ନିର୍ବାଚନମଣ୍ଡଳୀ ବିଜେପି ନେତା ଡ. ସୁଧାଂଶୁ ନାୟକଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥି ଯୋଗଦେବେ ବୋଲି କମିଟି ସମ୍ପାଦକ ଗୋଲଖ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ୨୩ ତାରିଖ ସରସ୍ୱତୀ ପୂଜାଠାରୁ ୨୫ ତାରିଖ ମାଘ ସପ୍ତମୀ ଯାଏଁ ମହୋତ୍ସବ ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗ ସମେତ ବାଲେଶ୍ୱର, ଭୁବନେଶ୍ୱର ତଥା ଓଡ଼ିଶାର କୋଣ ଅନୁକୋଣରୁ ଆସୁଥିବା କଳାକାରମାନଙ୍କ ଦ୍ୱାରା ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାଛଡ଼ା ସାହିତ୍ୟ ଆସର ସମେତ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ମଧ୍ୟ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆମ ମାଟିର ଗୌରବ ବହନ କରୁଥିବା ଭଣ୍ଡାରିପୋଖରୀ ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ପାଇଁ କମିଟି ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଲଳିତ ରାଉତ, ସଦସ୍ୟ ରଜନୀକାନ୍ତ ଚନ୍ଦ, ପବନ ନାୟକ, ସତ୍ୟାନନ୍ଦ ମହାପାତ୍ର, ପ୍ରଶାନ୍ତ ସାହୁ, ବିଜୟଶଙ୍କର ମହାନ୍ତି, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ସୁଶାନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ନାବାଳିକା ଅପହରଣ ଅଭିଯୋଗ

# ମାସେ ପରେ ବି ପୁଲିସ ହାତ ଖାଲି

**ତିହିଡ଼ି, ୨୨।୧(ସମିସ):** ପୀରହାଟ ଥାନା ପୁଣି ଚର୍ଚ୍ଚାରେ। ଏକ ମାସ ପୂର୍ବରୁ ଜନୈକା ନାବାଳିକା ଅପହରଣ ଅଭିଯୋଗ ହେଇଛି। ଏହି ଥାନା ଅଧୀନସ୍ଥ ଖଡ଼ିଜାଣ ଗାଁର ଜନୈକ ବ୍ୟକ୍ତି ଏପରି ଅଭିଯୋଗ କରିଛନ୍ତି। ତାଙ୍କର ନାବାଳିକା ଝିଅକୁ ଅପହରଣ କରାଯାଇଛି। ସେ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ଥାନାରେ ଏକ ମାମଲା ପଞ୍ଜୀକରଣ ହେଇଛି। ଅଥଚ ପୁଲିସ ଅଭିଯୁକ୍ତଙ୍କ ଟେର୍ ପାଇନି କି ନାବାଳିକାକୁ ଉଦ୍ଧାର କରିପାରିନାହିଁ। ଫଳରେ ନାବାଳିକାର ବାପାମାଆ ପୀରହାଟ ଥାନାକୁ ଅନେକ ବାର ଆସିଲେଣି। ପୁଲିସ ଖାଲି ତାରିଖ ଘୁଞ୍ଚାଇ ଚାଲିଥିବା ସେ କହିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ସହିତ ତାଙ୍କ ନାବାଳିକା ଝିଅକୁ ଉଦ୍ଧାର କରିବା ପାଇଁ ସେ ଦାବି କରିଛନ୍ତି। ନଚେତ୍ ବାପାମାଆ ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ ସାମ୍ନାରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରିଣୀ କହିଛନ୍ତି, ଉକ୍ତ ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବା ସହିତ ନାବାଳିକାକୁ ଉଦ୍ଧାର କରାଯିବ।

### ୩ ବର୍ଷରେ ଭଦ୍ରକ ଜିଲ୍ଲାରେ ଘଟିଛି ୨୦୩୯ ଦୁର୍ଘଟଣା

# ୪୭୫ଟି ଜୀବନ ଯାଇଛି, ୩୬୯ ଆହତ ହୋଇଛନ୍ତି

**ଭଦ୍ରକ, ୨୨।୧(ସମିସ):** ଭଦ୍ରକ ଜିଲ୍ଲାରେ ଗତ ୩ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩, ୨୦୨୪ ଓ ୨୦୨୫ ମସିହା ଜାନୁଆରୀରୁ ଡିସେମ୍ବର ମାସ ଶେଷ ସୁଦ୍ଧା ଘଟିଛି ୨୦୩୯ଟି ଛୋଟବଡ଼ ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ୪୭୫ ଜଣଙ୍କ ଜୀବନ ଯାଇଥିବାବେଳେ ଗୁରୁତର ଓ ଆହତ ହୋଇଛନ୍ତି ୩୬୯ ଜଣ। ତେବେ ଏସବୁ ଦୁର୍ଘଟଣା ଜିଲ୍ଲାର ୧୯ଟି ଥାନା ଅଞ୍ଚଳରେ ଘଟିଛି। ଏହି ଦୁର୍ଘଟଣା ୧୬ ନମ୍ବର ଜାତୀୟ ରାଜପଥ, ରାଜ୍ୟ ରାଜପଥରେ ବି ଘଟିଛି।



ସୂଚନାନୁଯାୟୀ, ୨୦୨୩ରେ ଜିଲ୍ଲାର ମୋଟ୍ ୭୩୧ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୧୬୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୯ ଜଣ ଗୁରୁତର ଭାବେ ଆହତ ହୋଇଥିଲେ ଓ ୨୧ ଜଣ ଆହତ ହୋଇଥିଲେ। ସେହିଭଳି ୨୦୨୪ରେ ଜିଲ୍ଲାରେ ୭୨୫ଟି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ୧୬୯ ଜଣଙ୍କ ପ୍ରାଣହାନୀ ହୋଇଥିଲା ଓ ୧୦୭ ଜଣ ଗୁରୁତର ଭାବେ ଆହତ ହୋଇଥିଲାବେଳେ ୧୮ ଜଣ ଆହତ ହୋଇଥିଲେ। ୨୦୨୫ ଡିସେମ୍ବର ମାସ ଶେଷ ସୁଦ୍ଧା ମୋଟ୍ ୫୩୮ଟି ଛୋଟବଡ଼ ଦୁର୍ଘଟଣା ଘଟି ୧୪୫ ଜଣଙ୍କ ଜୀବନ ଯାଇଥିବାବେଳେ ଗୁରୁତର ଭାବେ ୯୭ ଜଣ ଆହତ ହୋଇଥିଲେ ଏବଂ ୧୭ ଜଣ ସାମାନ୍ୟ ଆହତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଅନ୍ୟପକ୍ଷରେ ଏହି ୩ ବର୍ଷ ମଧ୍ୟରେ ମୋଟ୍ ୨୦୩୯ଟି ଦୁର୍ଘଟଣା ମଧ୍ୟରୁ ୪୫୦ଟି ଦୁର୍ଘଟଣାରେ ମୃତାହତ ହୋଇଥିଲେ। ସେହିଭଳି ଗତ ୩ ବର୍ଷରେ ଘଟିଥିବା ଦୁର୍ଘଟଣାରେ ୯ଟି ପଶୁ ସମ୍ପଦଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ଟି ପଶୁ ସମ୍ପଦ ଆହତ ହୋଇଥିବା ଜଣାଯାଇଛି।

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

**ଅସୁରାଳି, ୨୨।୧(ସମିସ):** ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କରକମଳରେ ଅନେକ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ଅର୍ଜୁନପୁର ପଞ୍ଚାୟତର ପବିତ୍ର ମନ୍ଦିର ଓ ଧର୍ମାନୁଷ୍ଠାନଗୁଡ଼ିକର ମରାମତି କାର୍ଯ୍ୟ ଆରମ୍ଭ କରିବା ସହ ଭକ୍ତମାନଙ୍କ ପାଇଁ ନୂତନ କମ୍ୟୁନିଟି ସେଣ୍ଟର ଓ ସାଂସ୍କୃତିକ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଛଡ଼ା ବାଲିପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ପାଚେରି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭାରମ୍ଭ ଭଳି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ସେହିପରି ଧୂଷୁରୀ ପଞ୍ଚାୟତରେ କଣ୍ଡିଆ ନାଳର ବାମପାର୍ଶ୍ୱ ନଦୀବନ୍ଧ ସୁରକ୍ଷା ପ୍ରାଚୀର ଓ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଏହା ଦ୍ୱାରା ବନ୍ୟା ଓ ଭୂ-କ୍ଷୟର ଭୟ ଦୂର ହେବ। ଚାଷୀ ଓ ଗ୍ରାମବାସୀଙ୍କ ଜୀବନଜୀବିକାର ସୁରକ୍ଷା ସୁନିଶ୍ଚିତ ହେବ। କୋଠାର ପଞ୍ଚାୟତରେ ୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହିତ ୮ଟି ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବ୍ଲକ ସଭାପତି ଅଶୋକ ପୁହାଣ, ବିଜେପି ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅର୍ଜୁନପୁର ସମିତିସଭ୍ୟ ବିଦ୍ୟାଧର ରାଉତ, ରୁଦ୍ର କିଶୋର ନାୟକ, ନିରୋଦ ବେହେରା, ଲଲାଟେନ୍ଦୁ ଗୋସ୍ୱାମୀ, ଦେବାନନ୍ଦ ହୋତା, ଫନି ଭୂଷଣ ମଲ୍ଲିକ, ସରକାରୀ ଉଚ୍ଚପଦସ୍ଥ ଅଧିକାରୀ ଓ ବରିଷ୍ଠ ଦଳୀୟ ନେତୃବୃନ୍ଦଙ୍କ ସହିତ ସ୍ଥାନୀୟ ଗୁରୁଜନ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ସମାନ ଭାବେ ଧାମନଗର ଦଇପୁରଠାରେ ଚନ୍ଦ୍ରପୁର-ବଡ଼ଦାଣ୍ଡ ପୋଲ ପର୍ଯ୍ୟନ୍ତ ୫ ନମ୍ବର କେନାଲ ବନ୍ଧ ରାସ୍ତା ଉନ୍ନତୀକରଣର ଶିଳାନ୍ୟାସ ଏବଂ ଜାଗୁଲାଇସାହି, କୁସୁମା, ନାରାୟଣପୁର ଏବଂ ତାଳସିଠା ଅଞ୍ଚଳରେ 'ରେବ' ନଦୀର ବାମପାର୍ଶ୍ୱ ନଦୀବନ୍ଧ ସୁଦୃଢ଼ୀକରଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।



# କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ବାରିକପୁର, ୨୨।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନ ଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁଧାକର ଦାସ, ସମ୍ମାନିତ ଅତିଥି ପରମେଶ୍ୱର ପରିଡ଼ା, ଚନ୍ଦ୍ରମଣି ଜେନା, ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁମା' ଦମୟନ୍ତୀ ବେହେରା ଅତିଥି ପରିଚୟ ପ୍ରଦାନ, ପ୍ରଦ୍ୟୁମ୍ନ ନାୟକ ସ୍ୱାଗତ ଭାଷଣ ଓ ଜ୍ୟୋତିରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଦୀପଙ୍କର ପରିଡ଼ା, ଶାରଦା ପ୍ରସାଦ ଜେନା ଓ ଛାତ୍ରୀ ଖୁସୁ ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଗୁରୁଜୀ ସନ୍ତୋଷ ପଣ୍ଡା, ସସ୍ମିତା ମହାନ୍ତି, ସବିତା ରାଉତ, କ୍ରିଷ୍ଣା ପରିଡ଼ା, ରୁବିରାଣୀ ଜେନା, ଶ୍ରଦ୍ଧାଞ୍ଜଳି ସେନାପତି, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# କବୟିତ୍ରୀ ରାଜଶ୍ରୀ ଓଝାଙ୍କୁ ସମ୍ବର୍ଦ୍ଧନା



**ବାରିକପୁର, ୨୨।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ କଲ୍ୟାଣପୁର ଗ୍ରାମର ରାଜଶ୍ରୀ ଓଝା ଶ୍ରେଷ୍ଠ କବୟିତ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କେଦାର ଭାରତୀ ସାହିତ୍ୟ ପତ୍ରିକା ପକ୍ଷରୁ ଯାଜପୁର ଜିଲ୍ଲା ଜାରକା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଷଷ୍ଠ ବାର୍ଷିକ ଉତ୍ସବ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସାହିତ୍ୟ ପତ୍ରିକା ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହି କବୟିତ୍ରୀ ରାଜଶ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ଖ୍ୟାତନାମା ଲେଖକ, କବି, କବୟିତ୍ରୀମାନେ ଯୋଗଦେଇଥିଲେ। ଏଠାରେ ସୂଚିତ ନୂତନ ପୀଢ଼ିର କବୟିତ୍ରୀ ଜଣକ ଦୁଇ ତିନି ବର୍ଷ ଧରି କଲମ ଚାଳନା କରୁଥିବାବେଳେ ତାଙ୍କର ଅନବଦ୍ୟ ସୃଷ୍ଟି ପାଇଁ ସେ ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

### ନିମ୍ନମାନର ସାମଗ୍ରୀରେ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କାମ

# ପୁରୁଣା କାନ୍ଥରେ ନୂଆ ଗେଟ୍; ଯନ୍ତ୍ରୀ ନିଖୋଜ

**ଦୋବଲ, ୨୨।୧(ସମିସ):** ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁରଠାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି ଓ ପ୍ରବେଶ ଗେଟ୍ ନିର୍ମାଣରେ ସରକାରୀ ନିୟମାବଳୀ ଓ ଆଇଆର୍‌ସି ଗାଇଡ୍‌ଲାଇନ୍‌କୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି। ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା ଏହି ପ୍ରକଳ୍ପରେ ନିମ୍ନମାନର କାମ କରି ସରକାରୀ ଅର୍ଥକୁ ହରିଲୁଟ୍ କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଏକ ସୁରକ୍ଷା ପାଚେରି ପାଇଁ ଅତିକମ୍‌ରେ ୨.୫ରୁ ୩ ଫୁଟ୍ ଗଭୀରର ଫାଉଣ୍ଡେସନ ଏବଂ ସେଥିରେ ଫାଉଣ୍ଡେସନ ବିମ୍ ରହିବା କଥା। ମାତ୍ର ଆନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରର ପଛପଟ ପାଚେରିରେ କୌଣସି ଫାଉଣ୍ଡେସନ ବିମ୍ ଦିଆଯାଇ ନାହିଁ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ମାନକ ଅନୁଯାୟୀ, କଂକ୍ରିଟ୍ ପାଇଁ ୨୦ଏମ୍ କିମ୍ବା ୨୫ଏମ୍ ଗ୍ରେଡ୍ ବ୍ୟବହାର ହେବା ଜରୁରୀ। କିନ୍ତୁ ଏଠାରେ ଅତି ନିମ୍ନମାନର ସିମେଣ୍ଟ, ବାଲି ଓ ଆଗ୍ରିଗେଟ୍ ବ୍ୟବହାର କରାଯାଇ ପିଲାର ଛିଡ଼ା କରାଯାଉଛି। ଠିକାଦାର କୌଣସି ନାମୀ କମ୍ପାନୀର ଛଡ଼ ବଦଳରେ ସ୍ଥାନୀୟ ନିମ୍ନମାନର ଛଡ଼ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ନିୟମ ଅନୁଯାୟୀ, ମୁଖ୍ୟ ଗେଟ୍ ପାଇଁ ଶକ୍ତିଶାଳୀ ଆର୍‌ସିସି ପିଲାର ଓ ନୂଆ ଭିତ୍ତିଭୂମି ଆବଶ୍ୟକ। ମାତ୍ର ଲାଭଖୋର୍ ମନୋଭାବ ରଖି ଠିକାଦାର ପୁରୁଣା ଦୁର୍ବଳ କାନ୍ଥ ଉପରେ ହିଁ ନୂଆ ଗେଟ୍ ଲଗାଇବାକୁ ଯୋଜନା କରିଛନ୍ତି, ଯାହାକି ଭବିଷ୍ୟତରେ ଏକ ବଡ଼ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ଏହି କାର୍ଯ୍ୟସ୍ଥଳକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆସୁନାହାନ୍ତି। ଫଳରେ ନିର୍ମାଣର ମାନ ଯାଞ୍ଚ କରିବାକୁ କେହି ନାହାନ୍ତି।

ଅଭିଯୋଗ ଅନୁସାରେ, ଜଣେ ସ୍ଥାନୀୟ କୁଜିନେତା ଏହି କାମକୁ ନିୟନ୍ତ୍ରଣ କରୁଥିବାରୁ ନିଜର ବ୍ୟକ୍ତିଗତ ଫାଇଦା ପାଇଁ ସେ କାର୍ଯ୍ୟର ମାନ ସହ ସାଲିସ୍ କରୁଛନ୍ତି। ନିୟମ ଅନୁସାରେ ପାଚେରି ନିର୍ମାଣ ଲାଗି ଅତିକମ୍‌ରେ ୩ ଫୁଟ୍ ଗଭୀରତା ଓ ସିମେଣ୍ଟ କଂକ୍ରିଟ ଫାଉଣ୍ଡେସନ ହେବା କଥା। ସେହିପରି ପାଚେରିର ମୋଟେଇ ୨୩୦ ମି.ମି. ରହିବା ଦରକାର। ୧୨ରୁ ୨୦ ମି.ମି. ମୋଟେଇର ପ୍ଲାଷ୍ଟର ସହ ୧୪ ଦିନର କ୍ୟୁରିଂ କରାଯିବା କଥା। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି କ୍ଷେତ୍ରରେ ଏହି ସବୁ ନିୟମ ଖୋଲାଖୋଲି ଉଲ୍ଲଂଘନ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଯଦି ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟକୁ ସୁଧାର କରା ନ ଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିଥିଲେ ବି ସେ କୌଣସି ଉତ୍ତର ଦେଇ ନ ଥିଲେ।

# ସ୍କୁଲ ପ୍ରତିଷ୍ଠାତାଙ୍କ ବିୟୋଗରେ ଶୋକ



**ବନ୍ତ/ଆଗରପଡ଼ା, ୨୨।୧(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ସିଲନ୍ଦି କାହ୍ନୁଚରଣ ବିଦ୍ୟାମନ୍ଦିରର ପୂର୍ବତନ ସମ୍ପାଦକ ସୂର୍ଯ୍ୟମଣି ପୃଷ୍ଟିଙ୍କର ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୌଭାଗ୍ୟ ଦାଶଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଝୁନୁବାଳା ନାୟକ, ସୁନିତା ଦାସ, ଶିକ୍ଷକ ସୁବାସ ଚନ୍ଦ୍ର ବେହେରା, ସିଦ୍ଧେଶ୍ୱର ପଣ୍ଡା, ଜୁନିୟର ଆସିଷ୍ଟାଣ୍ଟ ଉମେଶ ପ୍ରସାଦ କର, ଗଙ୍ଗାଧର ପାତ୍ର, ପଦ୍ମନାଭ ଯେନା, ହରମୋହନ କର ପ୍ରମୁଖ ଉପସ୍ଥିତ ରହି ଶୋକବ୍ୟକ୍ତ କରିଥିଲେ। ସେ ଜଣେ ନିଷ୍ଠାପର, ପରୋପକାରୀ ତଥା ସମାଜସେବୀ ଓ ଅନୁଷ୍ଠାନପ୍ରେମୀ ଥିଲେ ବୋଲି ଅଭିଭାଷଣ ଦେବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ମୋବାରକପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ଭଣ୍ଡାରିପୋଖରୀ, ୨୨।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପାଟୁଳୀ ପଞ୍ଚାୟତ ମୋବାରକପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ନରେନ୍ଦ୍ର ଯେନାଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ନମିତା ନାୟକ ମୁଖ୍ୟଅତିଥି, ଭଣ୍ଡାରିପୋଖରୀ କଲେଜ ପୂର୍ବତନ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ମୁଖ୍ୟବକ୍ତା, ଶିକ୍ଷା ସଂଯୋଜକ କ୍ଷୀରୋଦ କୁମାର ଜେନା ଓ ପୂର୍ବତନ ସଂଯୋଜକ କୈଳାସ ଚନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗ୍ରହଣ ସହ ଚରିତ୍ର ଗଠନ ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ଲିନା ପ୍ରିୟଦର୍ଶିନୀ ନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଶ୍ୱରଞ୍ଜନ ରଥ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ତୁଳସୀ ମଞ୍ଜରୀ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ପରିବେଶରୁ ହଜିଯିବାକୁ ବସିଛନ୍ତି କାଉ

# ସକାଳୁ ଆଉ ଶୁଭୁନି କା... କା...

**ବନ୍ତ/ଆଗରପଡ଼ା, ୨୨।୧(ସମିସ)**

ଦିନ ଥିଲା 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ' ଗୀତ ଶୁଣାଇ ମାଆ, ଜେଜେମା' ଓ ପରିବାରର ବୟସ୍କ ବ୍ୟକ୍ତି କୁନି କୁନି ପିଲାଙ୍କୁ ନିଦରୁ ଉଠାଉଥିଲେ। କାଉର କା... କା... ରାବରେ ସକାଳ ଆରମ୍ଭ ହେଉଥିଲା। କିନ୍ତୁ ସମୟଚକ୍ରରେ ଧୀରେ ଧୀରେ କାଉର ଏହି ରାବ ପରିବେଶରୁ ହଜିଯିବାକୁ ବସିଛି। କାଁ ଭାଁ ଦେଖିବାକୁ ମିଳୁଥିବା କାଉ ଆଗାମୀ ଦିନରେ କେବଳ ଚିଡ଼ିଆଖାନାରେ ଦେଖିବାକୁ ମିଳିବେ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଭାରତର ପରିବେଶ ଓ ପରମ୍ପରା ସହ କାଉର ଭାବ ବହୁ ପୁରୁଣା, ସେ ଉକ୍ତ ପରିବେଶ ସହିତ ସର୍ବଦା ଯୋଡ଼ି ହୋଇ ରହିଛି। ପକ୍ଷୀମାନଙ୍କ ମଧ୍ୟରେ କାଉକୁ ଅତ୍ୟନ୍ତ ଚତୁର ପକ୍ଷୀ ବୋଲି ବିବେଚନା କରାଯାଇଥାଏ। ଦକ୍ଷିଣ ମେରୁ, ଉତ୍ତର ମେରୁ, ଦକ୍ଷିଣ ଆମେରିକାର ଦକ୍ଷିଣ ଅଂଶ ଏବଂ ପ୍ରଶାନ୍ତ ମହାସାଗରର କେତେକ ଦ୍ୱୀପକୁ ଛାଡ଼ିଦେଲେ କାଉ ପ୍ରାୟ ଆଉ ସବୁଠି ଦେଖିବାକୁ ମିଳନ୍ତି। ପୃଥିବୀରେ ପ୍ରାୟ ୪୦ ପ୍ରଜାତିର କାଉ ଥିବାବେଳେ ଭାରତରେ ସାଧାରଣତଃ ଦୁଇଟି ପ୍ରଜାତିର କାଉ ଦେଖିବାକୁ ମିଳିଥା'ନ୍ତି। ଏହି ଦୁଇଟି ହେଲେ ଡାମରା କାଉ ଓ ପାତି କାଉ। ଡାମରା କାଉ ଅତି ଚିକ୍କଣ କଳା ହୋଇଥିବାବେଳେ ଏହାର ରାବ ଅତ୍ୟନ୍ତ କର୍କଶ ହୋଇଥାଏ। ଅପରପକ୍ଷରେ ପାତି କାଉ ବେକ ଟିକେ ପାଉଁଶିଆ। କାଉ ଏକ ସର୍ବଭକ୍ଷୀ ପକ୍ଷୀ ହୋଇଥିବାରୁ ସେ ଅଳିଆ ଆବର୍ଜନା ମଧ୍ୟ ଭକ୍ଷଣ କରିଥାଏ। ଯଦ୍ୱାରା ପରିବେଶ ସଫାସୁତରା ରହିବାରେ କାଉର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।



ଗୋଟିଏ ଗଛରେ ଶହଶହ ସଂଖ୍ୟାରେ କାଉ ବସା ବାନ୍ଧି ରହିଥା'ନ୍ତି। ସକାଳୁ ଏମାନେ ଖାଦ୍ୟ ଅନ୍ୱେଷଣରେ ଦଳ ଦଳ ହୋଇ ବାହାରି ଯାଆନ୍ତି ଏବଂ ସନ୍ଧ୍ୟା ବେଳକୁ ଦଳ ଦଳ ହୋଇ ବସାକୁ ଫେରିଆସନ୍ତି। ଖାଦ୍ୟ ପାଇଁ ଏମାନେ ପ୍ରାୟ ୩୦/୪୦ ମାଇଲ୍ ରାସ୍ତା ଅତିକ୍ରମ କରିଥା'ନ୍ତି। ଖାଲି ଏତିକି ନୁହେଁ, କାଉ ଏପରି ଏକ ପକ୍ଷୀ ଯିଏକି କୋଇଲି ଅଣ୍ଡାକୁ ଉଷୁମେଇବା, ଅଣ୍ଡାରୁ ଛୁଆ ଫୁଟିବା ଏବଂ ଛୁଆ ବଡ଼ ହେବା ପର୍ଯ୍ୟନ୍ତ ତା'ର ଦାୟିତ୍ୱ ନିର୍ବାହ କରିଥାଏ। ବର୍ତ୍ତମାନ ପରିବେଶ ପରିବର୍ତ୍ତନ ହେବାରେ ଲାଗିଛି। ଜଳବାୟୁର ପରିବର୍ତ୍ତନ ଯୋଗୁଁ କାଉଙ୍କ ବଂଶ ଲୋପ୍ ପାଇବାରେ ଲାଗିଛି। ଦିନକୁ ଦିନ କାଉର ଖାଦ୍ୟ ଓ ବାସସ୍ଥାନ କମିବା ସହ ପ୍ରଦୂଷିତ ପରିବେଶ ଯୋଗୁଁ ସେମାନେ ବିଭିନ୍ନ ଦୁରାରୋଗରେ ଆକ୍ରାନ୍ତ ହୋଇ ଲୋପ୍ ପାଇବାକୁ ବସିଛନ୍ତି। ଆଗରୁ ଯେଉଁ ପରିବେଶ ଥିଲା ବର୍ତ୍ତମାନ ତାହା ଆଉ ନାହିଁ। ଦିନକୁ ଦିନ ପ୍ରଦୂଷଣ ବଢ଼ିବାରେ ଲାଗିଛି। ତେଣୁ ଏହାର ପ୍ରଭାବରେ କାଉ ବଂଶ ଲୋପ୍ ହେବାକୁ ବସିଛି। ତେଣୁ ଏକ ସନ୍ତୁଳିତ ପରିବେଶ ସୃଷ୍ଟି କରିବାକୁ ହେଲେ ପ୍ରଦୂଷଣ କମାଇବା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରାଇବାର ଆବଶ୍ୟକତା ରହିଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ଏହିପରି କରାଯାଇ ପାରିଲେ କାଉ ପରି ଏକ ପକ୍ଷୀର ବଂଶ ଲୋପ୍ ପାଇବାରେ ରୋକ୍ ଲାଗିପାରନ୍ତା।

## ପାଲାକାର ସଂଘର ବାର୍ଷିକ ସମ୍ମିଳନୀ

**ଧର୍ମଶାଳା,୨୩।୧(ସମିସ):** ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ନାଳଦେଇପୁର ଶନିଶ୍ୱର ପାଠରେ ଜିଲ୍ଲା ଶାଖା ଶ୍ରୀସତ୍ୟନାରାୟଣ ପାଲାକାର ସଂଘର ଏକ ବିଂଶତମ ଦୁଇଦିନିଆ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦାଶରଥି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦଘାଟକ ଭାବେ ସଂଘର ସ୍ଥାୟୀ ସଭାପତି ବନଜ କୁମାର ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। ଭାରତଚନ୍ଦ୍ର ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ଆଚାର୍ଯ୍ୟ, ଗୟାଧର ମହାପାତ୍ର, କେଶବ ଚନ୍ଦ୍ର ବେହେରା, ପଣ୍ଡିତ ବସନ୍ତ କୁମାର ସ୍ୱାଇଁ, ଦେବେନ୍ଦ୍ର କର, ଅଜୟ କୁମାର ଦାଶ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ଶୁଚିସ୍ମିତା ଦାସ ଓ ସଙ୍ଗୀତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସଂଘର ଉପସଭାପତି ପରମାନନ୍ଦ ଘଡେଇ ମଙ୍ଗଳା ଚରଣ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ରବି ନାରାୟଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର କର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପରିବେଶ ସୁରକ୍ଷା ସଚେତନତା



**ବରୀ,୨୩।୧(ସମିସ):** ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଅନୁକୂଲ୍ୟରେ ଜାତୀୟ ସେବା ଯୋଜନାର ଦିଗଦର୍ଶନ କାର୍ଯ୍ୟକ୍ରମ ଓ ପରିବେଶ ସୁରକ୍ଷା ସଚେତନତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ରାଜ୍ୟ ସଂଯୋଜକ ଡ. ବିଶ୍ୱମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଜାତୀୟ ସେବାଯୋଜନାର ସ୍ୱେଚ୍ଛାସେବୀ ଭାବରେ ଅଂଶଗ୍ରହଣ କରି ପାଠପଢ଼ା ସହିତ ସମାଜର ବିଭିନ୍ନ ଜନହିତକର କାର୍ଯ୍ୟରେ କିଭଳି ସମୟଯୋଗକାର କରି ନିଜର ବ୍ୟକ୍ତିତ୍ୱର ବିକାଶ କରିବା ସହିତ ପରିବେଶ ଯେଉଁଭଳି ଆମମାନଙ୍କର ଉପକାରରେ ଆସୁଛି ଆମେ ମଧ୍ୟ ପରିବେଶକୁ କିଭଳି ସୁରକ୍ଷିତ ରଖିବା ତାହା ଉପରେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସରୋଜିନୀ ପୃଷ୍ଟି, ଅଧ୍ୟାପକ ଅଜିତ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ନିମାଇଁ ଚରଣ ଲେଙ୍କା, ଅଧ୍ୟାପକ ବିକାଶ ଚନ୍ଦ୍ର ସାହୁ, ଅଧ୍ୟାପିକା ଶୁଭଶ୍ରୀ ଦାଶ, ଅଧ୍ୟାପକ ତନ୍ମୟସିଂ ନାୟକ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷା ବିଭାଗର ଅଧ୍ୟାପିକା ଶୁଭଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଦୀପ କୁମାର ମୁଦୁଲୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା।

## ୧୬ ତମ ଜାତୀୟ ମତଦାତା ଦିବସ



**ଯାଜପୁର,୨୩।୧(ସମିସ):** ଗଣତନ୍ତ୍ରର ମୂଳ ଆଧାର ଭୋଟ ଅଧିକାର ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ୧୬ତମ ଜାତୀୟ ମତଦାତା ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ସମସ୍ତ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଗଣତନ୍ତ୍ର ପ୍ରତି ନିଷ୍ଠା, ସ୍ୱଚ୍ଛ ଓ ନିର୍ଭୟ ମତଦାନ, ଏବଂ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାଗିଦାରୀ ସମ୍ପର୍କିତ ଶପଥ ପାଠ କରାଇଥିଲେ। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶିବାନନ୍ଦ ସ୍ୱାଇଁ, ଉପ ଜିଲ୍ଲାପାଳ, ତାପସ ରଞ୍ଜନ ଦେହୁରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଗଣତନ୍ତ୍ର ସୁଦୃଢ଼ତା ପ୍ରତି ନିଜ ଅଙ୍ଗୀକାର ପୁନଃବ୍ୟକ୍ତ କରିଥିଲେ। ଏହି ଦିବସ ପାଳନ ମାଧ୍ୟମରେ ମତଦାନ ସଚେତନତା ବୃଦ୍ଧି ସହ ଏକ ସକ୍ରିୟ, ସମାବେଶୀ ଓ ସୁଦୃଢ଼ ଗଣତନ୍ତ୍ର ଗଢ଼ି ତୋଳିବା ପାଇଁ ସମସ୍ତଙ୍କୁ ପ୍ରେରଣା ମିଳିଥିଲା।

# ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ସଚେତନତା







**ଯାଜପୁର,୨୩।୧(ସମିସ):** ରାଜ୍ୟ ସରକାରଙ୍କର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଓ ଯାଜପୁର ଜିଲ୍ଲାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ, ଜିଲ୍ଲାପରିବେଶ ସମିତି ଅନୁକୂଲ୍ୟରେ ପାଣିକୋଇଲି କେନାଲ ପାଖର ମା' ନେକୁସୁଣୀ ପାଠରେ ଓ ଧର୍ମଶାଳା ବ୍ଲକର ଗୋକର୍ଣ୍ଣେଶ୍ୱର ପାଠରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିବେଶ ସମିତିର ସମ୍ପାଦକ ଡ. ଶରତ କୁମାର ସାହୁ ଓ ଉପସ୍ଥମାନେ, ସଚେତନ ନାଗରିକ ମଞ୍ଚ ବେତା ମଧୁପୁରର ସମ୍ପାଦକ ଅର୍ଜୁନ ଚରଣ ସାହୁ ଓ ଅନ୍ୟାନ୍ୟ ସଭ୍ୟ ଆପାଉରୁ ନାୟକ, ଶିବପ୍ରସାଦ ପଣ୍ଡା, ଜାରକା ଉଚ୍ଚ ବିଦ୍ୟା ଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା, ସାଗର କୁମାର ଭୋଇ ଓ ଉକ୍ତ ବିଦ୍ୟାଳୟର ଇକୋ କ୍ଲବ ଛାତ୍ରଛାତ୍ରୀ, ଧର୍ମଶାଳା ବାଣୀପାଠର ଶିକ୍ଷକ ଅମରେଶ କୁମାର ସାହୁ ଓ ଇକୋ କ୍ଲବ ଛାତ୍ରଛାତ୍ରୀ ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବ ଛାତ୍ରଛାତ୍ରୀ, ଇକୋ କ୍ଲବ ଶିକ୍ଷକ ସେକ୍ ସାମସୁଦ୍ଦିନ, ଜାରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ନାରାୟଣ ନନ୍ଦ ପ୍ରମୁଖ ଶୋଭାଯାତ୍ରାରେ ବାହାରି ପର୍ଯ୍ୟଟକ ଓ ବଣଭୋଜି ଆୟୋଜକମାନଙ୍କୁ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ସଚେତନ କରିଥିଲେ। ସଚେତନ କରିବା ସହିତ ଉକ୍ତ ଦୁଇଟି ପିକନିକ ସ୍ଥଳରୁ କିଛି ଏକକ ବ୍ୟବହୃତ ପ୍ଲାଷ୍ଟିକ ସଫା କରିଥିଲେ। ଏହାସହିତ ଇକୋ କ୍ଲବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉକ୍ତ ପ୍ରସଙ୍ଗ ସମ୍ପର୍କିତ ତର୍କ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ବରୀ:** ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ରତ୍ନଗିରିଠାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପରିବେଶ ସମିତି ଆନୁକୂଲ୍ୟରେ ପ୍ଲାଷ୍ଟିକ୍ ମୁକ୍ତ ବଣଭୋଜି ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିକଟବର୍ତ୍ତୀ ଅଣ୍ଡାବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୁଳ, ମହେଶ୍ୱରମୟ ଉଚ୍ଚ ବିଦ୍ୟାଳୟ, ଶୁକଳ, ପଞ୍ଚାୟତହାଇ ସ୍କୁଲ, ରାମପୁର, ସାଧୁଚରଣ ବିଦ୍ୟାପାଠ, ପଣ୍ଡସୁଆପଲ ଇକୋ କ୍ଲବରେ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବ୍ୟାନର, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସ୍ଥାନୀୟ ବାସିନ୍ଦା ଓ ବଣଭୋଜି କରିବାକୁ ଆସିଥିବା ଭ୍ରମଣକାରୀ ଓ ଅନ୍ୟ ଦେଶରୁ ଆସିଥିବା ବୌଦ୍ଧ ସନ୍ୟାସୀ ମାନଙ୍କ ମଧ୍ୟରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ସଚେତନତା ସୃଷ୍ଟି କରିଥିଲେ। ପ୍ଲାଷ୍ଟିକ ବ୍ୟବହାର ବନ୍ଦକରିବା ଓ ଅନ୍ୟମାନଙ୍କୁ ବ୍ୟବହାର ନ କରାଇବାକୁ ପ୍ରବର୍ତ୍ତାଇବା ପାଇଁ ଶପଥପାଠ କରିଥିଲେ। ସଂଗୀତ ଗାନ କରି ସଚେତନତା ସୃଷ୍ଟି କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ପାଇଁ ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାପରିବେଶ ସମିତିର ସଂପାଦକ ଡଃ ଶରତ କୁମାର ସାହୁ, ଶିକ୍ଷାଶ୍ରମର ଆଜୀବନ ସେବକ ଡଃ ନୃସିଂହ ଚରଣ ବେହେରା, ପ୍ରଧାନଶିକ୍ଷକ ସୌଭାଗ୍ୟ କୁମାର ଜେନା, ଉମାକାନ୍ତ ଦାସ, ଦୁର୍ଯ୍ୟୋଧନ ଓଝା, ଅଜୟ କୁମାର ଜେନା, ଦୁର୍ଯ୍ୟୋଧନ ଜେନା, ଶୈଳବାଳା ଜେନା, ଅହଲ୍ୟା ଦାସ, ସ୍ମିତାରାଣୀ ସାହୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷିକା ମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମଣ୍ଡିରେ ଧାନ ବିକ୍ରୟ ସମସ୍ୟାକୁ ନେଇ ଦାବିପତ୍ର



**ଯାଜପୁର,୨୩।୧(ସମିସ):** ଜରି ଅଖା ପରିବର୍ତ୍ତେ ଝୋଟ ଅଖାରେ ଧାନ ମଣ୍ଡିକୁ ଆଣିବାକୁ ନେଇ ସମସ୍ୟା ଦେଖା ଦେଇଥିବାରୁ ନବଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ଗୁରୁବାର କେତେକ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଧାନ ଅଦ୍ୟାବଧି ମଣ୍ଡିରେ ପହଞ୍ଚି ନଥିବା ବେଳେ ମିଲର ଝୋଟ ଅଖାରେ ଧାନ ଆଣିବାକୁ ତାଗିଦ୍ କରୁଛନ୍ତି। ଯାହାକୁ ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚାଷୀ ଜରି ବସ୍ତାରେ ଧାନ ପୁରାଇ ସାରିଥିବା ବେଳେ ଏବେ ଝୋଟ ଅଖା କେଉଁଠୁ ଆଣିବେ ତାକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ବଜାରରେ ଝୋଟ ଅଖା ମିଳୁନଥିବା ବେଳେ ଯେଉଁ କେତୋଟି ଦୋକାନରେ ଝୋଟ ଅଖା ମିଳୁଛି ତାହାର ଦାମ୍ ୩୦ ଟଙ୍କା ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଧାନକୁ କଟନୀ ଛଟନୀ କରିବାର ନିୟମ ନଥିବା ବେଳେ ମିଲର ଜୋର ଜବରଦସ୍ତ କଟନି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ନବ ଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ସ୍ମୃତି ରଞ୍ଜନ ରାଉତରାୟ, ଅଭିନାଶ ପାତ୍ର, ଦୀନକୃଷ୍ଣ ରାଉତରାୟ, ଗୟାଧର ଦ୍ୱିବେଦୀ, ଭାଗବତ ରାଉତ, ରାଜା ଗେଡ଼ୀ, ସଞ୍ଜୟ କୁମାର ସେଠୀ ସମେତ କେତେକ ଚାଷୀ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ଯୁଧିଷ୍ଠିର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ବିଞ୍ଝାରପୁର ବ୍ଲକ ଅରେଇ ସେବା ସମବାୟ ସମିତି ଅଧିନ ଅରେଇ, ଘଣ୍ଟିଆଳୀ, ଚିକଣା, ଗୁହାଳୀ ସମେତ ବିଭିନ୍ନ ଅଞ୍ଚଳର ଚାଷୀ ଓ କୃଷକ ନେତାମାନେ ସମାନ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଞ୍ଝାରପୁରରେ ମିଲର ୭ଧ କଟନିଛଟନି ସହ ଝୋଟ ଅଖାରେ ଧାନ ନେବା ପାଇଁ ଜିଦ୍ ଧରି ଥିବାରୁ ଏ ଯାଏ ମଣ୍ଡିରୁ ଧାନ ଉଠି ନଥିବା ବେଳେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୃଷକ ନେତା ସରୋଜ କୁମାର ସାମଲଙ୍କ ନେତୃତ୍ୱରେ ସୂର୍ଯ୍ୟକାନ୍ତ ଦାସ, ଉପେନ୍ଦ୍ର ସାମଲ ସମେତ ବହୁ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ କରିବା ସହିତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

**● ଫେବୃଆରୀ ୪ରେ ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତ**

## ମା' ବିରଜାଙ୍କ ଦର୍ଶନ କରିବେ

**ଯାଜପୁର,୨୩।୧(ସମିସ):** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ମାସରେ ପାଞ୍ଚ ଦିନିଆ ଓଡ଼ିଶା ଗସ୍ତରେ ଆସିବା ନେଇ ସୂଚନା ମିଳିଛି। ସେଥିମଧ୍ୟରୁ ଫେବୃଆରୀ ୪ ତାରିଖରେ ଯାଜପୁର ଜିଲ୍ଲା ଗସ୍ତ କରିବେ। ଏଥିପାଇଁ ଜିଲା ପ୍ରଶାସନ, ପୁଲିସ ପ୍ରଶାସନ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି। ରାଷ୍ଟ୍ରପତି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବା ସହିତ ନାଭିଗୟାରେ ପିଣ୍ଡ ପକାଇବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି। ତେବେ ପ୍ରଥମଥର ପାଇଁ କୌଣସି ରାଷ୍ଟ୍ରପତି ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଏହି ଖବର ଜଣାପଡ଼ିବା ପରେ ଯାଜପୁର ଜିଲାରେ ଏକ ଖୁସିର ଲହରି ଖେଳିଯାଇଛି। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି।

## ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

**ଯାଜପୁର,୨୩।୧(ସମିସ):** ବାଇକ୍ ଚୋରି ଅଭିଯୋଗରେ ଯାଜପୁର ଟାଉନ ପୁଲିସ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଷୋଣ୍ଡପୁର ଗ୍ରାମର ବିଜୟ କୁମାର ଦାସଙ୍କ ପୁଅ ରାଜା ଓରଫ ବିକ୍ରମ ଦାସ(୨୫)କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାର ବିବରଣୀରୁ ପ୍ରକାଶ ଗତ ୧୨ ତାରିଖରେ ଧର୍ମଶାଳା ଅଞ୍ଚଳର ସନ୍ତୋଷ କୁମାର ମଲ୍ଲିକ ପତ୍ନୀଙ୍କ ଦେହ ଅସୁସ୍ଥ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆସିଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ବାଇକଟିକୁ ମେଡ଼ିକାଲ ପରିସରରୁ ଚୋରି ନେଇ ଯାଇଥିଲେ। ଏ ନେଇ ସନ୍ତୋଷ ଗତ ୨୧ ତାରିଖ ବୁଧବାର ଦିନ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନଂ.୩୧/୨୬, ଦଫା ୩୦୩(୨) ବିଏନ୍ଏସ୍‌ରେ ଏକ ମାମଲା ରୁଜୁ କରି ଏସ୍ଆଇ ମହେନ୍ଦ୍ର କୁମାର ସେଠୀ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗୁରୁବାର ଅଭିଯୁକ୍ତ ରାଜା ଓରଫ ବିକ୍ରମ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରର ମେଧାବୀ ବୃତ୍ତି ସଫଳତା

**ବ୍ୟାସନଗର,୨୩।୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ୟାସନଗର ପ୍ରତ୍ୟେକ ବର୍ଷ ତୃତୀୟ, ପଞ୍ଚମ, ଓ ନବମ ଶ୍ରେଣୀର ମେଧାବୀ ବୃତ୍ତି ପରୀକ୍ଷାରେ କ୍ରମାଗତ ଭାବେ ସଫଳତା ହାସଲ କରି ଆସୁଅଛି। ଛାତ୍ରଛାତ୍ରୀଙ୍କର ନିଷ୍ଠା, ପରିଶ୍ରମ ଓ ଗୁରୁଜୀ, ଗୁରୁମା ମାନଙ୍କର ସଠିକ ମାର୍ଗଦର୍ଶନ ଫଳରେ ଏହା ସମ୍ଭବ ହେଉଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁକ୍ତ ରଜତ କୁମାର ରାଉତ ସଫଳ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ଉନ୍ନତି କରିବାକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଉପଲବ୍ଧି ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ପ୍ରତି ଅଧିକ ଉତ୍ସାହିତ କରିବ ବୋଲି ଶିକ୍ଷାନୁରାଗୀ ମାନେ ଆଶା ପ୍ରକାଶ କରିଛନ୍ତି। ଶିକ୍ଷାବର୍ଷ ୨୦୨୪-୨୫ର ତୃତୀୟ ଶ୍ରେଣୀ ବୃତ୍ତିରେ ପ୍ରଥମ ସ୍ଥାନ ସାଇପ୍ରକାଶ ସାହୁ, ପଞ୍ଚମ ସ୍ଥାନ ସଞ୍ଜନ ଅତୁଲ ଜେନା ଓ ଷଷ୍ଠ ସ୍ଥାନ ନିହାରିକା ବେହେରା ଅଧିକାର କରିଛନ୍ତି। ପଞ୍ଚମ ଶ୍ରେଣୀ ବୃତ୍ତିରେ ସାହିଲ କୁମାର ସାହୁ ପ୍ରଥମ ସ୍ଥାନ, ପ୍ରିୟାଂଶୁ ସାହୁ ତୃତୀୟ ସ୍ଥାନ ଓ ପ୍ରତିଭା ସ୍ୱାଇଁ ପଞ୍ଚମ ସ୍ଥାନରେ ସଫଳ ହୋଇଛନ୍ତି। ୨୦୨୩-୨୪ ଶିକ୍ଷା ବର୍ଷରେ ଆଦିତ୍ୟ ମହାପାତ୍ର ଓ ଅଲକ ନନ୍ଦା ସାହୁ(ଷଷ୍ଠ ଶ୍ରେଣୀ), ୨୦୨୩-୨୪ ଶିକ୍ଷା ବର୍ଷରେ ନବମ ଶ୍ରେଣୀ ର ଛାତ୍ରୀ ଶୁଭଶ୍ରୀ ବେହେରା ଓ ସୁଶ୍ରୀ ସଂଗୀତା ସାହୁ ଏବଂ ୨୦୨୪-୨୫ ଶିକ୍ଷା ବର୍ଷରେ ନବମ ଶ୍ରେଣୀ ର ରୁଦ୍ରପ୍ରତାପ ସାହୁ,ପ୍ରୀତିନନ୍ଦା ପୃଷ୍ଟି, ଶାଶ୍ୱତୀ ସ୍ୱାଇଁ ଓ ଆୟୁଷ କୁମାର ସାହୁ ପଠାଣି ସାମନ୍ତ ମେଧା ବୃତ୍ତି ଅର୍ଜନ କରି ବିଦ୍ୟାଳୟର ତଥା ସ୍ଥାନୀୟ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି।

## ତାରିଣୀ ଯଜ୍ଞ ଉଦ୍‌ଯାପିତ



**ପାଣିକୋଇଲି,୨୨।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତସ୍ଥିତ କ୍ଷରୋ ସରସଦା ଗ୍ରାମରେ ମା' ତାରିଣୀ ଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ପାଳିତ ହୋଇଥିବା ବେଳେ କମିଟିର ମୁଖ୍ୟ ରାଧାକାନ୍ତ ବେହେରା, ହେମନ୍ତ ନାୟକ, ସଞ୍ଜୀବ ନାୟକ, ଭାସ୍କର ବେହେରା, ଶ୍ୟାମ ସୁନ୍ଦର ବାଣ୍ଡ, ଶ୍ରୀକାନ୍ତ ବାଣ୍ଡ, ବାବାଜୀ ମହାରଣା, ଲମ୍ବୋଦର ନାୟକ, ଗଣେଶ ଦାସ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଗ୍ରାମାବସୀଙ୍କ ସହଯୋଗରେ କାର୍ଯ୍ୟଭାର ତୁଲାଇଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟେଜନ କରାଯାଇଥିଲା। ଶେଷରେ ଅପେରା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଉଦଯାପନୀ ସଭା ଓ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ଯୁବନେତା ପ୍ରକାଶ ଧଳ, ପୂର୍ଣ୍ଣଚନ୍ଦ୍ର ଦାସ, ଯୁବ ସମ୍ବାଦିକ ପ୍ରଦୀପ ମାଝୀ, ତୁଷାର ବେଉରା, ଭାସ୍କର ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ଧର୍ମଶାଳା ଓ ରଶୁଲପୁର ବ୍ଲକ କଂଗ୍ରେସ ସଭାପତି

**ଧର୍ମଶାଳା/କୁଆଖିଆ,୨୩।୧(ସମିସ):** ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ନୂତନ ସଭାପତିମାନଙ୍କ ନାମକୁ ଆଜି ଜିଲ୍ଲା ସଭାପତି ଘୋଷଣା କରିଛନ୍ତି। ଏଥିରେ ଧର୍ମଶାଳା ବ୍ଲକରୁ ସଞ୍ଜୟ କୁମାର ରାଉତ ଓ ରଶୁଲପୁର ବ୍ଲକରୁ ମିହିର ମିଶ୍ରଙ୍କ ନାମ ଘୋଷଣା କରାଯାଇଛି। ସଞ୍ଜୟ ରାଉତ ବିଗତ ଦିନରେ ଧର୍ମଶାଳା ବ୍ଲକ ଯୁବ ସଭାପତି ଭାବରେ କାର୍ଯ୍ୟକରି ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜବୁତ କରିବାରେ ସକ୍ଷମ ହୋଇପାରିଛନ୍ତି। ମିହିର ମିଶ୍ର ବିଗତ ଦିନରେ ବଡକଇଁଚି ସରପଞ୍ଚ ଭାବେ ଏବଂ ରସୁଲପୁର ବ୍ଲକ କଂଗ୍ରେସ କମିଟି ସଭାପତି ଭାବରେ କାର୍ଯ୍ୟକରିଆସିଛନ୍ତି।

## ଶିକ୍ଷାବିତଙ୍କ ସ୍ମୃତିଚାରଣ ସଭା

**ସିଂହପୁର,୨୩।୧(ସମିସ):** ନିଖିଳ ଉତ୍କଳ ପ୍ରାଥମିକ ସଂଘର ପୂର୍ବତନ ମହାସଚିବ ସଚ୍ଚିଦାନନ୍ଦ ରାଉତଙ୍କ ଦେହାନ୍ତରେ ସିଂହପୁରଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିରଞ୍ଜନ ଦାସ, ଅକ୍ଷୟ କୁମାର ସାମଲ, ମେଘନାଥ ମହାଲିକ, ଶରତ ଚନ୍ଦ୍ର ମିଶ୍ର, କୁଶଚନ୍ଦ୍ର ସାମଲ, ଅମିୟ କୁମାର ବିଶ୍ୱାଳ, ଅଭୟ କୁମାର ବିଶ୍ୱାଳ, ଅମ୍ବୁଜ କୁମାର ଦାସ, ଚନ୍ଦ୍ରଶେଖର ନାୟକ, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

## ଫାଇଲେରିଆ ନିରାକରଣ ସମନ୍ୱୟ ବୈଠକ

**ଯାଜପୁର,୨୩।୧(ସମିସ):** ଫାଇଲେରିଆ ରୋଗ ନିରାକରଣ ପାଇଁ ଦ୍ୱିତୀୟ ଜିଲ୍ଲା ସମନ୍ୱୟ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରାରମ୍ଭିକ ସ୍ୱାଗତ ଭାଷଣ କରିଥିଲେ। ପରେ ଡା. ରଶ୍ମିରଞ୍ଜନ ସାହୁ ଏହି ବୈଠକର ଉଦ୍ଦେଶ୍ୟ ଏବଂ ଜିଲ୍ଲାରୁ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କ୍ଷେତ୍ରୀୟ ସମ୍ପାଦକ ଡା. ନିଶିଥ ରଞ୍ଜନ ପାଢ଼ୀ ପାୱାର ପଏଣ୍ଟ ଜରିଆରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାର ରସୁଲପୁର ବ୍ଲକରେ ଫାଇଲେରିଆ ରୋଗ ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ୧୦ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଘରକୁ ଘର ବୁଲି ଏହି ଔଷଧ ସେବନ କରାଇବେ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ୬୬୬ ଜଣ ତାଲିମ ପ୍ରାପ୍ତ ଔଷଧ ସେବନକାରୀ ୬୬ ଜଣ ପରିଦର୍ଶକ ଏବଂ ୫ ଗୋଟି ତୁରନ୍ତ ସେବା ପ୍ରଦାନକାରୀ ଟିମ୍‌କୁ ନିୟୋଜିତ କରାଯାଇଛି। ରସୁଲପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସମସ୍ତ ସରପଞ୍ଚମାନଙ୍କୁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ମଧ୍ୟ ସଚେତନ କରାଯାଇଛି। ଜିଲ୍ଲାପାଳ ଶ୍ରୀ କର ଏହି କାର୍ଯ୍ୟକ୍ରମକୁ ଯେପରି ସଫଳ ରୂପାୟନ ହେବ ସେଥିପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ, ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ବରିଷ୍ଠ ଅଧିକାରୀଗଣ ଅଂଶଗ୍ରହଣ କରି ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ଶେଷରେ ବଳଦେବ ନନ୍ଦ, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା,୨୩।୧(ସମିସ):** କଳିଙ୍ଗନଗର ଥାନା ଡୁବୁରୀ କପିଳେଶ୍ୱର ପେଟ୍ରୋଲ ପମ୍ପ ନିକଟରେ ଏକ ବାଇକ ଦୁର୍ଘଟଣାରେ ଧିରଜ ଲାଗୁରୀ(୩୫)ନାମକ ଯୁବକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଆହତ ଯୁବକ ଦାନଗଦି ବ୍ଲକ ଅନ୍ତର୍ଗତ ନଡ଼ିଆଭଙ୍ଗା ଗ୍ରାମ ପଞ୍ଚାୟତ ଜାମୁପଶି ଗ୍ରାମ ଧିରଜ ଲାଗୁରୀ। ଧୀରଜ ଗୁରୁବାର ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ଧିରଜ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସୂଚନା ପାଇ କଳିଙ୍ଗନଗର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଧିରଜକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ଭୋଜି ଭାତରେ ସରିଲା ଜଳ ବିଭାଜିକ ପ୍ରକଳ୍ପ ମହୋତ୍ସବ

**କବାଟବନ୍ଧ,୨୨।୧(ସମିସ):** ବ୍ୟାପକ ଦୁର୍ନୀତିରେ ବୁଡ଼ି ରହିଥିବା ଧର୍ମଶାଳା ଜଳ ବିଭାଜିକା ପ୍ରକଳ୍ପର ଏକ ମହୋତ୍ସବ ହିତାଧିକାରୀଙ୍କ ଅଜାଣତରେ ଏବଂ ଅନୁପସ୍ଥିତରେ କେବଳ କେତେ ଜଣ ମୁଷ୍ଟିମେୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ସମ୍ପନ୍ନ ହୋଇଛି। ନୂଆବର୍ଷର ଭୋଜିଭାତ ଭଳି ଏହି ମହୋତ୍ସବ ଜଳ ବିଭାଜିକା ପ୍ରକଳ୍ପର ଅଧିକାରୀମାନେ ପାଳନ କରିଥିବା ଦେଖିବାକୁ ମିଳିଛି। ଧର୍ମଶାଳାରେ ଜଳ ବିଭାଜିକା କାର୍ଯ୍ୟର ସ୍ଥିତି ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ବିଭାଗୀୟ ଅଧିକାରୀମାନେ ଜଳ ବିଭାଜିକା ଅର୍ଥକୁ କାଗଜପତ୍ର କରି ବଣ୍ଟା ବଣ୍ଟି କରିବା ସହ ଭୋଜିଭାତରେ ଖର୍ଚ୍ଚ କରୁଥିବା ଦେଖିବାକୁ ମିଳୁଛି। ଜଳ ବିଭାଜିକାର ମୁଖ୍ୟ ଲକ୍ଷ ଚାଷୀଙ୍କ ପାଇଁ ଜଳ ଅମଳ ପ୍ରକଳ୍ପ ତିଆରି କରିବା। ମାତ୍ର ଅଧିକାରୀମାନେ ଏହାକୁ ନକରି ସିଂହ ଭାଗ ଅର୍ଥକୁ ନିଜ ଅନ୍ୟାନ୍ୟ ଉପାୟରେ ଖର୍ଚ୍ଚ କରୁଥିବା ଦେଖିବାକୁ ମିଳୁଛି। ଏପରି ପରିସ୍ଥିତିରେ ଚାଷୀମାନଙ୍କୁ ନ ଜଣାଇ କାହାକୁ ସଚେତନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନେ ମଙ୍ଗଳବାର ଚକ୍ରଧରପୁର ପଞ୍ଚାୟତର କୁସୁନପୁର ଠାରେ ଏକତ୍ରିତ ହୋଇଥିଲେ। କେହି କେହି ଏହାକୁ ନୂଆ ବର୍ଷର ଭୋଜି ଆଖ୍ୟା ଦେଉଥିବା ବେଳେ ସେଠାରେ ଉପସ୍ଥିତ ଥିବା ଅଧିକାରୀମାନେ କିନ୍ତୁ ସଚେତନତା ସଭା ବୋଲି ସଫେଇ ଦେଉଛନ୍ତି। ବାସ୍ତବରେ ସେଠାରେ କେହି ହିତାଧିକାରୀ ଉପସ୍ଥିତ ନ ଥିଲେ। ପୂର୍ବରୁ ମଧ୍ୟ କାହାକୁ ଏ ବିଷୟରେ ଜଣା ଯାଇ ନ ଥିଲା। ହଠାତ ଏଭଳି ଏକ ବୈଠକକୁ ସାଧାରଣରେ ଗ୍ରହଣ କରାଯାଇ ପାରୁନାହିଁ। ତେବେ ପ୍ରଶ୍ନ ଉଠୁଛି ଏଭଳି ମିଛ ସଚେତନତା ସଭା କରି ଜଳ ବିଭାଜିକା ପ୍ରକଳ୍ପ ଅର୍ଥକୁ ଖର୍ଚ୍ଚ କରି ବିଭାଗୀୟ ଅଧିକାରୀମାନେ ନିଜ ଦାୟିତ୍ୱ ସାରି ଦେବେ ନାହିଁ ତ ବୋଲି ପ୍ରଶ୍ନ ଉଠୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଧର୍ମଶାଳା ବ୍ଲକରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା-୨.୦ କାର୍ଯ୍ୟକାରୀ ସମୟରେ ବ୍ୟାପକ ଦୁର୍ନୀତି ପଦାକୁ ଆସିଥିଲା। ବିଭାଗୀୟ ତଦନ୍ତ ମଧ୍ୟ ହୋଇଥିଲା। ମାତ୍ର ଉକ୍ତ ତଦନ୍ତକୁ ସାମନା କରି ନ ପାରି ବିଭାଗୀୟ ଅଧିକାରୀ ମାନେ କରିଥିବା ଦୁର୍ନୀତିକୁ ଘୋଡ଼ାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଘୋଡ଼ାଇ ପାରିନାହାଁନ୍ତି। ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି ଭଳି ତାଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ଜଳ ଜଳ କରି ଦେଖାଯାଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏଥିରେ ସମାଜସେବୀ ମିନତୀ ସାହୁଙ୍କ ସହ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ କର୍ମଚାରୀ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ, ପ୍ରାଣୀ ଏବଂ ମତ୍ସ୍ୟ ସମ୍ପଦ ବିଭାଗ ଅଧିକାରିଣୀ, ସମେତ ଅନ୍ୟାନ୍ୟ କୃଷି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଏକ୍ସପାରି ପ୍ୟାକେଟ ଖାଦ୍ୟ ଖାଇ ଛାତ୍ର ଗୁରୁତର

**ଦଶରଥପୁର,୨୩।୧(ସମିସ):** ଜଣେ ନାବାଳକ ସ୍କୁଲ ଛାତ୍ର ଏକ୍ସପ୍ୟାରି ପ୍ୟାକେଟ ଭର୍ତ୍ତି ଖାଦ୍ୟ ଖାଇ ଗୁରୁତର ଅସୁସ୍ଥ ହୋଇପଡିଛି। ଜୈନିକ ବ୍ୟବସାୟୀ ଏକ୍ସପାରି ପ୍ୟାକେଟ ଖାଦ୍ୟ ବିକ୍ରି କରି ନାବାଳକ ଛାତ୍ରକୁ ଗୁରୁତର ଅସୁସ୍ଥ କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ ଅକରପଡା ଅଞ୍ଚଳରେ ଥିବା ଗୋପୀନାଥଜୀଉ ନୋଡାଲ ବିଦ୍ୟାଳୟର ୩ୟ ଶ୍ରେଣୀର ନାବାଳକ ଛାତ୍ର ରୁଦ୍ର ମଲ୍ଲିକ ଆଜି ଖେଳଛୁଟି ସମୟରେ ବିଦ୍ୟାଳୟ ନିକଟରେ ସ୍ଥାନୀୟ ଅଞ୍ଚଳର ତ୍ରିଲୋଚନ ମହାଲିକଙ୍କ ଦୋକାନରୁ ଏକ ପ୍ୟାକେଟ ଖାଦ୍ୟ କିଣି ଖାଇଥିଲେ। କିଛି ସମୟମଧ୍ୟରେ ଉକ୍ତ ନାବାଳକ ଛାତ୍ରର ପ୍ରବଳ ବାନ୍ତି ହେବା ସହିତ ସେ ଗୁରୁତର ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲା। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଖୋଳତାଡ଼ କରିବାରୁ ଛାତ୍ର ଜଣକ ଏକ୍ସପାରି ପ୍ୟାକେଟ ଭର୍ତ୍ତି ଖାଦ୍ୟ ଖାଇଥିବା ଜଣାପଡିଥିଲା। ଯାହାକୁ ନେଇ ସମ୍ପୃକ୍ତ ଦୋକାନ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରିବାର ଲୋକେ ଗୁରୁତର ଅସୁସ୍ଥ ନାବାଳକ ଛାତ୍ରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହିତ ଘଟଣା ସମ୍ପର୍କରେ ଦୋକାନୀ ଜ୍ୟୋତିରଞ୍ଜନଙ୍କ ବିରୁଦ୍ଧରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଉଡ଼ାବାଲି ଦ୍ୱୀପରେ ଉଡ଼ିଲା ଜାତୀୟ ପତାକା

# ମଝି ସମୁଦ୍ରରେ ଉଡ଼ିଲା ତ୍ରିରଙ୍ଗା

ଭଦ୍ରକ,୨୨।୧(ସମିସ): ୭୭ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଓଡ଼ିଶା ପୁଲିସ ପକ୍ଷରୁ ଗୁରୁବାର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମରା ବନ୍ଦର ନିକଟସ୍ଥ ଜନବସତିବିହୀନ ଉଡ଼ାବାଲି ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶର ଉପକୂଳ ସୁରକ୍ଷାରେ ନିରନ୍ତର ସେବା ଯୋଗାଉଥିବା ସୁରକ୍ଷାବାହିନୀଙ୍କ ସାହସ, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।



ଏହି ଅବସରରେ ସେ କହିଥିଲେ ଯେ ସମୁଦ୍ରତଟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ଆଧୁନିକ କରିବା ପାଇଁ ଓଡ଼ିଶା ପୁଲିସ ତରଫରୁ ଦୀର୍ଘମିଆଦି ଯୋଜନା ଆରମ୍ଭ କରାଯାଇଛି। ଏଥିନିମନ୍ତେ ଚଳିତବର୍ଷ ରାଜ୍ୟ ସରକାର ବାର୍ଷିକ ବଜେଟ୍‌ରେ ୧୪୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଉକ୍ତ ଅର୍ଥରାଶିକୁ ବିନିଯୋଗ କରି ସାମୁଦ୍ରିକ ପାଟ୍ରୋଲିଂ ପାଇଁ ଯନ୍ତ୍ରଚାଳିତ ବୋଟ୍, ଟ୍ରଲର, ପ୍ରତ୍ୟେକ ସାମୁଦ୍ରିକ ଥାନା ପାଇଁ ଡ୍ରୋନ୍, ନୌସେନା ବିଶେଷଜ୍ଞ ଓ ବୈଷୟିକ ପରାମର୍ଶଦାତାଙ୍କୁ ନିୟୋଜନ, ମାଛ ଧରାବତରଣ କେନ୍ଦ୍ରରେ ସ୍ୱତନ୍ତ୍ର ସାମୁଦ୍ରିକ ପୁଲିସ ଅଧିକାରୀଙ୍କୁ ନିୟୋଜିତ କରିବା ଏବଂ ସମସ୍ତ ସାମୁଦ୍ରିକ ଥାନାରେ କମ୍ୟୁନିଟି ପୁଲିସିଂ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସେ କହିଥିଲେ। ଏହାସହ ମାଛଧରା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା ସହ ସାମୁଦ୍ରିକ ପୁଲିସ ଥାନାଗୁଡ଼ିକରେ ନିୟନ୍ତ୍ରଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଉଛି। ଏହି ସମସ୍ତ ବ୍ୟବସ୍ଥାକୁ ଭୁବନେଶ୍ୱରର ଏକ ଅତ୍ୟାଧୁନିକ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ସହ ଯୋଡ଼ାଯିବ ଏବଂ ଆଗାମୀ ଦିନରେ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡିଜିପି କହିଥିଲେ।

ଏହି ଅବସରରେ କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଭାରତୀୟ ନୌସେନା, ଭାରତୀୟ ଉପକୂଳ ସୁରକ୍ଷା, ଶୁଳ୍କ ବିଭାଗ, ରାଜ୍ୟ ପୁଲିସ, ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ, ଗୁଇନ୍ଦା ବିଭାଗ, ଜଙ୍ଗଲ ବିଭାଗ, ସ୍ଥାନୀୟ ବାସିନ୍ଦା ଏବଂ ମତ୍ସ୍ୟଜୀବୀଙ୍କୁ ଡିଜିପି ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଳବାଇ ପୁଲିସ, ଉପକୂଳ ସୁରକ୍ଷା ଅତିରିକ୍ତ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଭଦ୍ରକ ଏସ୍‌ପି ମନୋଜ ରାଉତ, ଏନ୍‌ସିସି କମାଣ୍ଡାଣ୍ଟ, ଧାମରା ବନ୍ଦର ମୁଖ୍ୟ ଉପସ୍ଥିତ ଥିଲେ।

## ସାଇକଲ ମରାମତି ଦୋକାନୀଙ୍କୁ ବୀଭତ୍ସ ହତ୍ୟା

ସୁକିନ୍ଦା, ୨୨।୧(ସମିସ): ସୁକିନ୍ଦା ଅଞ୍ଚଳରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଲେମ୍ବୁ ପଞ୍ଚାୟତ ଅଧୀନ ମାଟିଗାଡ଼ିଆ ଗ୍ରାମ ଦଶରଥ ବେହେରା (୫୩)। ଦୁର୍ବୃତ୍ତମାନେ ତାଙ୍କ ବେକ କାଟି ହତ୍ୟା କରିଛନ୍ତି। ଗୁରୁବାର ସକାଳୁ ମାଟିଗାଡ଼ିଆ ଗାଁ ଛକ ନିକଟରେ ଦଶରଥଙ୍କ ମୃତଦେହ ପଡ଼ିଥିବା ଦେଖି ଗାଁଲୋକେ ସୁକିନ୍ଦା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏନେଇ ନମ୍ବର ୧୬/୨୬ରେ ଏକ ମାମଲା ରୁଜୁ ହୋଇଛି।

### ରାତି ଅଧରେ ଘରୁ ଟେକିନେଇ ମାରିଦେଲେ

କିଛି ମାସ ତଳେ ଦଶରଥଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କର ଦୁଇ ପୁଅ। ଦଶରଥ ଓ ବଡ଼ପୁଅ ଅଶୋକ ପଡ଼ୋଶୀ ବାଲିଆ ଗ୍ରାମରେ ସାଇକଲ ମରାମତି ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ସାନପୁଅ କେନ୍ଦୁଝରରେ ଏକ ଘରୋଇ କମ୍ପାନୀରେ କାମ କରେ। ଗତକାଲି ପୁଅ ଅଶୋକ ସାଇକଲ ଦୋକାନରେ ଶୋଇଥିଲା। ଦଶରଥ ଘରେ ଏକା ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଘରୁ ଟେକି ନେଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ହତ୍ୟା କରିଥିଲେ। ପରେ ଶବକୁ ଗାଁ ଛକରେ ଫିଙ୍ଗି ଚାଲି ଯାଇଥିବା ସନ୍ଦେହ କରାଯାଉଛି।

ଗ୍ରାମବାସୀଙ୍କ କହିବା କଥା, ଦଶରଥ ଜଣେ ଶାନ୍ତ ସରଳ ଲୋକ। ତାଙ୍କର କାହା ସହ ଶତ୍ରୁତା ନଥିଲା। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛି, ତାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି।

### ଶିମିଳିପାଳ ପାଦଦେଶରେ ପଞ୍ଚତାରକା ହୋଟେଲ ନିର୍ମାଣ ପ୍ରସଙ୍ଗ

## ଜମି ପ୍ରଦାନ ନେଇ ଏନ୍‌ଜିଟିରେ ଶୁଣାଣି, ରାୟ ସଂରକ୍ଷିତ

ବାରିପଦା,୨୨।୧(ସମିସ): ଶିମିଳିପାଳ ପାଦଦେଶର ଶାମାଖୁଣ୍ଟା ବ୍ଲକର ଲକ୍ଷ୍ମୀପୋଷି ଅଞ୍ଚଳରେ ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ଇଡ୍‌କୋ ପକ୍ଷରୁ ପ୍ରଦାନ ହେବାକୁ ଥିବା ୧୦୦ଏକର ଜମି ପ୍ରଦାନ ବିରୋଧରେ ରୁଜୁ ମାମଲାର ଇଷ୍ଟର୍ଣ୍ଣ ବେଞ୍ଚ କଲିକତା ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ପକ୍ଷରୁ ଶୁଣାଣି ହୋଇଛି। ଜୁଡିସିଆଲ ମେମ୍ବର ଜଜ୍ ଅଶୋକ ତ୍ୟାଗି ଓ ଏକ୍ସପୋର୍ଟ ମେମ୍ବର ଜଜ୍ ଡ. ଆଫ୍ରୋଜ ଅହମଦଙ୍କ ସମ୍ବଳିତ ବେଞ୍ଚରେ ଉଭୟ ପକ୍ଷରୁ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଶିମିଳିପାଳ ଜାତୀୟ ଉଦ୍ୟାନର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଅଂଚଳରେ ନିର୍ମାଣକୁ ନେଇ ପରିବେଶ ସୁରକ୍ଷା ଏବଂ ପ୍ରତିରୋଧାତ୍ମକ ଆଇନଗତ ହସ୍ତକ୍ଷେପ ସମ୍ପର୍କରେ କୋର୍ଟ ମାମଲାକୁ ଗମ୍ଭୀର ଭାବେ ଗ୍ରହଣ କରିଛନ୍ତି ବୋଲି ଅଭିଯୋଗକାରୀ ପକ୍ଷ ଆଇନଜୀବୀ ଆକାଶ ଶର୍ମା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଥିବା ଇକୋ ସେନସିଟିଭ ଜୋନରେ ପଞ୍ଚତାରକା ହୋଟେଲ ସୋନାର ବାଙ୍ଗଲା ହୋଟେଲ ଓ ରିସର୍ଟ ନିର୍ମାଣକୁ ନେଇ ଜମି ଚିହ୍ନଟ ଓ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାକଷ୍ଟ୍ରାକଚର ଡେଭଲପମେଣ୍ଟ କର୍ପୋରେସନ ପକ୍ଷରୁ ଶାମାଖୁଣ୍ଟା ତହସିଲ ଲକ୍ଷ୍ମୀପୋଷି ଅଞ୍ଚଳର ଖାତା ନଂ ୧୨୩, ପ୍ଲଟ ନଂ ୧୩୮ରୁ ୯୩.୨୮୦ଏକର ଜଙ୍ଗଲ ଜମି ପ୍ରଦାନ ପାଇଁ ଉଦ୍ୟମ ହୋଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତଥା ଅଭୟାରଣ୍ୟର ଇକୋ ସେନସିଟିଭ ଜୋନକୁ କ୍ଷତି ପହଞ୍ଚାଇବାକୁ ଥିବାରୁ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଉଠିଥିଲା। ଭଞ୍ଜସେନାର ସକ୍ରିୟ କର୍ମକର୍ତ୍ତା ତଥା ପରିବେଶବିତ୍ ରାକେଶ କୁମାର ମହାନ୍ତିଙ୍କ ଅଭିଯୋଗକୁ ନେଇ ଏନ୍‌ଜିଟିରେ ଏକ ମାମଲା କେସ ନଂ ୧୨୭/୨୦୨୫/ଇଜେଡ୍‌ରେ ରୁଜୁ ହୋଇଥିଲା। ଏପରିକି ଆବେଦନକାରୀଙ୍କ ପକ୍ଷରୁ ଜଙ୍ଗଲଜମିର ପ୍ରତିରୋଧାତ୍ମକ ହସ୍ତକ୍ଷେପ ଆବଶ୍ୟକ ବୋଲି କୋର୍ଟଙ୍କ ନିକଟରେ ଦାବି କରିଥିଲେ। ଯାହାକୁ ନେଇ ଆଇନଜୀବୀ ଶର୍ମା ଉକ୍ତ ଜମିଟି ଇକୋ ସେନ୍‌ସିଟିଭ ଜୋନ ଅଧୀନରେ ଆସୁଥିବା ବେଳେ ଏହା ଶିମିଳିପାଳ ଅଭୟାରଣ୍ୟ ଓ ବ୍ୟାଘ୍ର




ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ରହୁଥିବା ଦର୍ଶାଇଥିଲେ। ଏପରିକି ସରକାରୀ ଦସ୍ତାବିଜ୍ ଓ ବନବିଭାଗର ରିପୋର୍ଟକୁ ଦର୍ଶାଇ ପରିବେଶ ସମ୍ବେଦନଶୀଳତାକୁ ସ୍ପଷ୍ଟ କରୁଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଇକୋ ସେନ୍‌ସିଟିଭ ଜୋନରେ କଂକ୍ରିଟ ନିର୍ମାଣ କରାଗଲେ ପରିବେଶକୁ କ୍ଷତି ପହଞ୍ଚାଇବା ସହ ବନ୍ୟଜନ୍ତୁଙ୍କ ଉପରେ ଏହାର ଘୋର ପ୍ରଭାବ ପଡିବା ସୁନିଶ୍ଚିତ ବୋଲି ଯୁକ୍ତିରେ ଦର୍ଶାଇଥିଲେ। ଏପରିକି ଜଙ୍ଗଲ ଜମିରେ ହୋଟେଲ ପ୍ରକଳ୍ପ ନିର୍ମାଣ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ବିରୋଧ କରିଥିଲେ। ଉଭୟ ପକ୍ଷର ଯୁକ୍ତକୁ ଶୁଣିବା ପରେ ମାମଲାର ରାୟକୁ ସଂରକ୍ଷିତ ରଖାଯାଇଛି।

## ଆଜି ରଥକାଠ ଅନୁକୂଳ ପୂଜା

ପୁରୀ,୨୨।୧(ସମିସ): ଚଳିତ ବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ତେଣୁ ପରମ୍ପରା ଅନୁଯାୟୀ, ଶୁକ୍ରବାର ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ପୂଜା ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ରଖାଯାଇଛି। ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ପୂଜା ହେବ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ରହିଛି। ବାକି ୮୧୮ଖଣ୍ଡ କାଠ ଏଥର ଆସିବ। ପ୍ରଥମ ପର୍ଯ୍ୟାୟରେ ଗତ ମଙ୍ଗଳବାର ୩ଟି ଟ୍ରକ୍‌ରେ ୮୩ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଛି। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ଏବଂ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି। ତେଣୁ ଶୁକ୍ରବାର ରଥକାଠ ଅନୁକୂଳ ପୂଜା ହେବ। ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ।

## ଜାନୁଆରୀ ୨୬ରେ ଖୋଲା ରହିବ ନନ୍ଦନକାନନ

ନନ୍ଦନକାନନ, ୨୨।୧ (ସମିସ): ଆସନ୍ତା ଜାନୁଆରୀ ୨୬ତାରିଖ (ସୋମବାର) ନନ୍ଦନକାନନ ପ୍ରାଣୀଉଦ୍ୟାନ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲା ରହିବ। ସାଧାରଣତଃ ପର୍ଯ୍ୟଟକଙ୍କ ନିମନ୍ତେ ନନ୍ଦନକାନନ ସୋମବାର ବନ୍ଦ ରହିଥାଏ। ଏଥର ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପଡୁଛି। ଜାତୀୟ ଦିବସ ଛୁଟି ଥିବା ହେତୁ ଏହି ଦିନ ବୁଲିଯିବାକୁ ଲୋକେ ପସନ୍ଦ କରିଥା'ନ୍ତି। ଏଣୁ ଆସନ୍ତା ସୋମବାର ପର୍ଯ୍ୟଟକଙ୍କ ନିମନ୍ତେ ନନ୍ଦନକାନନ ଖୋଲା ରହିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହା ବଦଳରେ ମଙ୍ଗଳବାର ପ୍ରାଣୀଉଦ୍ୟାନ ବନ୍ଦ ରହିବ।

## ପାଟଣାଗଡ଼ ଏନ୍‌ଏସି ଉପାଧ୍ୟକ୍ଷଙ୍କୁ ନିଲମ୍ବନ କଲା ବିଜେଡି

ଭୁବନେଶ୍ୱର, ୨୨।୧(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଏନ୍‌ଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେରଙ୍କୁ ବିଜେଡି ନିଲମ୍ବନ କରିଛି। ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ମେହେରଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏନେଇ ବିଜେଡି ବରିଷ୍ଠ ଉପସଭାପତି ପ୍ରତାପ ଜେନା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ଓଡ଼ିଶା ଜାତୀୟ ମରୁଡ଼ି ପ୍ରଶମନ ପ୍ରକଳ୍ପ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୨।୧(ସମିସ): ରାଜ୍ୟରେ ଆରମ୍ଭ ହେବ ଓଡ଼ିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ। ଏଥିପାଇଁ ମୋଟ୍ ୧୪୧.୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଏମ୍‌ଏଫ୍) ଓ ଓସଡମା ପାଣ୍ଠି ଯୋଗାଇବେ। ଏନ୍‌ଡିଏମ୍‌ଏ, ଇକ୍ରିସାଟ୍, ଆଇଆର୍‌ଆର୍‌ଆଇ(ଇରି), ଆଇସିଏଆର୍ ସିଆର୍‌ଆଇଡିଏ (କ୍ରୀଡ଼ା) ପରି ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ସହ କୃଷି ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ ଏହାକୁ କାର୍ଯ୍ୟକାରୀ କରିବେ। ଏଥିପାଇଁ ଗୁରୁବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ, ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଓ ମୟୂରଭଞ୍ଜର ରରୁଆଁ ବ୍ଲକରେ ଆରମ୍ଭ ହେବ। ପ୍ରାୟ ୨୪ ହଜାର ପରିବାର ନିକଟରେ ଏହାକୁ ପହଞ୍ଚାଇବାକୁ ଲକ୍ଷ୍ୟ ରହିଛି।

### ୧୦ ଜିଲ୍ଲା ପରିଷଦ ସଭାପତିଙ୍କ ସହ ନବୀନଙ୍କ ଆଲୋଚନା

## ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିକାଶ କାମ ଜାରି ରଖିବାକୁ ନବୀନଙ୍କ ପରାମର୍ଶ

ଭୁବନେଶ୍ୱର,୨୨।୧(ସମିସ): ରାଜ୍ୟର ୧୦ଟି ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ନବୀନ ନିବାସରେ ଏହି ସାକ୍ଷାତ ଆଲୋଚନା ବେଳେ ଜିଲ୍ଲାପରିଷଦ ସଭାପତିମାନଙ୍କ ସହ ସେମାନଙ୍କ ଜିଲ୍ଲାର ବିକାଶ କାମ ଓ ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବିଷୟରେ ନବୀନ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭାଗ ନେଇ ଜିଲ୍ଲା ପରିଷଦ ସଭାପତି ମାନେ ପଞ୍ଚାୟତି ପ୍ରତିନିଧି ମାନଙ୍କ କ୍ଷମତାକୁ ରାଜ୍ୟ ସରକାର ହଡପ କରି ପ୍ରଶାସନକୁ ଦେଇଥିବାରୁ ତୃଣମୂଳ ସ୍ତରରେ ସୃଷ୍ଟି ହେଉଥିବା ଅସନ୍ତୋଷ ବିଷୟରେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦୁର୍ବଳ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିବା ସହିତ ଏଥିପାଇଁ ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ବିଜୁ ବାବୁଙ୍କ ଆଦର୍ଶରେ ବିଜେଡି ସରକାର ଅନେକ ସକାରାତ୍ମକ ପଦକ୍ଷେପ ନେଇଥିଲା। କୌଣସି



**ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା ହଡ଼ପ ବିରୋଧରେ ହେବ ଆଇନଗତ ଲଢ଼େଇ**

ପରିସ୍ଥିତିରେ ବି ପଞ୍ଚାୟତକୁ ଦୁର୍ବଳ କରିବା ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ। ସରକାରଙ୍କ ଅସହଯୋଗ ପରି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିକାଶ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଏତଦବ୍ୟତୀତ ନିଜ ନିଜ ଜିଲ୍ଲାରେ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବାକୁ ଶ୍ରୀ ପଟ୍ଟନାୟକ ଜିଲ୍ଲା ପରିଷଦ ସଭାପତି ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ବାଲେଶ୍ୱରର ନାରାୟଣ ପ୍ରଧାନ, କଟକର କିଶୋର ଚନ୍ଦ୍ର ମିଶ୍ର, ବଲାଙ୍ଗିରର ଦେବକୀ ସାହୁ, ବରଗଡ଼ର ମାନିନୀ ଭୋଇ, ମାଲକାନଗିରିର ସମାରି ଟାଙ୍ଗୁଲୁ, ଅନୁଗୁଳର ବବିତା ପ୍ରଧାନ, ଗଞ୍ଜାମର ଅଞ୍ଜଳି ସ୍ୱାଇଁ, ଜଗତସିଂହପୁରର ମନୋରଞ୍ଜନ ଭୋଇ, ନୟାଗଡ଼ର ଦେବାଶିଷ ପଟ୍ଟନାୟକ ଓ ନବରଙ୍ଗପୁରର ମୋତିରାମ ନାୟକ ପ୍ରମୁଖ ଜିଲ୍ଲା ପରିଷଦ ସଭାପତିମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଦୁଇ ମୃତ

ବାସୁଦେବପୁର,୨୨।୧(ସମିସ): ଗୁରୁବାର ନଳବାଙ୍କ ଛକରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ସୁଶାନ୍ତ ମହାକୁଡ଼ ଓ ସେଖ୍ ମନସୁର୍ ଅଲ୍ଲୀ। ଗୁରୁତର ମନ୍‌ସେଖ୍ ସେଖ୍ ମନଜୁର୍ ଅଲ୍ଲୀଙ୍କୁ ପ୍ରାଥମିକ ଚିକିତ୍ସା କରି କଟକ ସ୍ଥାନାନ୍ତର କରାଯାଇଛି।



ବାସୁଦେବପୁର ପୌରପାଳିକାର ସାବରପୁର ଦୁଇ ଭାଇ ସେଖ୍ ମନସୁର୍ ଅଲ୍ଲୀ ଓ ମନସେଖ୍ ସେଖ୍ ମନ୍‌ଜୁର୍ ଅଲ୍ଲୀ ବାଇକ୍‌ରେ ଧାମରା ଭଉଣୀ ଘରକୁ ଯାଉଥିଲେ। ଏହି ସମୟରେ ସୁଶାନ୍ତ କୃଷ୍ଣପୁର ପଞ୍ଚାୟତରୁ ବାସୁଦେବପୁର ଅଭିମୁଖେ ଫେରୁଥିଲେ। ନଳବାଙ୍କ ଛକରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ୩ ଜଣଙ୍କୁ ସଂଜ୍ଞାହୀନ ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁଶାନ୍ତ ଓ ମନସୁର୍‌ଙ୍କୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ମନ୍‌ସେଖ୍‌ଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଉଲ୍ଲେଖଯୋଗ୍ୟ, ସୁଶାନ୍ତ ଶଶୁର ଘରୁ ଫେରୁଥିବା ବେଳେ ମନସୁର ଓ ମନଜୁର ଧାମରାସ୍ଥିତ ଭଉଣୀ ଘରକୁ ଯାଉଥିଲେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଖାଇକୁ ଖସିଲା...

ସେନା ଓ ପୁଲିସ ପକ୍ଷରୁ ମିଳିତ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ଦୁର୍ଘଟଣାସ୍ଥଳରେ ୪ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଆହତମାନଙ୍କୁ ଉଦ୍ଧାର କରି ହସପିଟାଲ ନିଆଯାଇଥିଲା। ତେବେ ବାଟରେ ଆଉ ୬ ଜଣ ଯବାନ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଅନ୍ୟ ୧୧ ଜଣଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଜଣେ ଯବାନ ଅବଜରଭେସନରେ ଥିବା ବେଳେ ଅନ୍ୟ ୧୧ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ହେଲିକପଟର ଯୋଗେ ଉଧାମପୁର ହସପିଟାଲକୁ ନିଆଯାଇଛି।

### ପଛଘୁଞ୍ଚା ଦେଲେ...

ସମେତ ଉଚ୍ଚ ପଦାଧିକାରୀମାନେ ଏହି ବିଷୟରେ ଆଲୋଚନା କରିବେ। ହେଲେ ଯେତେବେଳେ ଆମେରିକା ରାଷ୍ଟ୍ରପତିଙ୍କୁ ପଚରାଗଲା ଯେ ଏହି ଚୁକ୍ତି କେତେ ଦିନ ପର୍ଯ୍ୟନ୍ତ ରହିବ। ସେତେବେଳେ ଟ୍ରମ୍ପ୍ ସ୍ପଷ୍ଟ କରିଥିଲେ ଯେ ଏହା ଏକ ଦୀର୍ଘକାଳୀନ ଏବଂ ସ୍ଥାୟୀ ଚୁକ୍ତି ହେବ। ପୂର୍ବରୁ ଡାଭୋସ୍‌ରେ ବିଶ୍ୱ ଅର୍ଥନୈତିକ ଫୋରମ୍‌କୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ସେ ଗ୍ରୀନଲ୍ୟାଣ୍ଡର ଅଧିଗ୍ରହଣ ବିଷୟରେ ତୁରନ୍ତ ଆଲୋଚନା କରିବାକୁ ଚାହୁଁଛନ୍ତି। ଗ୍ରୀନଲ୍ୟାଣ୍ଡ ହେଉଛି ଆମେରିକାର ସହଯୋଗୀ ଦେଶ ଡେନମାର୍କର ଏକ ଅର୍ଦ୍ଧ-ସ୍ୱାୟତ୍ତ ଅଞ୍ଚଳ। ରାଷ୍ଟ୍ରପତି ଭାବରେ ପ୍ରଥମ କାର୍ଯ୍ୟକାଳ ସମୟରେ ଟ୍ରମ୍ପ୍ ପ୍ରଥମେ ୨୦୧୯ ରେ ଗ୍ରୀନଲ୍ୟାଣ୍ଡ ଅଧିଗ୍ରହଣ ପ୍ରସଙ୍ଗରେ ମତ ଦେଇଥିଲେ। ଗ୍ରୀନଲ୍ୟାଣ୍ଡ ରୋକ୍‌ଠୋକ୍ କହିଛି ଯେ ସେ ଆମେରିକାର ଅଂଶ ହେବାକୁ ଚାହୁଁନାହିଁ, ଯେ କି ପୂର୍ବରୁ ଏହି ଦ୍ୱୀପରେ ଏକ ସାମରିକ ଘାଟି ପରିଚାଳନା କରୁଛି। ଟ୍ରମ୍ପ୍ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ଦେଶ ଗ୍ରୀନ୍‌ଲ୍ୟାଣ୍ଡକୁ ଅଧିଗ୍ରହଣ କରିବା ପାଇଁ ଆଲୋଚନା କରିବାକୁ ଚେଷ୍ଟା ଚଳାଇଛି, କାରଣ ଆମେରିକା ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ର ଏହାକୁ ସୁରକ୍ଷିତ ରଖିବା ସ୍ଥିତିରେ ନାହାଁନ୍ତି। ସେପଟେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଛନ୍ତି ଯେ ସେ ଏହି ପ୍ରସଙ୍ଗକୁ ନେଇ ଚିନ୍ତିତ ନୁହଁନ୍ତି। ଜାତୀୟ ସୁରକ୍ଷା ପରିଷଦ ବୈଠକରେ ତାଙ୍କ ଟେଲିଭିଜନ ବକ୍ତବ୍ୟରେ ପୁଟିନ୍ କହିଛନ୍ତି ଗ୍ରୀନଲ୍ୟାଣ୍ଡରେ କ'ଣ ଘଟୁଛି ତାହା ଆମର କାମ ନୁହେଁ।

### ନିର୍ବାଚନ ପ୍ରକ୍ରିୟା...

ସାଧାରଣ ନିର୍ବାଚନ ପରେ ପରେ ମମତା ମହାନ୍ତ ଓ ସୁଜିତ୍ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଥିଲେ ଓ ବିଜେପି ପ୍ରାର୍ଥୀ ରୂପେ ଅବଶିଷ୍ଟ ଅବଧି ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ତେଣୁ ଏହି ୪ଟି ଆସନରେ ବିଜେପି ଓ ବିଜେଡି କାହାକୁ ନିର୍ବାଚିତ କରିବେ ତାହା ଉପରେ ସମସ୍ତଙ୍କ ନଜର ନିବଦ୍ଧ ହୋଇଛି। ସଂଖ୍ୟା ଦୃଷ୍ଟିରୁ ବିଜେପି ୨ଟି ଓ ବିଜେଡି ଗୋଟିଏ ଆସନ ପାଇବା ନିଶ୍ଚିତ। ମାତ୍ର ୪ର୍ଥ ଆସନଟି ପାଇଁ ବିଜେପି ବା ବିଜେଡି ପାଖରେ ସଂଖ୍ୟାବଳ ନାହିଁ। ଏହି ପରିପ୍ରେକ୍ଷୀରେ ବିଜେପିର ତୃତୀୟ ଓ ବିଜେଡିର ଦ୍ୱିତୀୟ ପ୍ରାର୍ଥୀଙ୍କ ପାଇଁ କଂଗ୍ରେସ ସଦସ୍ୟଙ୍କ ପ୍ରଥମ ପସନ୍ଦ ଭୋଟ ଅନିବାର୍ଯ୍ୟ ହୋଇ ପଡ଼ିବ। କିମ୍ବା ୪ର୍ଥ ଆସନରେ ପ୍ରାର୍ଥୀ ହେଉଥିବା ବ୍ୟକ୍ତିଙ୍କୁ ତିନି ଦଳର ପ୍ରଥମ ପସନ୍ଦ ଭୋଟ ପାଇଲେ ନିର୍ବାଚିତ ହେବା ସମ୍ଭବ ହୋଇ ପାରିବ। ସବୁ ଦଳର ସମର୍ଥନ ପାଇବା ପରି ବ୍ୟକ୍ତି ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିଲେ ଏହି ଆସନରେ ବିଜୟୀ ହୋଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

ଅନ୍ୟପକ୍ଷରେ ବିଜେପି ୨ଟି ଆସନରେ ବିଜୟୀ ହେବା ନିଶ୍ଚିତ କୁହାଯାଉଥିବାରୁ ଏହା ଉପରେ ପ୍ରାୟ ଡ଼ଜନେରୁ ଅଧିକ ନେତା ଆଖି ରଖିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ପୂର୍ବତନ ସଭାପତି ସମୀର ମହାନ୍ତି, ଉପସଭାପତି ଗୋଲୋକ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ଦାବିଦାର ସୂଚୀରେ ଥିବା କୁହାଯାଉଛି। ଏହାବ୍ୟତୀତ ଗତ ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା କିଛି ନେତା ରାଜ୍ୟସଭାରେ ଥଇଥାନ ହେବାକୁ ଲାଗି ପଡ଼ିଥିଲେ ହେଁ ସେମାନଙ୍କର ସମ୍ଭାବନା କମ୍ ଥିବା କୁହାଯାଉଛି।

### ୬ ପ୍ରସଙ୍ଗରେ ସରକାରଙ୍କୁ...

ଉପସ୍ଥିତିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ଚାଷୀଙ୍କ ସମସ୍ୟା ସମେତ ରାଜ୍ୟରେ ଚରମ ଆଇନ ଶୃଙ୍ଖଳା ପରିସ୍ଥିତି, ସଂଖ୍ୟାଲଘୁ ଓ ଦଳିତ ମାନଙ୍କ ପ୍ରତି ଅତ୍ୟାଚାର, ପଲ୍ୟୁସନ ସାର୍ଟିଫିକେଟ୍ ନାଁରେ ଲୋକଙ୍କ ଉପରେ ଜିଜିଆ କର ଆଦାୟ କରିବା, ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ସ୍କାମକୁ ନେଇ ବୈଠକରେ ଆଲୋଚନା ହୋଇଛି। ସେହିପରି ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ସରକାର ୧୦୦ରୁ ଊର୍ଦ୍ଧ୍ୱ ଇଣ୍ଡଷ୍ଟ୍ରିଆଲ ବ୍ୟାରେଜ ନିର୍ମାଣ କରିବା ପରେ ମହାନଦୀର ତଳ ମୁଣ୍ଡରେ ଓଡ଼ିଶାର ୧୩ଟି ଜିଲ୍ଲା ପ୍ରଭାବିତ ହୋଇଛି। ପିଇବା ପାଣି ସ୍କିମ୍ ଠାରୁ ଆରମ୍ଭ କରି, ଅଣମୌସୁମୀ ଜଳସେଚନ, ଶକ୍ତି ଉତ୍ପାଦନ ଓ ବନ୍ୟା ନିୟନ୍ତ୍ରଣ ଆଜି ଦିନରେ ରାଜ୍ୟର ପ୍ରମୁଖ ସମସ୍ୟା ସାଜିଛି। ମହାନଦୀର ସୁରକ୍ଷା ଏବଂ ଓଡ଼ିଶାର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଏକ ବ୍ୟାପକ ଜନ ଆନ୍ଦୋଳନ କରିଥିଲା, ଯାହା ଫଳରେ କେନ୍ଦ୍ର ସରକାର ରାଜ୍ୟର ଆଇନଗତ ଲଢ଼େଇ ପରେ ଟ୍ରିବ୍ୟୁନାଲ ଗଠନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ସର୍ବଦଳୀୟ ବୈଠକରେ ଯୋଗଦେବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଓଡ଼ିଶାର ଜନସାଧାରଣଙ୍କର ସ୍ୱାର୍ଥ ଓ ମହାନଦୀର ଜଳ ପ୍ରବାହର ସୁରକ୍ଷା କ୍ଷେତ୍ରରେ ବିଜେଡି ଆଭିମୁଖ୍ୟରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ସେହିପରି ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ଓଡ଼ିଶାର ଜନସାଧାରଣଙ୍କୁ ଯେଉଁ ୨୧ଟି ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା, ସେ ସମ୍ପର୍କରେ ଆଜି ରାଜନୈତିକ ବ୍ୟାପାର କମିଟିରେ ବ୍ୟାପକ ଭାବରେ ଚର୍ଚ୍ଚା ଓ ଆଲୋଚନା କରାଯାଇଛି। ଓଡ଼ିଶାର ଜନସାଧାରଣଙ୍କ ଭୋଟ୍ ନେଲା ପରେ ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ପ୍ରତାରିତ କରଥିବାରୁ ସେ ସମ୍ପର୍କରେ ରାଜ୍ୟବ୍ୟାପୀ ୱାର୍ଡ, ପଞ୍ଚାୟତ, ବ୍ଲକ, ନିର୍ବାଚନ ମଣ୍ଡଳୀ, ଜିଲ୍ଲା, ଏନଏସି, ପୌରପରିଷଦ ଓ ମହାନଗର ନିଗମ ସ୍ତରରେ ବିଜେଡି ପକ୍ଷରୁ ସରକାରଙ୍କ ବିଫଳତା ଏବଂ ପ୍ରତାରଣା ବରୋଧରେ ସଶକ୍ତ ଜନମତ ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଦୁର୍ନୀତିରେ ଶୂନ୍ୟ ସହନଶୀଳତା, ଚିଟ୍‌ଫଣ୍ଡ ସ୍କାମ୍‌ରେ ପ୍ରଭାବିତ ଜନସାଧାରଣଙ୍କୁ ୧୮ ମାସ ମଧ୍ୟରେ ପ୍ରାପ୍ୟ ପ୍ରଦାନ, ୪୮ ଘଣ୍ଟା ମଧ୍ୟରେ ଡିବିଟି ମାଧ୍ୟମରେ ଓଡ଼ିଶାର ଚାଷୀକୁଳକୁ ବିନା କଟନୀ ଛଟନୀରେ ୩୧୦୦ ଟଙ୍କା କୁଇଣ୍ଟାଲ ପ୍ରାପ୍ୟ, ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର , ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି, ବୟସ୍କ ବ୍ୟକ୍ତିମାନଙ୍କୁ ୩ ହଜାର ଟଙ୍କା ଭତ୍ତା, ୩୦୦ ୟୁନିଟ୍ ମାଗଣା ବିଜୁଳି, ମତ୍ସ୍ୟଜୀବୀ ମାନଙ୍କୁ ୧୦ ହଜାର ଟଙ୍କା ଭତ୍ତା, ପଞ୍ଚାୟତ, ଜିଲ୍ଲା ସଦର ମହକୁମା ଓ ଷ୍ଟେଟ୍ କ୍ୟାପିଟାଲକୁ ନୂତନ ଭାବେ ୭୫,୦୦୦ କିମି ଗ୍ରାମ୍ୟ ଓ ସହରୀ ରାସ୍ତା ନିର୍ମାଣ, ୪ଟି ସହରରେ ଆଇଟି ପାର୍କ, ମେକ୍ ଇନ୍ ଓଡ଼ିଶା ସ୍କିମ୍ ମାଧ୍ୟମରେ ଓଡ଼ିଶାର ବିକାଶ, ପାରାଦୀପ, ଧାମରା, ରାଉରକେଲା ଓ ସମ୍ବଲପୁର ମଧ୍ୟରେ ଶିଳ୍ପ କରିଡର ପ୍ରତିଷ୍ଠା, ୨ ବର୍ଷ ମଧ୍ୟରେ ୬୫ ହଜାର ନିଯୁକ୍ତି, କେନ୍ଦୁପତ୍ର ତୋଳାଳୀ ମାନଙ୍କର ସମସ୍ୟାର ସମାଧାନ, ପିଏମ୍ ଆବାସ ଯୋଜନା ମାଧ୍ୟମରେ ୧୫ ଲକ୍ଷ ନୂତନ ଗୃହ ନିର୍ମାଣ, ଜଳଜୀବନ ମିଶନ ଜରିଆରେ ୨୬ ଲକ୍ଷ ପରିବାରକୁ ପିଇବା ପାଣିର ବ୍ୟବସ୍ଥା, ବାକି ଥିବା ପୁରୀ ପରିକ୍ରମା ପ୍ରକଳ୍ପର ପୂର୍ଣ୍ଣାଙ୍ଗ, ପଶ୍ଚିମ ଓଡ଼ିଶାରେ ୩ ଟି ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି ବୋଲି ବିଜେଡି ପକ୍ଷରୁ ଶ୍ରୀ ଦାସବର୍ମା କହିଛନ୍ତି। ବିଜୁ ଜନତା ଦଳ ଖୁବଶୀଘ୍ର ରାଜ୍ୟବ୍ୟାପୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ରୂପରେଖ ଘୋଷଣା କରିବ ବୋଲି ଦଳ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

### ହାତ ମାରିଦେଲେ...

ଅନିଶ୍ଚିତତା ଦେଖାଦେଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା କାଳ ଡ୍ୟାମକୁ ଯିବା ପାଇଁ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ମାତ୍ର ନିମ୍ନମାନର ନିର୍ମାଣ ହୋଇଥିବା ରାସ୍ତା ଦେଇ ଯିବାଆସିବା କରିବା ଦ୍ୱାରା ବହୁ ଲୋକ ହଇରାଣ ହରକତ ହେଉଛନ୍ତି ବୋଲି ଗ୍ରାମର ଆଲୋକ ବେହେରା, ଅଜୁ ବେହେରା ଓ ସଞ୍ଜୟ ବେହେରା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଏ ନେଇ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଅଭିଯୋଗକୁ ନେଇ ଏକ ଟେକ୍ନିକାଲ ଟିମ ପଠାଯାଇ ରାସ୍ତା କାର୍ଯ୍ୟ ତଦାରଖ କରିବା ପରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଦୁର୍ନୀତିରେ ଲିପ୍ତ ରହି ନିମ୍ନମାନର କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସରଣ୍ଡାରେ ଏନକାଉଣ୍ଟର...

କେତେକ ମାଓବାଦୀ ଜଙ୍ଗଲରେ ଲୁଚି ରହିଥିବା ଏଥିରୁ ସ୍ପଷ୍ଟ ହେଉଛି। ପୁଲିସ ଡିଆଇଜି କହିଛନ୍ତି ଯେ ସର୍ଚ୍ଚ ଅପରେସନ ସରିବା ପରେ ବିସ୍ତୃତ ବିବରଣୀ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ଧରି ସରନ୍ଦା ଜଙ୍ଗଲ ମାଓବାଦୀଙ୍କ ଗଡ଼ ହୋଇ ରହିଛି। ସେମାନେ ଏଠାରେ ରହି ଝାଡ଼ଖଣ୍ଡ ଓ ଓଡ଼ିଶାରେ ମଧ୍ୟ ନିଜର କାର୍ଯ୍ୟକଳାପ ଜାରି ରଖିଛନ୍ତି। ନିଜକୁ ସୁରକ୍ଷିତ ରଖିବା ଲାଗି ସେମାନେ ଜଙ୍ଗଲ ସାରା ବାରୁଦ ବିଛାଇ ଦେଇଛନ୍ତି। ତେଣୁ ସର୍ଚ୍ଚ ଅପରେସନ ବେଳେ ସୁରକ୍ଷା ବାହିନୀକୁ ଖୁବ ସତର୍କତା ସହିତ କାମ କରିବାକୁ ପଡୁଛି। ୨୦୨୨ରୁ ଏହି ଜଙ୍ଗଲରେ ବିଭିନ୍ନ ସମୟରେ ଏନକାଉଣ୍ଟର ହେଉଛି। ଏହି ଜଙ୍ଗଲରେ ଆଉ ଜଣେ ଦୁର୍ଦାନ୍ତ ମାଓ ନେତା ମିସିର ବେସରା ମଧ୍ୟ ଲୁଚି ରହିଥିବା ସନ୍ଦେହ କରାଯାଉଛି। ତାକୁ ଧରିବା ଲାଗି ରାଜ୍ୟ ପୁଲିସ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି।

GOVERNMENT OF ODISHA A-1323
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

e-PROCUREMENT NOTICE No. RLBCD-P1-11/2025-26

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 11 (Eleven) Nos of work. |
| 3 | Estimated Cost | Varies From Rs.49.73 Lakhs to Rs.8.85 Lakhs |
| 4 | Period of Completion | 30 Days |
| 5 | Class of Contractor | Varies From "B' Class (Odisha P.W.D), "B' Class & 'C' Class and "C" & "D"(Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Varies From Rs. 6,000/- (Non-Refundable) and Rs. 4,000/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies From Rs. 49,730/- to Rs.8,850/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 16.01.2026 from 10.00 Hours to 30.01.2026 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.31.01.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.11.02.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
kamakhyanagar

OIPR-



## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିବ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବେ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହେବେ। ବନ୍ଧୁଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ।

**ଧନୁ:** ଯାତ୍ରା ସମୟରେ ମୂଲ୍ୟବାନ ଜିନିଷ ହଜିବା ସମ୍ଭାବନା ଅଛି। ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରିବେ। କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି। ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ। ଚିନ୍ତାରେ ରହିବେ।

**ମୀନ:** ଦିନଟି ଉତ୍ସାହଜନ ରହିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ପାରିବାରିକ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସହଯୋଗ ମିଳିବ।

## ଆଜିର ଇତିହାସ

- ୧୯୨୦- ବାୟୁ ଡାକ ସେବା ଆରମ୍ଭ ହେଲା।
- ୧୯୮୯- ତାଜିକିସ୍ତାନରେ ଆସିଥିବା ଭୂମିକମ୍ପ ଯୋଗୁ ଶତାଧିକ ମୃତ।
- ୨୦୦୨- ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲ କରାଚୀରୁ ଅପହରଣ କରାଗଲା।
- ୨୦୨୦- ବ୍ରିଟେନ୍‌ର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ବ୍ରେକ୍‌ଜିଟ୍ ଆଇନ୍‌କୁ ମଞ୍ଜୁରି ଦେଲେ।

ଆଜି ଆସିଥିଲେ

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ

ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସର ସବୁଠାରୁ ପ୍ରଭାବଶାଳୀ ଏବଂ ପ୍ରେରଣାଦାୟୀ ନେତାମାନଙ୍କ ମଧ୍ୟରେ ସେ ଅଗ୍ରଣୀ ଥିଲେ। ନେତାଜୀ ଭାରତର ଏମିତି ଜଣେ ବୀରପୁତ୍ର ଥିଲେ; ଯିଏ ଦେଶକୁ ସ୍ୱାଧୀନ କରିବାକୁ ବ୍ରିଟିଶମାନଙ୍କ ସହ ମୁହାଁମୁହିଁ ଲଢ଼ିବାକୁ ସ୍ଥିର କରିଥିଲେ। ତାଙ୍କ ଓଜସିନୀ ଭାଷଣରେ ହଜାର ହଜାର ଭାରତୀୟ ଯୁବକ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ବିଦେଶ ମାଟିରୁ 'ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' ଆହ୍ୱାନରେ ଯୁବଗୋଷ୍ଠୀଙ୍କ ମନରେ ସେ ସୃଷ୍ଟି କରିଥିଲେ ଦେଶପ୍ରେମର ବହ୍ନି । ବିଚକ୍ଷଣ ପ୍ରତିଭା, ଅଦମ୍ୟ ଶକ୍ତି ଏବଂ ତାଙ୍କ ଭିତରେ ଥିବା ବିଦ୍ୱାନୀ ମନୋଭାବ ତାଙ୍କୁ ନେତାଜୀର ଆଖ୍ୟା ଦେଇଥିଲା । ସେ ଥିଲେ ଓଡ଼ିଶା ଆଉ କଟକ ମାଟିର ପୁଅ। ୧୮୯୭ ମସିହା ଆଜିର ଦିନରେ ଜାନକୀ ନାଥ ଦାସ ଓ ପ୍ରଭାବତୀ ଦେବୀଙ୍କ ନବମ ସନ୍ତାନ ଭାବେ କଟକଠାରେ ସୁଭାଷ ଜନ୍ମ ନେଇଥିଲେ। ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ପଢ଼ି ସେ ମାଟ୍ରିକ୍ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଛାତ୍ର ଜୀବନରେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ତାଙ୍କୁ ଅନୁପ୍ରାଣିତ କରିଥିଲା। ୧୯୨୦ ମସିହା ଆଇସିଏସ୍ ପରୀକ୍ଷାରେ ସେ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ପରବର୍ତ୍ତୀ ସମୟରେ ୧୯୨୧ ମସିହାରେ ଭାରତରେ ଘଟିଥିବା ଜାଲିୱାନାବାଗ ହତ୍ୟାକାଣ୍ଡ ଫଳରେ ସୁଭାଷ ଅଧାରୁ ଆଇ.ସି.ଏସ୍ ପ୍ରଶିକ୍ଷଣ ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୩୯ ମସିହାରେ 'ଫରୱାର୍ଡ ବ୍ଲକ୍' ନାମକ ଏକ ରାଜନୈତିକ ଦଳ ଗଠନ କରି ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଜାରି ରଖିଥିଲେ। ସଶସ୍ତ୍ର ଆନ୍ଦୋଳନ ଦ୍ୱାରା ହିଁ ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦରୁ ମୁକ୍ତ କରିହେବ ବୋଲି ସେ ବିଶ୍ୱାସ କରୁଥିଲେ। ଭାରତର ସ୍ୱାଧୀନତା ପାଇଁ ୧୯୪୧ ଜାନୁୟାରୀ ୧୭ ତାରିଖରେ ସେ ଭାରତର ସୀମାନ୍ତ ଅତିକ୍ରମ କରି ଆଫଗାନିସ୍ତାନ ଓ ସୋଭିଏତ ରୁଷ ମଧ୍ୟ ଦେଇ ମାର୍ଚ୍ଚ ମାସରେ ବର୍ଲିନଠାରେ ପହଞ୍ଚିଥିଲେ। ବର୍ଲିନ୍‌ରୁ ଆଜାଦ ହିନ୍ଦ୍ ରେଡିଓ ମାଧ୍ୟମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ। ସୁଭାଷ ସିଙ୍ଗାପୁରରେ ଆଜାଦହିନ୍ଦ୍ ଫୌଜର ଦାୟିତ୍ୱ ଗ୍ରହଣ କଲେ। ୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ସେଠାରେ ସେ ଏକ ଅସ୍ଥାୟୀ ସ୍ୱାଧୀନ ସରକାର ଗଠନ କଲେ। ସେହିଦିନଠାରୁ ସେ 'ଦିଲ୍ଲୀ ଚଲୋ' ଆହ୍ୱାନ ଦେଇଥିଲେ। ୧୯୪୪ ମାର୍ଚ୍ଚ ୧୮ ତାରିଖରେ ଆଜାଦ ହିନ୍ଦ୍ ଫୌଜ ବର୍ମା ସୀମା ଅତିକ୍ରମ କରି ଭାରତୀୟ ମାଟିରେ ପାଦ ଥାପିଥିଲା ଓ ମଣିପୁରର ଇମ୍ଫାଲ ଯାଏଁ ଏହି ଅଭିଯାନ ଅଗ୍ରସର ହେଲା। ଦୃଢ଼ ପଦକ୍ଷେପରେ ଅଗ୍ରସର ହେଉଥିବା ଆଜାଦ ହିନ୍ଦ୍ ଫୌଜ ଉପରକୁ ବ୍ରିଟିଶ ବାହିନୀ ଉଭୟ ସ୍ଥଳ ଓ ଆକାଶପଥରୁ ଆକ୍ରମଣ କରି ଇମ୍ଫାଲଠାରେ ତାଙ୍କୁ ପରାସ୍ତ କଲା। ୧୯୪୫ରେ ନେତାଜୀଙ୍କର ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ବୋଲି ଖବର ଆସିଥିଲା। ହେଲେ ଆଜି ବି ନେତାଜୀଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଛି। ତାଙ୍କର ସିଦ୍ଧାନ୍ତ ଏବଂ ଆଦର୍ଶ ଆଜି ମଧ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହୋଇଛି। ନେତାଜୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ତାଙ୍କ ଜନ୍ମଦିନକୁ 'ପରାକ୍ରମ ଦିବସ' ଭାବେ ପାଳନ କରାଯାଉଛି। ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶଭକ୍ତ ଓ ଜଣେ ଅବିସ୍ମରଣୀୟ ଯୋଦ୍ଧାଭାବେ ନେତାଜୀ ଏ ଜାତିର ଚିର ନମସ୍ୟ।




# 'ରାମାୟଣ' ପାଇଁ ପଛେଇଲା 'କିଙ୍ଗ୍'

ବଲିଉଡ୍ କିଙ୍ଗ୍ ଖାନ୍ ଶାହାରୁଖ୍ ଏବେ ତାଙ୍କ ଫିଲ୍ମ 'କିଙ୍ଗ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅନେକ ଦିନରୁ ଶାହାରୁଖ୍‌ଙ୍କ ପ୍ରଶଂସକମାନେ ଏହାର ରିଲିଜ୍ ଦିନକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଏହାର ରିଲିଜ୍‌କୁ ନେଇ ଖବର ଆସିଛି। ସିଦ୍ଧାର୍ଥ ଆନନ୍ଦ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ନିକଟରେ ସିଦ୍ଧାର୍ଥ ଏହାର ରିଲିଜ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରିଥିଲେ। ଏହାପରେ ସିଦ୍ଧାର୍ଥ 'କିଙ୍ଗ୍'କୁ ଏଇ ବର୍ଷ କ୍ରିସ୍‌ମାସ ଅବସରରେ ରିଲିଜ୍ କରାଯିବା ପାଇଁ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ନୀତେଶ ତିୱାରିଙ୍କ 'ରାମାୟଣ' ପାଇଁ ସିଦ୍ଧାର୍ଥ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। 'ରାମାୟଣ' ଓ 'କିଙ୍ଗ୍' ଉଭୟ ଫିଲ୍ମ ବକ୍ସ ଅଫିସ୍‌ରେ ଆୟ ମାମଲାରେ ରେକର୍ଡ କରିବ ବୋଲି ଆଶା କରାଯାଉଛି। 'ରାମାୟଣ'ର ପ୍ରଥମ ପାର୍ଟ ୨୦୨୬ ନଭେମ୍ବରରେ ରିଲିଜ୍ ହେଉଥିବାରୁ 'କିଙ୍ଗ୍' ଫିଲ୍ମ ନିର୍ମାତା ଉଭୟ ଫିଲ୍ମକୁ ବିଜିନେସ୍ ପାଇଁ ଯଥେଷ୍ଟ ସମୟ ମିଳୁ ବୋଲି ଇଚ୍ଛା ରଖିଛନ୍ତି। ଏହି କାରଣରୁ କ୍ରିସମାସ୍ ସମୟ 'କିଙ୍ଗ୍' ପାଇଁ ଉପଯୁକ୍ତ ସମୟ ବୋଲି ଏହାର ପ୍ରଯୋଜକ ଭାବୁଛନ୍ତି। ସବୁଠୁ ବଡ଼ କଥା ହେଲା, ଏହି ସମୟରେ ଅନ୍ୟ କୌଣସି ବଡ଼ ହିନ୍ଦୀ ଫିଲ୍ମ ମଧ୍ୟ ରିଲିଜ୍ ହେଉ ନାହିଁ। ତେବେ ଫିଲ୍ମର ରିଲିଜ୍‌କୁ ନେଇ ଖୁବ୍‌ଶୀଘ୍ର ସିଦ୍ଧାର୍ଥ ବିଧିବଦ୍ଧଭାବେ କିଛି ସୂଚନା ଦେଇପାରନ୍ତି ବୋଲି କୁହାଯାଉଛି। 'କିଙ୍ଗ୍'ରେ ଶାହାରୁଖ୍‌ଙ୍କ ସହ ଦୀପିକା ପାଦୁ୍ୟକୋନ୍, ସୁହାନା ଖାନ୍, ଅଭିଷେକ ବଚ୍ଚନ, ଅରଶଦ ୱର୍ସି ପ୍ରମୁଖ ନଜର ଆସିବେ।



# ବୀର ସୁରେନ୍ଦ୍ର ସାଏ




ଆଜି ଆସିଥିଲେ

ଭାରତୀୟ ସଶସ୍ତ୍ର ସଂଗ୍ରାମର ମହାନାୟକ ବୀର ସୁରେନ୍ଦ୍ର ସାଏଙ୍କ ଆଜି ଜନ୍ମତିଥି। ୧୮୫୭ ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରିତ୍ୱ ନେଇ ସେ ବ୍ରିଟିଶ ସରକାର ବିରୋଧରେ 'ଉଲଗୁଲାନ' (ଆନ୍ଦୋଳନ) ଆରମ୍ଭ କରିଥିଲେ। ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ଯୋଦ୍ଧା ଓ ବିଚକ୍ଷଣ ବିପ୍ଲବୀ। ୧୮୦୯ ମସିହା ଆଜିର ଦିନରେ ସୁରେନ୍ଦ୍ର ସାଏ ସମ୍ବଲପୁରଠାରୁ ୧୯ ମାଇଲ ଦୂର ଖିଣ୍ଡା ଗାଁରେ ଜନ୍ମଗ୍ରହଣ କରିଥିଲେ । ଖିଣ୍ଡାବଂଶୀୟ ଧରମ ସିଂହ ଓ ରେବତୀ ଦେବୀଙ୍କ ସାତ ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ସୁରେନ୍ଦ୍ର ସାଏ ଥିଲେ ବଡ଼ ପୁଅ। ସେ ଥିଲେ ସମ୍ବଲପୁରରେ ଚୌହାଣ ବଂଶର ଚତୁର୍ଥ ରାଜା ମଧୁକର ସାଏଙ୍କ ବଂଶଜ। ସୁରେନ୍ଦ୍ର ସାଏ ଗାଙ୍ଗପୁର ରାଜ୍ୟର ହାତିବାରୀ ଜମିଦାରଙ୍କ କନ୍ୟା ସୁବର୍ଣ୍ଣକୁମାରୀଙ୍କୁ ବିବାହ କରିଥିଲେ । ୧୮୨୭ରେ ଚୌହାଣ ବଂଶର ଶେଷ ରାଜା ନିଃସନ୍ତାନ ମହାରାଜ ସାଏଙ୍କ ମୃତ୍ୟୁ ପରେ ରାଜଗାଦିରେ ଅଧିଷ୍ଠିତ ହେବା ପାଇଁ ସୁରେନ୍ଦ୍ର ସାଏ ଥିଲେ ଯୋଗ୍ୟ ବ୍ୟକ୍ତି। ବ୍ରିଟିଶ କର୍ତ୍ତୃପକ୍ଷ କିନ୍ତୁ ନାନା ଫନ୍ଦି ଫିକର କରି ସୁରେନ୍ଦ୍ର ସାଏଙ୍କୁ ରାଜଗାଦିରୁ ଦୂରେଇ ରଖିବାରୁ ଜନ ଅସନ୍ତୋଷ ତୀବ୍ରତର ହୋଇ ସମ୍ବଲପୁର ବିପ୍ଳବର ରୂପ ନେଲା। ତାଙ୍କ ମୋଟ ଜୀବନ କାଳ ୭୫ ବର୍ଷ ମଧ୍ୟରୁ ୩୬ ବର୍ଷକାଳ ସେ କାରାଗାରରେ କାଟିଥିଲେ। ସୁରେନ୍ଦ୍ର ସାଏ ୧୮୨୭ରୁ ୧୮୪୦ ପର୍ଯ୍ୟନ୍ତ ୧୩ ବର୍ଷ ଓ ୧୮୫୭ରୁ ୧୮୬୪ ପର୍ଯ୍ୟନ୍ତ ୭ ବର୍ଷ ଏହିପରି ଦୁଇଟି ପର୍ଯ୍ୟାୟରେ ମୋଟରେ ୨୦ ବର୍ଷ ଇଂରେଜ ସରକାରଙ୍କ ବିରୁଦ୍ଧରେ ନିରବଚ୍ଛିନ୍ନ ଭାବରେ ଲଢ଼େଇ କରିଥିଲେ । ସେ ଇଂରେଜମାନଙ୍କ ମୁକାବିଲା ନିମନ୍ତେ ଗରିଲା ରଣନୀତି ଆପଣେଇ ଥିଲେ। ପାହାଡ଼ ଉପରୁ ପଥର ଖସାଇ ଇଂରେଜମାନଙ୍କ ଉପରେ ଅତର୍କିତ ଆକ୍ରମଣ କରୁଥିଲେ। ତାଲିମପ୍ରାପ୍ତ ଇଂରେଜ ସୈନ୍ୟମାନଙ୍କ ଯୁଦ୍ଧ କୌଶଳ କାମ ଦେଇ ନ ଥିଲା। ତେବେ ବିଶ୍ୱାସଘାତକତାର ଶିକାର ହୋଇଥିଲେ ସୁରେନ୍ଦ୍ର ସାଏ। ତାଙ୍କ ଜନ୍ମଦିନ ୨୩ ଜାନୁଆରି ୧୮୬୪ ରେ ହିଁ ଦ୍ୱିତୀୟ ଥର ପାଇଁ ସେ ଗିରଫ ହୋଇଥିଲେ। ଗିରଫ ସୁରେନ୍ଦ୍ର ସାଏଙ୍କୁ ମଧ୍ୟପ୍ରଦେଶର ବୁରହାନପୁର ଜିଲ୍ଲାସ୍ଥ ଅସୀରଗଡ଼ ଦୁର୍ଗରେ ବନ୍ଦୀ କରାଯାଇଥିଲା। ସେବେଠାରୁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବନ୍ଦୀ ଜୀବନ କାଟିଥିଲେ ସୁରେନ୍ଦ୍ର ସାଏ । ୧୮୮୪ ଫେବୃଆରୀ ୨୮ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ସୁରେନ୍ଦ୍ର ସାଏଙ୍କ ପରଲୋକ ହୋଇଥିଲା । ମାତୃଭୂମିକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ତାଙ୍କର ଜୀବନବ୍ୟାପୀ ପ୍ରଚେଷ୍ଟାର ତୁଳନା ନାହିଁ ।

## ସଞ୍ଜୀବନୀ

# ହେୟାର ଲାଇନ୍ ଫ୍ରାକ୍ଚର୍


**ହେୟାର ଲାଇନ୍ ଫ୍ରାକ୍ଚର୍‌କୁ ଡାକ୍ତରୀ ଭାଷାରେ ଷ୍ଟ୍ରେସ୍ ଫ୍ରାକ୍ଚର୍ କୁହାଯାଏ। ଏଥିରେ ଅସ୍ଥି ଭାଙ୍ଗି ନ ଥାଏ ବରଂ କେଶ ପରି ପତଳାର କ୍ରାକ୍ ବା ଫାଟ ହୋଇଥାଏ। ଚିକିତ୍ସାରେ ଅବହେଳା ହେଲେ ଭବିଷ୍ୟତରେ ଫ୍ରାକ୍ଚର୍ ହେବା ଆଶଙ୍କା ବଢ଼ିପାରେ।**



ଅଚାନକ ପାଦ ମଚକି ଯିବା, ପାଦ ଝିମ୍‌ଝିମ୍ ଲାଗିବା, ପାଦରେ ଚାପ, ଦୌଡ଼ିବା କିମ୍ବା ଡିଆଁଡେଇଁ ଦ୍ୱାରା ହାଡରେ ସୂକ୍ଷ୍ମ ଫାଟ ଆସିପାରେ। ଏହାବାଦ୍ ଭୁଲ୍ ଶୈଳୀରେ ବ୍ୟାୟାମ, ସଠିକ୍ ଜୋତା ନ ପିନ୍ଧିବା, ଦୁର୍ବଳ ଅସ୍ଥି କିମ୍ବା ଖାବଡ଼ା ଭୂମିରେ ଚାଲିବା ଦ୍ୱାରା ଏହି ରୋଗ ହୋଇପାରେ। ଏହି ରୋଗ ହେଲେ ପାଦରେ ଯନ୍ତ୍ରଣା ହୁଏ। ତଳେ ପାଦ ରଖିବାରେ କଷ୍ଟ, ଫ୍ରାକ୍ଚର୍ ସ୍ଥାନଟି ଫୁଲିଯିବା ଓ ସେଠାରେ ଆଘାତ ନଜର ଆସିବା ଆଦି ଲକ୍ଷଣ ଦେଖାଯାଏ। ହେୟାରଲାଇନ୍ ଫ୍ରାକ୍ଚର୍‌ରେ ଡାକ୍ତର ମୋଟା ପଟି କିମ୍ବା ପ୍ଲାଷ୍ଟର ଲଗାନ୍ତି। ଫ୍ରାକ୍ଚର୍ ସ୍ଥାନକୁ ଆରାମ ଦେବା ସହିତ ବରଫ ଘସିବା ଦ୍ୱାରା ଆରାମ ମିଳିଥାଏ। ଖାଦ୍ୟପେୟରେ କ୍ୟାଲ୍‌ସିୟମ ଏବଂ ଭିଟାମିନ୍-ଡି' ଭରପୁର ଖାଦ୍ୟ ସାମିଲ କରିବା ଦ୍ୱାରା ଅସ୍ଥି ଶକ୍ତ ହୁଏ। ସର୍ବଦା ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଆବଶ୍ୟକ।

# ଫ୍ଲେକ୍ସିବଲ୍ ରେନୋସ୍କୋପି

ବିଶୃଙ୍ଖଳିତ ଜୀବନଶୈଳୀ, କମ୍ ପାଣି ପିଇବା, କ୍ୟାଲ୍‌ସିୟମ ଓ ୟୁରିକ ଏସିଡ୍ ଉଚ୍ଚ ପରିମାଣ ଥିବା ଖାଦ୍ୟ ଅଧିକ ଖାଇଲେ କିଡ୍‌ନୀ ଷ୍ଟୋନ୍ ହେବା ଆଶଙ୍କା ଅଧିକ ଥାଏ। ଏହାଦ୍ୱାରା ଶରୀରରେ ବିଭିନ୍ନ ଲକ୍ଷଣ ଦେଖାଯାଇଥାଏ। ରୋଗୀର ଶାରୀରିକ ଅବସ୍ଥା, ପଥୁରିର ସ୍ଥିତି ଆଦିକୁ ଗୁରୁତ୍ୱ ଦେଇ ଚିକିତ୍ସା କରାଯାଇଥାଏ। ଆବଶ୍ୟକ ହେଲେ ସର୍ଜରୀ ଓ ଅନ୍ୟାନ୍ୟ ଚିକିତ୍ସା ପଦ୍ଧତିଗୁଡ଼ିକୁ ଅନୁସରଣ କରିବାକୁ ହୁଏ। ଏହିକ୍ରମରେ ଫ୍ଲେକ୍ସିବଲ୍ ରେନୋସ୍କୋପି ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି। ଏଫ୍‌ୟୁଆର୍‌ଏସ୍ ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି। ଏହାକୁ ରେଟ୍ରୋଗ୍ରେଡ ଇଣ୍ଟ୍ରାରେନଲ୍ ସର୍ଜରୀ ମଧ୍ୟ କୁହାଯାଏ। ବୃକ୍‌କର ଭିତରେ ପଥୁରି କିମ୍ବା ୟୁରେଟର୍ ଷ୍ଟୋନ ଚିହ୍ନଟ ଏବଂ ଚିକିତ୍ସା ପାଇଁ ଫ୍ଲେକ୍ସିବଲ୍ ରେନୋସ୍କୋପି ଅସ୍ତ୍ରୋପଚାର ବ୍ୟବହୃତ କରାଯାଏ। ଏହି ସର୍ଜରୀରେ ରୋଗୀଙ୍କ ଶରୀରରେ କଣା କରିବାକୁ ପଡ଼ି ନ ଥାଏ। ଏହି ପ୍ରକ୍ରିୟାରେ ଏକ ଫ୍ଲେକ୍ସିବଲ ୟୁରେଟେରୋସ୍କୋପ ପରିସ୍ରା ରାସ୍ତା ଦେଇ ମୂତ୍ରାଶୟ, ୟୁରେଟର ଓ ବୃକ୍‌କର ଭିତରକୁ ପ୍ରବେଶ କରି ଏବଂ ଲେଜର ବ୍ୟବହାର କରି ପଥୁରିକୁ ଗୁଣ୍ଡ କରି କାଢ଼ି ଦିଆଯାଏ। ବିନା କଣାରେ ପଥୁରି ଅସ୍ତ୍ରୋପଚାର ହୁଏ। ଫଳରେ ରୋଗୀକୁ ହସ୍‌ପିଟାଲରୁ ଶୀଘ୍ର ଛଡ଼ାଯାଇଥାଏ। ଏଥିରେ କମ୍ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯିବା ସହ ରକ୍ତ କ୍ଷୟ କମ୍ ସମ୍ଭାବନା ଥାଏ। ତେବେ ଅସ୍ତ୍ରୋପଚାର ପରେ ପୀଡ଼ିତ ଡାକ୍ତରଙ୍କ ପରାମର୍ଶ ନେବା ନିତାନ୍ତ ଜରୁରି।




# ପ୍ରଦୂଷଣ ପ୍ରତିହତକାରୀ ଖାଦ୍ୟ

ବର୍ତ୍ତମାନ ଦେଶର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣମାତ୍ରା ଖରାପସ୍ତରରେ ପହଞ୍ଚିଛି। ପ୍ରଦୂଷଣ ବୃଦ୍ଧି ଯୋଗୁ ରୋଗପ୍ରତିରୋଧକଶକ୍ତି ଦୁର୍ବଳ ହୁଏ। ଆଜ୍‌ମା, ହରମୋନ୍ ଅସନ୍ତୁଳନ, ହୃଦ୍‌ରୋଗ ଆଦି ରୋଗ ସୃଷ୍ଟି ହୁଏ। ତେଣୁ ଖାଦ୍ୟପେୟ ପ୍ରତି ଧ୍ୟାନ ଦେଇ ଫିଟ୍ ରହିପାରିବେ। ହଳଦୀର ଉପକାରୀ ତତ୍ତ୍ୱ ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ସଂକ୍ରମଣରୁ ରକ୍ଷା କରିଥାଏ। ଯକୃତରୁ ବିଷାକ୍ତ ପଦାର୍ଥ ବାହାର କରିବାକୁ ଚିକିତ୍ସକଙ୍କ ପରାମର୍ଶରେ ରସୁଣ ଖାଇ ପାରିବେ। ଚର୍ମ ଜନିତ ସମସ୍ୟା ଦୂର ପାଇଁ ପିତା ଖାଦ୍ୟ ସେବନ ଜରୁରି। ସେହିପରି ଖାଦ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଦୈନିକ ଖାଦ୍ୟରେ ପ୍ରଦୂଷଣ ପ୍ରତିହତକାରୀ ଖାଦ୍ୟ ଯଥା- ଅଁଳା, ପିଜୁଳି, କମଳା, ଅମୃତଭଣ୍ଡା, ବିଟ୍, ଶ୍ରୀଅନ୍ନ -ମାଣ୍ଡିଆ, ଗାଜର, ଅଦା, ବ୍ରୋକଲି, ଟମାଟୋ, ଡ୍ରାଏଫ୍ରୁଟ୍‌ସ, ପାଳଙ୍ଗ, ମେଥି, ସାଲମନ ଆଦି ସାମିଲ କରିବା ଜରୁରି। ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପାନ ମଧ୍ୟ ହିତକର। ପାଣି ସହିତ ପଇଡ଼, ଜୁସ୍ ପିଇ ପାରିବେ। ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପ୍ରତି ହିତକର।



# ସିଭିଆଇକୁ ବୁଝିବା ପିତାମାତାଙ୍କ କର୍ତ୍ତବ୍ୟ

**ଶିଶୁମାନଙ୍କ ଦୃଷ୍ଟିଶକ୍ତି ସମସ୍ୟାର ଅନ୍ୟତମ ପ୍ରମୁଖ କାରଣ ହେଉଛି କର୍ଟିକାଲ୍/ ସେରେବ୍ରାଲ୍ ଭିଜୁଆଲ୍ ଇମ୍ପେୟାରମେଣ୍ଟ (ସିଭିଆଇ)। ଏହା ସାଧାରଣ ଚକ୍ଷୁ ରୋଗ ପରି ନୁହେଁ। ମସ୍ତିଷ୍କର ଦୃଶ୍ୟ ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷତି ହେବା ଯୋଗୁ ଏହି ରୋଗ ହୁଏ। ଅନେକ କ୍ଷେତ୍ରରେ ଶିଶୁର ଚକ୍ଷୁ ସୁସ୍ଥ ଏବଂ ସ୍ୱାଭାବିକ ଦେଖାଯାଇପାରେ, ତଥାପି ଶିଶୁଟି ଦୈନନ୍ଦିନ ଜୀବନରେ ଭଲ ଭାବରେ ଦେଖିବା, ବୁଝିବା କିମ୍ବା ଦେଖିଚାହିଁ କାର୍ଯ୍ୟ କରିବାକୁ ଅସୁବିଧାରେ ପଡ଼ିଥାଏ। ଜନ୍ମ ପୂର୍ବରୁ, ଜନ୍ମ ସମୟରେ କିମ୍ବା ଜନ୍ମ ପରେ ପରେ ମସ୍ତିଷ୍କରେ ଆଘାତ ଯୋଗୁଁ ସିଭିଆଇ ବାଧିତ ହୋଇପାରେ।**



**କାରଣ:** ସାଧାରଣ କାରଣଗୁଡିକ ମଧ୍ୟରେ ମସ୍ତିଷ୍କକୁ ଅମ୍ଳଜାନ କିମ୍ବା ରକ୍ତ ଯୋଗାଣର ଅଭାବ, ମସ୍ତିଷ୍କରେ ତରଳ ପଦାର୍ଥ ଜମା, ସଂକ୍ରମଣ ଯାହା ମସ୍ତିଷ୍କ ପର୍ଯ୍ୟନ୍ତ ପହଂଚିଥାଏ, ମୁଣ୍ଡରେ ଆଘାତ, ସମୟ ପୂର୍ବରୁ ଜନ୍ମ, ଆନୁବଂଶିକ ରୋଗ, ଶରୀର ବୃଦ୍ଧିକାରୀ ରାସାୟନିକ ପ୍ରକ୍ରିୟା କିମ୍ବା କ୍ରୋମୋଜୋମ୍ ସମ୍ବନ୍ଧୀୟ ଅବସ୍ଥା ଆଦି ଅନ୍ତର୍ଭୁକ୍ତ।

**ଲକ୍ଷଣ:** ସିଭିଆଇ ବା ମସ୍ତିଷ୍କ ଦୃଷ୍ଟି ବାଧିତ ରୋଗ ହେଲେ ଶିଶୁମାନେ ଦେଖୁଥିବା ଜିନିଷ ଉପରେ ପ୍ରତିକ୍ରିୟା ଦେବାକୁ ସମୟ ନିଅନ୍ତି, କେବଳ ସାମ୍ନାର ରହିଥିବା ସାମଗ୍ରୀ ଦେଖିପାରନ୍ତି, ମୁହଁ ଏବଂ ବସ୍ତୁଗୁଡ଼ିକୁ ଚିହ୍ନିବାରେ ଅସୁବିଧା ଭୋଗନ୍ତି। ଅସଜଡ଼ାଭାବେ ଜିନିଷକୁ ଚିହ୍ନିବାରେ ଅସୁବିଧା ହୁଏ। ଗତିଶୀଳ ବସ୍ତୁକୁ ସହଜରେ ଲକ୍ଷ୍ୟ କରନ୍ତି। ସେମାନେ ପ୍ରାନ୍ତ ଦୃଷ୍ଟିକୋଣରେ ଦେଖିବାକୁ ପସନ୍ଦ କରନ୍ତି। ଆଲୋକ ପ୍ରତି ସମ୍ବେଦନଶୀଳ ହୁଅନ୍ତି। ନିର୍ଦ୍ଦିଷ୍ଟ ରଙ୍ଗକୁ ପସନ୍ଦ କରନ୍ତି। ତେଣୁ ଶରୀର ବିକଶିତ ହେବାରେ ବିଳମ୍ବ, ଶିଶୁଠାରେ ଅସ୍ୱାଭାବିକ ଭାବେ ଦେଖିବାର ଆଚରଣ ସହିତ ଉପରୋକ୍ତ ଲକ୍ଷଣ ଦେଖାଦେଲେ ପିତାମାତାମାନେ ଏଥିପ୍ରତି ଧ୍ୟାନ ଦେଇ ରୋଗ ନିର୍ଣ୍ଣୟ ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। ସିଭିଆଇ ବା ମସ୍ତିଷ୍କ ଦୃଷ୍ଟି ବାଧିତ ରୋଗ ନିରୂପଣ ଏକ ବିଳମ୍ବିତ ପ୍ରକ୍ରିୟା। ଅଧିକାଂଶ କ୍ଷେତ୍ରରେ ଶିଶୁ ଚାଲିବା ଆରମ୍ଭ ଅବସ୍ଥାରେ କିମ୍ବା ପରେ ଏହି ରୋଗ ଚିହ୍ନଟ ହୁଏ।

**ପ୍ରତିକାର:** ବିଶେଷଜ୍ଞ ଡାକ୍ତରମାନେ ନିର୍ଦ୍ଦିଷ୍ଟ ଭାବେ ସ୍ପିଚ୍ ଏବଂ ଲାଙ୍ଗୁଏଜ୍ ଥେରାପି, ଫିଜିଓଥେରାପି, ଅକୁପେସନାଲ୍ ଥେରାପି, କଗ୍ନିଟିଭ୍ ଡେଭେଲପମେଂଟ ସପୋର୍ଟ, ଏବଂ ବିହେଭିଅରାଲ୍ ଥେରାପି ଭଳି ସହଯୋଗୀ ସେବା ସହିତ ବ୍ୟକ୍ତିଗତ ହସ୍ତକ୍ଷେପ ଯୋଜନା ପ୍ରଦାନ କରନ୍ତି। ସିଭିଆଇ ପୀଡ଼ିତ ଅନେକ ପିଲା ଠିକ ଭାବେ ମନଯୋଗୀ ନ ହେବା କିମ୍ବା ଶିଖିବାରେ ଅସୁବିଧା ଭୋଗନ୍ତି ବୋଲି ଭୁଲ ବୁଝାଯାଏ। ଦୃଷ୍ଟିଶକ୍ତି ସମସ୍ୟାଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରିବା ଦ୍ୱାରା ସେମାନଙ୍କର ଶିଖିବା, ପାରସ୍ପରିକ କ୍ରିୟା କରିବା ଏବଂ ଉନ୍ନତି କରିବାର କ୍ଷମତାକୁ ପରିବର୍ତ୍ତନ କରାଯାଇପାରିବ।

- ମିତାରାଣୀ ନାୟକ
ପୁନର୍ବାସ ଚିକିତ୍ସକ
ମିଠୁ ତୁଳସୀ ଚାନରାଇ କ୍ୟାମ୍ପସ

# ହୃଦ୍ ରୋଗରେ ଅର୍ଜୁନ ଗଛର ଉପକାରିତା

ଡାକ୍ତର ପ୍ରଦୀପ କୁମାର ମିଶ୍ର

**ଅର୍ଜୁନ ଗଛର ପତ୍ର ଓ ଛାଲି ଔଷଧାର୍ଥେ ବ୍ୟବହାର ହୋଇଥାଏ। ଏହା କଷାୟରସଯୁକ୍ତ ଉଷ୍ଣବୀର୍ଯ୍ୟ ଅଟେ।**

- ଅର୍ଜୁନ ଛାଲିର ଚୂର୍ଣ୍ଣ ଏକରୁ ତିନିଗ୍ରାମ ମାତ୍ରାରେ ଦିନକୁ ଦୁଇବେଳା ସେବନ କଲେ ହୃଦ୍ ରୋଗରେ ଉପକାର ହୁଏ।
- ଅର୍ଜୁନ ଛାଲି ୨୦ ଗ୍ରାମ୍, ଗାଈଦୁଗ୍ଧ ୧୬୦ମିଲି ଏବଂ ଜଳ ୬୪୦ମିଲି ଏକତ୍ର ଯଥାବିଧି ପାକ କରି ଦୁଗ୍ଧାବଶେଷ ରଖି ଛାଣି ପାନ କଲେ ହୃଦ୍‌ରୋଗରେ ବିଶେଷ ଉପକାର ହୁଏ। (ଚକ୍ରଦତ୍ତ)
- ମକଚି ଯାଇଥିବା ସ୍ଥାନରେ ଅର୍ଜୁନ ଛାଲି ବାଟି ଲେପ ଦେଲେ ଉପକାର ହୁଏ।
- ଅର୍ଜୁନ ଛାଲି ବାଟି ସେଥିରେ ମହୁ ମିଶାଇ ମୁଖରେ ଲେପନ କରି ଅଧଘଣ୍ଟା ପରେ ଧୋଇ ଦେଲେ ତ୍ୱଚାର କଳାଦାଗ କମିଥାଏ।
- ଅର୍ଜୁନ ଛାଲି ଚୂର୍ଣ୍ଣକୁ ବାସଙ୍ଗ ପତ୍ର ରସରେ ସାତ ଥର ଭାବନା ଦେଇ ଏହି ଚୂର୍ଣ୍ଣକୁ ଏକଗ୍ରାମ୍ ମାତ୍ରାରେ ଘିଅ, ମହୁ ଓ ମିଶ୍ରି ସହିତ ସେବନ କଲେ କ୍ଷୟ କାଶ ଓ ପୁରାତନ କାଶରେ ଉପକାର ହୁଏ।

ମାଛରଙ୍ଗା, ସିଂଲା, ବାଲେଶ୍ୱର

# ଚୂଡ଼ାନ୍ତ ନିଷ୍ପତ୍ତି | ଭାରତରେ ବିଶ୍ୱକପ୍ ଖେଳିବନି ବାଂଲାଦେଶ

**ଦୁବାଇ,ଢାକା,୨୨।୧(ଏଜେନ୍ସି):** ଖେଳାଳିମାନଙ୍କ ଜୀବନ ପ୍ରତି ଥିବା ବିପଦ, ଦୁଇ ଦେଶର ରାଜନୈତିକ ଓ କୁଟନୈତିକ ସ୍ତରରେ ଉତ୍ତେଜନାମୂଳକ ସମ୍ପର୍କ ଲାଗି ଭାରତରେ ଟି-୨୦ ବିଶ୍ୱକପ ଖେଳିବ ନାହିଁ ବୋଲି ବାଂଲାଦେଶ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ ବୁଲବୁଲ୍ ସାମ୍ବାଦିକ ସମ୍ମିଳନୀ କରି ଘୋଷଣା କରିଛନ୍ତି ଓ ଆଇସିସିକୁ ଜଣାଇଦେଇଛନ୍ତି। ଏବେ ବାଂଲାଦେଶ ଟି-୨୦ ବିଶ୍ୱକପ୍‌ରେ ଖେଳିବ କି ନାହିଁ ତାହା ଆଇସିସି ନିଷ୍ପତ୍ତି ନେବ। ବାଂଲାଦେଶ ତାହାର ନିଷ୍ପତ୍ତି ଜଣାଇବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ ସହ ଆଇସିସିର ଗୁରୁତ୍ୱପୂର୍ଣ୍ଣ ବୈଠକ ଚାଲିଛି। ଏହା ପରେ ବାଂଲାଦେଶ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଆଇସିସି ସୂତ୍ରରୁ ଜଣାଯାଇଛି। ବାଂଲାଦେଶକୁ ଯଦି ଆଇସିସି ବିଶ୍ୱକପ୍‌ରୁ ବହିଷ୍କୃତ କରେ, ତେବେ ସ୍କଟଲାଣ୍ଡକୁ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ।

ଆଇପିଏଲ୍‌ରୁ ମୁସ୍ତାଫିଜୁର ରହେମାନଙ୍କୁ ବିଦା କରିବା ପରେ ଭାରତରେ ବାଂଲାଦେଶ ଖେଳାଳିଙ୍କ ଜୀବନପ୍ରତି ସୃଷ୍ଟି ହୋଇଥିଲା ବିପଦ। ଏଥିଲାଗି ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶର ଗ୍ରୁପ୍-ସି' ମ୍ୟାଚ୍‌ଗୁଡ଼ିକୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରିଥିଲା। କିନ୍ତୁ ବାଂଲାଦେଶର ଏପରି ଅନୁରୋଧକୁ ଗତକାଲି ଆଇସିସିର ଶକ୍ତିଶାଳୀ କାର୍ଯ୍ୟନିର୍ବାହୀ ବୋର୍ଡ ପ୍ରତ୍ୟାଖାନ କରିଥିଲା। ଏହା ସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭାରତରେ ବିଶ୍ୱକପ୍ ଖେଳିବ କି ନାହିଁ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଆଇସିସି ପକ୍ଷରୁ ଚରମବାଣୀ ଦିଆଯାଇଥିଲା। ଏଥିରେ ବାଂଲା ସରକାର କିମ୍ବା କ୍ରିକେଟ ବୋର୍ଡ ଆଦୌ ବିଚଳିତ ନ ହୋଇ ଭାରତରେ ବିଶ୍ୱକପ୍ ଖେଳିବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଦେଇଥିଲା।



## ବ୍ୟାପକ କ୍ଷତି

ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶ ଅଂଶଗ୍ରହଣ ନ କଲେ, ଖେଳାଳି, ବୋର୍ଡ ଓ ପ୍ରାୟୋଜକଙ୍କର ବ୍ୟାପକ କ୍ଷତି ହେବ। ଆଇସିସି ଟୁର୍ଣ୍ଣାମେଣ୍ଟ ପରେ ପାଇବାକୁ ଥିବା ଅନୁଦାନରେ କାଣ୍ଟଛାଣ୍ଟ ହେବ ନାହିଁ। ୨୦୨୭ ଯାଏ ଏପରି କରାଯିବାକୁ ନିଷ୍ପତ୍ତି ହୋଇଛି। ଫଳରେ ବାଂଲା କ୍ରିକେଟ ବୋର୍ଡର କୌଣସି କ୍ଷତି ହେବ ନାହିଁ। କିନ୍ତୁ ଦଳକୁ ମିଳିବାକୁ ଥିବା ୫ କୋଟି ଟଙ୍କାର ଅଂଶଗ୍ରହଣକାରୀ ଫି' ମିଳିବ ନାହିଁ। ଖେଳାଳିମାନେ ମ୍ୟାଚ୍ ଫି' ପାଇବେ ନାହିଁ, ପୁରସ୍କାର ରାଶି ମିଳିବ ନାହିଁ ଓ ପ୍ରାୟୋଜକଙ୍କଠାରୁ ମଧ୍ୟ ଦିଆଯାଉଥିବା ଅର୍ଥ ଦିଆଯିବ ନାହିଁ। ବାଂଲାଦେଶରେ ବହୁତ କ୍ରିକେଟ ସମର୍ଥକ ରହିଛନ୍ତି। ବାଂଲାଦେଶକୁ ବିଦା କରିବା ପରେ ସେଠାରେ ଦର୍ଶକ ସଂଖ୍ୟା ନିଶ୍ଚିତଭାବେ କମିଯିବ। ସବୁଠାରୁ ବଡ଼ କଥା ହେଲା, ଖେଳାଳିମାନଙ୍କ ବ୍ୟକ୍ତିଗତ ପ୍ରାୟୋଜକ। ବାଂଲା ଦଳର ଅଧାଡଜନେରୁ ଅଧିକ ଖେଳାଳି ଭାରତୀୟ କମ୍ପାନିଗୁଡ଼ିକ ସହ ଚୁକ୍ତିବଦ୍ଧ ଅଛନ୍ତି। ଏଣୁ ଏମାନଙ୍କ ଉପରେ ସୁଦୂର ପ୍ରସାରୀ ପ୍ରଭାବ ପଡ଼ିବା ନିଶ୍ଚିତ। ଏପରି କି ଭବିଷ୍ୟତରେ ସେମାନଙ୍କୁ ପ୍ରାୟୋଜନ ସଂସ୍ଥା ଚୁକ୍ତିବଦ୍ଧ କରିବାକୁ ନିଶ୍ଚିତ ଅନିଚ୍ଛା ପ୍ରକାଶ କରିବା ସ୍ପଷ୍ଟ ଭାବେ ଜଣାପଡୁଛି। ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ ଖେଳ ହେବ। ଏଠାରେ ନିଶ୍ଚିତଭାବେ କ୍ରିକେଟ କ୍ଷତିଗ୍ରସ୍ତ ହେବ ବୋଲି ଆକଳନ କରାଯାଇଛି।

## ଆଇସିସି ଟୁର୍ଣ୍ଣାମେଣ୍ଟରେ ଖେଳି ନ ଥିବା ଦଳ

- ୧୯୯୬ ଦିନିକିଆ ବିଶ୍ୱକପ୍: ଶ୍ରୀଲଙ୍କାରେ ଖେଳିବାକୁ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ଓହରିଲେ। ଶ୍ରୀଲଙ୍କାରେ ଅରାଜକତା ଓ ବୋମା ବିସ୍ଫୋରଣ ଥିଲା ମୁଖ୍ୟ କାରଣ।
- ୨୦୦୩ ଦିନିକିଆ ବିଶ୍ୱକପ୍: ଜିମ୍ବାୱେରେ ଇଂଲଣ୍ଡ ଓ କେନିଆରେ ନ୍ୟୁଜିଲାଣ୍ଡ ଖେଳିବାକୁ ମନାକରିଥିଲେ। ନୀତିଗତ ନିଷ୍ପତ୍ତି ଯୋଗୁଁ ଏହି ଦୁଇ ଦେଶ ବିଶ୍ୱକପ୍ ଖେଳିବାକୁ ଯାଇ ନ ଥିଲେ।



- ୨୦୦୯ ଟି-୨୦ ବିଶ୍ୱକପ୍: ଜିମ୍ବାୱେ ରାଷ୍ଟ୍ରପତି ରବର୍ଟ ମୁଗାବେଙ୍କ ସହ ଇଂଲଣ୍ଡର ରାଜନୈତିକ ଉତ୍ତେଜନା ରହିଥିଲା। ଫଳରେ ଇଂଲଣ୍ଡରେ ଖେଳିବାକୁ ଜିମ୍ବାୱେ ଓହରିଯାଇଥିଲା।
- ୨୦୦୯ ୧୯ ବର୍ଷରୁ କମ୍ ବିଶ୍ୱକପ୍: ବାଂଲାଦେଶରେ ଅସ୍ଥିରତା ଓ ଅରାଜକତା ଯୋଗୁ ଅଷ୍ଟ୍ରେଲିଆ ଅଧାରୁ ଦ୍ୱିପାକ୍ଷିକ ସିରିଜ୍ ନ ଖେଳି ସ୍ୱଦେଶ ଫେରିଥିଲା। ଏହିବର୍ଷ ବାଂଲାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରୁ ମଧ୍ୟ ଅଷ୍ଟ୍ରେଲିଆ ଓହରିଯାଇଥିଲା।
- ୨୦୨୫ ଚାମ୍ପିଅନ୍ସ ଟ୍ରଫି: ୨୯ ବର୍ଷ ପରେ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ରୂପରେ ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ସୁଯୋଗ ପାଇଥିଲା। କିନ୍ତୁ ୨୦୦୮ ରୁ ପାକିସ୍ତାନରେ ଖେଳିବାକୁ ଯାଇ ନ ଥିବା ଭାରତ ସେଠାରେ ଖେଳିବ ନାହିଁ ବୋଲି ମନା କରିଦେଇଥିଲା। ଏହା ପରେ ଦୁବାଇରେ ଭାରତ ସମସ୍ତ ମ୍ୟାଚ୍ ଖେଳିଥିଲା।

## ରାୟପୁରରେ ଆଜି ଦ୍ୱିତୀୟ ଟି-୨୦

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ



**ରାୟପୁର, ୨୨।୧ (ଏଜେନ୍ସି):** ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଏଠାରେ ଆସନ୍ତାକାଲି ବା ଶୁକ୍ରବାର ଖେଳାଯିବ। ଏହି ମୁକାବିଲା ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଦିନ ପୂର୍ବରୁ ନାଗପୁରଠାରେ ଅନୁଷ୍ଠିତ ପ୍ରଥମ ମୁକାବିଲାରେ ଭାରତର ପାୱାରଫୁଲ ବ୍ୟାଟିଂ ଆଗରେ ହାର ମାନିଥିଲା ନ୍ୟୁଜିଲାଣ୍ଡ। ଏହାର ଅର୍ଥ ନୁହେଁ ଯେ ଏହି ବ୍ୟାଟରମାନେ ଦ୍ୱିତୀୟ ମୁକାବିଲାରେ ମଧ୍ୟ ସଫଳ ହେବେ। କିନ୍ତୁ ଯେଉଁ ଦୁଇ ଖେଳାଳିଙ୍କ ଉପରେ ନଜର ରହିଛି, ସେମାନେ ପ୍ରଥମ ଟି-୨୦ରେ ଫେଲ୍ ମାରିଥିଲେ। ଓପନର ସଞ୍ଜୁ ସାମସନ ୧୦ ଓ ନଂ-୩ରେ ଇସାନ କିଶାନ ୮ ରନ୍ କରିଥିଲେ। ଅଭିଷେକ ଶର୍ମାଙ୍କ ୩୫ ବଲ୍‌ରେ ୮୪ ଓ ରିଙ୍କୁ ସିଂଙ୍କ ୨୦ ବଲ୍‌ରୁ ୪୪ ରନ୍‌ର ବିସ୍ଫୋରକ ବ୍ୟାଟିଂ ସାଙ୍ଗକୁ ବରୁଣ ଚକ୍ରବର୍ତ୍ତୀ ଓ ଅନ୍ୟମାନଙ୍କ ଦ୍ୱାରା ଚେକ୍‌ମେଟ ହୋଇଛନ୍ତି। ଭାରତ ନିକଟରେ ଏକାଧିକ ସୁପରପାୱାର ବ୍ୟାଟର ରହିଛନ୍ତି। ଯାହା ଫଳରେ ଭାରତ ଜଣେ କିମ୍ବା ଦୁଇଜଣଙ୍କ ଉପରେ ନିର୍ଭର କରୁନାହିଁ।

ଏହାର ଅର୍ଥ ନୁହେଁ ଯେ ନ୍ୟୁଜିଲାଣ୍ଡ ବିନା ଲଢ଼େଇରେ ଏହି ସିରିଜ୍ ହାରିଯିବ। ଭାରତୀୟ ସ୍ପିନରଙ୍କୁ ଉଭୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରେ ଫ୍ଲପ୍ କରିଦେଇଥିବା ନ୍ୟୁଜିଲାଣ୍ଡ ବ୍ୟାଟର ଗୋଟିଏ ସୁଯୋଗକୁ ଅପେକ୍ଷା କରିଛନ୍ତି। ଦଳ ନିକଟରେ ବିସ୍ଫୋରକ ବ୍ୟାଟର ରହିଛନ୍ତି। ଭାରତୀୟ ପିଚ୍‌ରେ ସଫଳ ହୋଇଥିବା ବୋଲର ମଧ୍ୟ ରହିଛନ୍ତି। ଟି-୨୦ ବିଶ୍ୱକପ୍ ଖେଳିବାକୁ ମନୋନୀତ ଦଳ ଏଠାରେ ଖେଳୁଛି। ଆସନ୍ତାକାଲି ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଏହି ଦଳ ଯେ ପ୍ରତ୍ୟାବର୍ତ୍ତନ ନ କରିବ ତାହା କହିବା କଷ୍ଟକର। ସେ ଯାହା ହେଉ ଟି-୨୦ ଫର୍ମାଟରେ ଆଉ ଏକ ଧମାକାଦାର ବ୍ୟାଟିଂରେ ରାୟପୁର ଷ୍ଟାଡିୟମ୍‌ରେ ଦେଖିବାକୁ ମିଳିବ ଏଥିରେ ସନ୍ଦେହର ଅବକାଶ ନାହିଁ।

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## ସିନ୍ଧୁଙ୍କ ୫୦୦ତମ ବିଜୟ

**ଜାକର୍ତ୍ତା, ୨୨।୧ (ଏଜେନ୍ସି):** ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ତାଙ୍କ କ୍ୟାରିୟରର ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ବିଶ୍ୱର ୬ଷ୍ଠ ତଥା ଭାରତର ପ୍ରଥମ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ୩୦ ବର୍ଷୀୟା ସିନ୍ଧୁ ୫୦୦ ସିଙ୍ଗଲ୍ସ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଠାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଅବସରରେ ସିନ୍ଧୁ ଏହି ସଫଳତା ପାଇଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସର ଏକ ମ୍ୟାଚରେ ସିନ୍ଧୁ ୨୧-୧୯, ୨୧-୧୮ ସିଧାସଳଖ ଗେମରେ ଡେନମାର୍କର ଫୋଏ ଲିନ ଜାଏର୍ଫେଲ୍ଡ୍‌ଟଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ ଜିତିବାକୁ ସିନ୍ଧୁଙ୍କୁ ୪୩ ମିନିଟ୍ ସମୟ ଲାଗିଥିଲା। ସିନ୍ଧୁଙ୍କ କ୍ୟାରିୟରର ଏହା ୫୦୦ତମ ସିଙ୍ଗଲ୍ସ ବିଜୟ ଥିଲା। ବର୍ତ୍ତମାନ ସୁଦ୍ଧା ସିନ୍ଧୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ୭୩୨ ମ୍ୟାଚ୍ ଖେଳିସାରିଛନ୍ତି। ତାଙ୍କର ବିଜୟ ପ୍ରତିଶତ ୬୮.୩ ରହିଛି। ସିନ୍ଧୁଙ୍କ ପୂର୍ବରୁ ଉଭୟ ପୁରୁଷ ଓ ମହିଳା ବର୍ଗରେ କୌଣସି ଭାରତୀୟ ଖେଳାଳି ଏହି ମାଇଲଖୁଣ୍ଟ ହାସଲ କରିନାହାନ୍ତି।



## ମେଘାଳୟ ଠାରୁ ହାରିଲା ଓଡ଼ିଶା

**କଟକ,୨୨।୧(ସମିସ):** ୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଆସାମର ଶିଳାପଥର ଫୁଟବଲ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଲିଗ୍‌ରେ ଓଡ଼ିଶା ୦-୧ ଗୋଲରେ ମେଘାଳୟ ଠାରୁ ପରାସ୍ତ ହୋଇଛି। ମେଘାଳୟର ମିଲଫିଲ୍ଡର ଏମ ବେବି ୨୩ତମ ମିନିଟରେ ଗୋଲ ସ୍କୋର କରି ଦଳକୁ ପ୍ରଥମାର୍ଦ୍ଧରେ ଆଗୁଆ ରଖିଥିଲେ। ଖେଳର ଅବଶିଷ୍ଟ ସମୟରେ ଓଡ଼ିଶା ଗୋଲ ସୁଝାଇବାରେ ବିଫଳ ହେବା ସହ ଲିଗ୍ ଆରମ୍ଭରୁ ପରାଜୟର ସମ୍ମୁଖୀନ ହୋଇଥିଲା। ଆସନ୍ତା ୨୪ରେ ସର୍ଭିସେସ ବିପକ୍ଷରେ ଦଳ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଜାଏଣ୍ଟ୍‌ସର ବ୍ୟାଟିଂ ବିପର୍ଯ୍ୟୟ

**ଭଦୋଦରା, ୨୨।୧ (ଏଜେନ୍ସି):** ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୧୪ତମ ମ୍ୟାଚରେ ଗୁରୁବାର ୟୁପି ୱାରିୟର୍ଜ ଓ ଗୁଜରାଟ ଜାଏଣ୍ଟ୍‌ସ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମ ୧୦ ଓଭର ମଧ୍ୟରେ ଗୁଜରାଟ ୭୧ ରନରେ ଓପନର ଡାନି ୱାଟ୍-ହଜ୍ (୧୪ ରନ), ଅଧିନାୟିକା ଆସଲେ ଗାର୍ଡନର (୫) ଓ ଅନୁଷ୍କା ଶର୍ମା (୧୪ ରନ)ଙ୍କ ୱିକେଟ୍ ହରାଇ ବ୍ୟାକ୍‌ଫୁଟ୍‌ରେ ପଡ଼ିଥିଲା। ତେବେ ମଧ୍ୟକ୍ରମରେ ଅଭିଜ୍ଞ ସୋଫି ଡିଭାଇନ ଓ ବେଥ୍ ମୁନୀ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ସ୍ଥିତି ସମ୍ଭାଳିଥିଲେ। ରିପୋର୍ଟ ଲେଖା ହେଲାବେଳକୁ ଗୁଜରାଟ ୧୬ ଓଭରରେ ୫ ୱିକେଟ ହରାଇ ୧୧୧ ରନ ସଂଗ୍ରହ କରିଛି।

## ଅଷ୍ଟ୍ରେଲିଆନ୍ ଓପନ୍ / ତୃତୀୟ ରାଉଣ୍ଡ ୪୦ ବର୍ଷୀୟ ୱାରିଙ୍କା

**ମେଲବୋର୍ଣ୍ଣ, ୨୨।୧ (ଏଜେନ୍ସି):** ପୂର୍ବତନ ଚାମ୍ପିଅନ ଷ୍ଟାନ ୱାରିଙ୍କା ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ସୁଇସ ତାରକା ୱାରିଙ୍କା ୪-୬, ୬-୩, ୩-୬, ୭-୫, ୭-୬ (୩) ସେଟ୍‌ରେ ଫ୍ରାନ୍ସ କ୍ୱାଲିଫାୟର ଆର୍ଥର ଗେଁଙ୍କୁ ପରାସ୍ତ କରିଥିଲେ। ଏଥିସହ ବିଶ୍ୱର ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ୱାରିଙ୍କା କୌଣସି ଗ୍ରାଣ୍ଡସ୍ଲାମର ୩ୟ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୱାରିଙ୍କାଙ୍କୁ ବର୍ତ୍ତମାନ ୪୦ ବର୍ଷ ୩୧୦ ଦିନ ହୋଇଛି। ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ଭାବେ ୪୮ ବର୍ଷ ତଳେ ଅଷ୍ଟ୍ରେଲିଆର କେନ୍ ରୋସେୱାଲ ମେଲବୋର୍ଣ୍ଣ ପାର୍କରେ ୩ୟ ରାଉଣ୍ଡରେ ଖେଳିଥିଲେ। ସେତେବେଳେ ତାଙ୍କୁ ୪୪ ବର୍ଷ ହୋଇଥିଲା।



୧୦ଥରର ବିଜେତା ନୋଭାକ ଜୋକୋଭିଚ୍, ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ୯ମ ସିଡ ଆମେରିକାର ଟେଲର ଫ୍ରିଜ, ୧୨ତମ ସିଡ୍ କାସ୍ପର ରୁଡ ପ୍ରମୁଖ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ସର୍ବିଆ ତାରକା ଜୋକୋଭିଚ ୬-୩, ୬-୨, ୬-୨ ସେଟରେ ଇଟାଲୀର ଫ୍ରାନ୍ସିକୋ ମାଏଷ୍ଟ୍ରେଲିଙ୍କୁ, ଦ୍ୱିତୀୟ ସିଡ୍ ସିନର ୬-୧, ୬-୪, ୬-୨ ସେଟରେ ଘରୋଇ ଖେଳାଳି ଜେମ ଡକୱର୍ଥଙ୍କୁ ହରାଇଥିଲେ। ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ମାଡିସନ କିଜ୍, ୨ୟ ସିଡ୍ ଇଗା ସ୍ୱିଆଟେକ, ୪ର୍ଥ ସିଡ୍ ଆମଣ୍ଡା, ଆନିସିମୋଭା, ୫ମ ସିଡ୍ ଏଲିନା ରିବାକିନା, ୬ଷ୍ଠ ସିଡ୍ ଜେସିକା ପେଗୁଲା, ଦୁଇଥରର ପୂର୍ବ ଚାମ୍ପିଅନ ନାଓମି ଓସାକା, ଲିଣ୍ଡା ନୋସ୍କୋଭା ସହଜ ବିଜୟ ସହ ରାଉଣ୍ଡ-୩୨ରେ ପହଞ୍ଚିଛନ୍ତି।

## ଏଚଆଇଏଲ୍: ଆଜି କ୍ୱାଲିଫାୟର-୧ | ଫାଇନାଲ ଟିକଟ ଲକ୍ଷ୍ୟରେ କଳିଙ୍ଗ, ରୟାଲ୍ସ

**ଭୁବନେଶ୍ୱର, ୨୨।୧ (ସମିସ):** ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୭ମ ସଂସ୍କରଣର ଲିଗ୍ ପର୍ଯ୍ୟାୟ ମୁକାବିଲା ଗୁରୁବାର ଶେଷ ହୋଇଯାଇଛି। ଶୁକ୍ରବାରଠାରୁ ପ୍ଲେ-ଅଫ୍ ଅର୍ଥାତ୍ ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବ। ପଏଣ୍ଟ ଟେବଲର ଶୀର୍ଷ ଦୁଇ ସ୍ଥାନରେ ରହିଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ପ୍ରଥମ କ୍ୱାଲିଫାୟର ଖେଳାଯିବ। ସନ୍ଧ୍ୟା ୫ଟାରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚରେ ଯେଉଁ ଦଳ ବିଜୟୀ ହେବ ଜାନୁଆରୀ ୨୬ରେ ହେବାକୁ ଥିବା ଟାଇଟଲ୍ ଲଢ଼େଇ ମୁକାବିଲାକୁ ସିଧାସଳଖ ଟିକଟ୍ ହାସଲ କରିବ। ଅର୍ଥାତ୍ ଉଭୟ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ପାଇଁ କ୍ୱାଲିଫାୟର-୧ ସେମିଫାଇନାଲ ସଦୃଶ ହୋଇଛି।

ଲିଗ୍ ପର୍ଯ୍ୟାୟ ଉପରେ ନଜର ପକାଇଲେ ଭୁବନେଶ୍ୱରଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲା। ନେଦରଲାଣ୍ଡସର ଆର୍ଥର ଭାନ୍ ଡୋରେନଙ୍କ ନେତୃତ୍ୱାଧୀନ ଲାନ୍ସର୍ସ ୭ଟି ମ୍ୟାଚରୁ ୬ ବିଜୟ ଓ ଗୋଟିଏ ପରାଜୟ ସହ ୧୬ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଏପରିକି କ୍ରମାଗତ ୬ଟି ବିଜୟ ସ୍ୱାଦ ଚାଖିଥିବା କଳିଙ୍ଗ ଶେଷ ଲିଗ୍‌ରେ ୧-୨ ଗୋଲରେ ସୁରମା ହକି କ୍ଲବଠାରୁ ହାରିବା ଫଳରେ ବିଜୟଧାରାରେ ବ୍ରେକ୍ ଲାଗିଥିଲା। ଏହାସତ୍ତ୍ୱେ ଘରୋଇ ପରିବେଶରେ ଖେଳୁଥିବାରୁ କଳିଙ୍ଗ ଲାନ୍ସର୍ସକୁ ଏହି ମ୍ୟାଚରେ ଫେଭରିଟ୍ ବିବେଚନା କରାଯାଉଛି। ଶ୍ରେଷ୍ଠ ରକ୍ଷଣଭାଗ କଳିଙ୍ଗର ସବୁଠୁ ବଡ଼ ଶକ୍ତି ରହିଛି। ୭ଟି ମ୍ୟାଚରେ ଦଳ ମାତ୍ର ୮ଟି ଗୋଲ୍ ବରଣ କରିଛି। ବେଲ୍‌ଜିୟମ ଡ୍ରାଗଫ୍ଲିକର ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ୮ଟି ଗୋଲ୍ ଦେଇ ଲାନ୍ସର୍ସ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

### ଟମ୍ ବୁନ୍ ଦେଇଛନ୍ତି ୧୫ ଗୋଲ୍

ଅପରପକ୍ଷରେ ରାଞ୍ଚି ରୟାଲ୍ସ ୪ଟି ବିଜୟ ଓ ୩ଟି ପରାଜୟ ସହ ୭ଟି ଲିଗ୍‌ରୁ ୧୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଏକମାତ୍ର ଦଳ ଭାବେ ରାଞ୍ଚି ୨୫ଟି ଗୋଲ୍ ଦେଇଥିଲା। ବେଲ୍‌ଜିୟମ ଷ୍ଟ୍ରାଇକର ଟମ୍ ବୁନ୍ ରୟାଲ୍ସର ପ୍ରମୁଖ ଖେଳାଳି ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୧୫ଟି ଗୋଲ୍ ଦେଇସାରିଛନ୍ତି। ତେଣୁ କ୍ୱାଲିଫାୟର-୧ ନିଶ୍ଚିତ ଭାବେ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଶୁକ୍ରବାର ରାତି ୭ଟା ୩୦ରେ ହାଇଦରାବାଦ୍ ତୁଫାନ୍ସ ଓ ଏଚ୍‌ଆଇଏଲ୍ ଜିସି ମଧ୍ୟରେ ଏଲିମିନେଟର ମୁକାବିଲା ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## ଓଡ଼ିଶା ଓପନ ଚେସ୍ | ଅଭିଜିତ, ଏନ୍‌ଗୁଏନ ମିଳିତ ଅଗ୍ରଣୀ

**ଭୁବନେଶ୍ୱର,୨୨।୧(ସମିସ):** ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଓଡ଼ିଶା ଓପନ ଚେସ୍ ଟୁର୍ଣ୍ଣାମେଣ୍ଟର କାଟାଗୋରୀ-ଏ'ରେ ଦୁଇ ଗ୍ରାଣ୍ଡମାଷ୍ଟର ଭାରତର ଅଭିଜିତ ଗୁପ୍ତା ଓ ଭିଏତନାମ୍‌ର ଏନ୍‌ଗୁଏନ ଭାନ ହୁଏ ମିଳିତଭାବେ ଅଗ୍ରଣୀ ରହିଛନ୍ତି। ୭ମ ରାଉଣ୍ଡ ଖେଳ ଶେଷସୁଦ୍ଧା ଉଭୟ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏମାନଙ୍କ ପଛକୁ ମଧ୍ୟ ଉଭୟ ଦେଶର ଦୁଇ ଖେଳାଳି ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୁଷର ଗ୍ରାଣ୍ଡମାଷ୍ଟର ବୋରିସ୍ ସାଭେଚେଙ୍କୋ, କ୍ୟୁମାର ଆଇଏମ୍ ଡାଏସମାନି ଓଟେରୋ ଆକୋଷ୍ଟା, ବେଲାରୁଷର ଆଲେକସେଜ ଆଲେକଜାଣ୍ଡର, ରୁଷର ଗ୍ରାଣ୍ଡମାଷ୍ଟର ଭ୍ଲାଦିମିର ବୁର୍ମାକିନ୍‌ଙ୍କ ସହ ୯ଜଣ ଖେଳାଳି ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ତୃତୀୟସ୍ଥାନରେ ରହିଛନ୍ତି।

ଗତକାଲି ଆରମ୍ଭ ହୋଇଥିବା କାଟାଗୋରୀ-ସି'ରେ ୩ ରାଉଣ୍ଡ ଶେଷସୁଦ୍ଧା ୨୭ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଦାଶରଥି ସାହୁ, ଲରେନ୍ସ ପ୍ରଧାନ, ଶ୍ରୀନାଥ ଭୋଇ, ସୁରଜ ମହାରଣା, ଏସ୍ ଗୋରାଚାନ୍ଦ ରେଡ୍ଡୀ, ସିଦ୍ଧାର୍ଥ ମିଶ୍ର, ନନ୍ଦନ ରାୟ ଓ ଦୀପ୍ତିରଞ୍ଜନ ନାୟକ ରହିଛନ୍ତି।

## ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ | ଏମ୍‌ପିକୁ ହରାଇ ଓଡ଼ିଶା ଚାମ୍ପିଅନ

**ଭୁବନେଶ୍ୱର,୨୨।୧(ସମିସ):** ଓଡ଼ିଶା ମହିଳା ଦଳ ଜାତୀୟ ଦୃଷ୍ଟିବାଧିତ ଟି-୨୦ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡ ଖେଳପଡ଼ିଆରେ ଗୁରୁବାର ଅନୁଷ୍ଠିତ ଫାଇନାଲ ଖେଳରେ ଓଡ଼ିଶା ୩୨ ରନ୍‌ରେ ମଧ୍ୟପ୍ରଦେଶ (ଏମ୍‌ପି)କୁ ପରାସ୍ତ କରି ଏହି ଜାତୀୟ ଟାଇଟଲ କବ୍‌ଜା କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମହିଳା ଦଳ ୪ ୱିକେଟରେ ୧୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର ପାର୍ବତୀ ମାଣ୍ଡି ସର୍ବାଧିକ ୫୫, ଅଧିନାୟିକା ଫୁଲ ସୋରେନ୍ ୩୮ ଓ ଫର୍ମରେ ଥିବା ସୁକାନ୍ତି ଦଳପତି ୩୦ ରନ୍ କରିଥିଲେ। ଜବାବରେ ଓଡ଼ିଶା ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୪୧ ରନ୍‌ରେ ସୀମିତ ରହିଥିଲା। ଏମ୍‌ପି ପକ୍ଷରୁ ଦୁର୍ଗା ସର୍ବାଧିକ ୬୦ ଓ ସୁଷମା ପଟେଲ ୪୦ ରନ୍ କରିଥିଲେ। ଉଭୟ ମୁନି ପୂର୍ତ୍ତିଙ୍କ ଦ୍ୱାରା ଆଉଟ ହେବା ପରେ ଏମ୍‌ପି ଏହି ମ୍ୟାଚ୍ ହାରିଯାଇଥିଲା।




ଖେଳ ଶେଷରେ ଆୟୋଜିତ ଉତ୍ସବରେ ହାଇକେଟ ମେଡିକାଲ କଲେଜ ଓ ହସ୍ପିଟାଲର ଚେୟାରମ୍ୟାନ୍ ତିରୁପତି ପାଣିଗ୍ରାହୀ, ଗଜପତି ବିଧାୟକ ତଥା ମେଡିକାଲ ଏମ୍‌ଡି ରୂପେଶ ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେସନ ସିଏସ୍‌ଆର୍ ରିଷି ପଠାଣିଆ, ଜାତୀୟ ଦୃଷ୍ଟିହୀନ କ୍ରିକେଟ ମହାସଂଘ ସଭାପତି ବିଜୁ ଗୌଡ଼, ଶୈଳେନ୍ଦ୍ର ଯାଦବ, ମହିଳା ଓ ଶିଶୁ ଉନ୍ନୟନ ଚେୟାରମ୍ୟାନ୍ ମେଜର କଳ୍ପନା ଦାସ୍, କେନ୍ଦ୍ରସରକାରଙ୍କ ଦୁଇ ପଦାଧିକାରୀ ଭାସ୍କର ରାଇତୋ ଓ ବସନ୍ତ ବେହେରା, ଓଡ଼ିଶା ଦୃଷ୍ଟିବାଧିତ ସଂଘ ସଭାପତି ଜାଫର ଇକବଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଓଡ଼ିଶା ବିପକ୍ଷ ରଣଜୀ ଲଢ଼େଇ

# ୪ ଅର୍ଦ୍ଧଶତକ ବଳରେ ତାମିଲନାଡୁ ୨୮୧/୭

**ଭୁବନେଶ୍ୱର, ୨୨।୧ (ସମିସ):** ଚଳିତ ରଣଜୀ ଟ୍ରଫିର ୬ଷ୍ଠ ରାଉଣ୍ଡ ପର୍ଯ୍ୟାୟ ଖେଳ ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଏହିକ୍ରମରେ ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଏଲିଟ୍ ଗ୍ରୁପ୍-ଏ'ର ଏକ ମୁକାବିଲାରେ ଓଡ଼ିଶା ଓ ତାମିଲନାଡୁ ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ତାମିଲନାଡୁ ୪ଟି ଅର୍ଦ୍ଧଶତକୀୟ ପାଳି ବଳରେ ୭ ୱିକେଟ୍‌ରେ ୨୮୧ ରନର ସମ୍ମାନଜନକ ସ୍କୋର ଠିଆ କରାଇଛି। ଓଡ଼ିଶା ବୋଲରମାନେ ୮୩ ଓଭର ବୋଲିଂ କରି ୭ଟି ୱିକେଟ୍ ନେବାରେ ସମର୍ଥ ହୋଇଛନ୍ତି। ଭ୍ରମଣକାରୀ ତାମିଲନାଡୁ ପକ୍ଷରୁ ବାମହାତୀ ବ୍ୟାଟର୍ ପ୍ରଦୋଷ ରଞ୍ଜନ ପଲ୍ ସର୍ବାଧିକ ୭୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଅତିଶ ଏସଆର୍ ୫୦, ଆନ୍ଦ୍ରେ ସିଦ୍ଧାର୍ଥ ୫୬, ଇନଫର୍ମ ବ୍ୟାଟର ଏନ୍. ଜଗଦିଶନ ୬, ପି. ବିଦ୍ୟୁତ ୧୨, ସୋନୁ ଯାଦବ ୮ ରନ କରିଥିବାବେଳେ ଅଜିତେଶ ଗୁରୁସ୍ୱାମୀ ଖାତା ଖୋଲିପାରି ନ ଥିଲେ। ଷ୍ଟମ୍ପସବେଳକୁ ନଂ-୭ ବ୍ୟାଟର୍ ନିଧିଶ ରାଜଗୋପାଳ ୫୪ ଓ ଅଧିନାୟକ ଆର୍. ସାଇକିଶୋର ୧୨ ରନ କରି ଅପରାଜିତ ରହିଛନ୍ତି।


ଗୋବିନ୍ଦ ପୋଦ୍ଦାର: ୨/୮୫


ରାଜେଶ ମହାନ୍ତି: ୨/୫୦

ଘରୋଇ ଦଳ ପକ୍ଷରୁ ରାଜେଶ ମହାନ୍ତି ଓ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ। ତାମିଲନାଡୁର ୨୮୧ ରନ ଓ ଓଡ଼ିଶା ବୋଲରଙ୍କ ୭ ୱିକେଟ୍ ସଫଳତା ବଳରେ ପ୍ରଥମ ଦିବସର ସମ୍ମାନ ଉଭୟ ଦଳ ବାଣ୍ଟିନେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS